
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 JULY 2020

Vol.No. 30 ■ No. 187 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା ,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## କୋଭିଡ୍ ଯୋଦ୍ଧା ପୋଲିସ ଅଧିକାରୀଙ୍କ ଶବକୁ ଅସମ୍ମାନ

### କରୋନା ଭୟରେ ମୃତଦେହ ପାଖ ମାଡିଲେନି ପରିବାର ଲୋକେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ

ଗଞ୍ଜାମ,୨୫।୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ପ୍ରଶାସନ ହେଉ କିମ୍ବା ଡ଼ାକ୍ତରଖାନା କର୍ତୃପକ୍ଷ ଜଣେ କରୋନା ଯୋଦ୍ଧାଙ୍କୁ ତଥା ପୋଲିସ ଅଧିକାରୀଙ୍କ ଶବକୁ କିପରି ଅସମ୍ମାନ କରିଛନ୍ତି ଏବଂ ପରିବାର ଲୋକେ ମଧ କରୋନା ସଂକ୍ରମଣ ଆଶଙ୍କାରେ ନିଜ ଲୋକକୁ କିପରି ପର କରିଦେଲେ ତାହାର ଏକ ଦାରୁଣ ଚିତ୍ର ଲୋକଲୋଚନକୁ ଆସିଛି । ଭଞ୍ଜନଗର କୋର୍ଟରେ କର୍ତବ୍ୟରତ ପୋଲିସ ଅଧିକାରୀ ଏଏସଆଇ ରବିନ୍ଦ୍ର ନାଥ ବେହେରା



(୫୦) ପ୍ରାୟ ୪ ଦିନ ହେଲା ଜ୍ୱର ଓ କାଶରେ ଆକ୍ରାନ୍ତ ହୋଇ ନିଜ କୋଦଳା ସ୍ଥିତ ଘରେ ରହୁଥିଲେ । ଗତକାଲି ଅପରାହ୍ନରେ ସେ ଗୁରୁତର ଅସୁସ୍ଥ ହେବାରୁ ଚିକିତ୍ସା ନିମନ୍ତେ ତାଙ୍କର ପୁଅ ଓ ପତ୍ନୀ ତାଙ୍କୁ କୋଦଳା ମେଡିକାଲରେ ଭର୍ତି କରିଥିଲେ । ତେବେ ରାତିରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

▶▶ପୃଷ୍ଠା ୭

## କଟକ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସମ୍ପର୍କରେ ତଥ୍ୟ ଦେଲା ପ୍ରଶାସନ

ଭୁବନେଶ୍ୱର ,୨୫।୭ (ନି.ପ୍ର): କଟକ ଜିଲ୍ଲାରେ କରୋନା ଆକ୍ରାନ୍ତ ହୋଇଥିବା ୪୭ ଜଣଙ୍କ ସମ୍ପର୍କରେ ଅଧିକ ତଥ୍ୟ ଦେଇଛି ଜିଲ୍ଲା ପ୍ରଶାସନ । ଆଜି କଟକ ମହାନଗର ନିଗମ ଅଂଚଳର ୩୫ ଜଣ କରୋନା ଆକ୍ରାନ୍ତ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ନିର୍ଶ୍ଚିନ୍ତ କୋଇଲି ଅଂଚଳରୁ ଜଣେ, ଡମପଡା ଅଂଚଳରୁ ଜଣେ, କଂଟାପଡା ଅଂଚଳରୁ ୨ ଜଣ , ସାଲେପୁର ଅଂଚଳରୁ ଜଣେ , ତିଗିରିଆ ଅଂଚଳରୁ ପାଂଚ ଜଣ ତଥା ଟାଙ୍ଗି ଅଂଚଳରୁ ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆ ଯାଇଛି ।

## ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇବ୍ ମାଟ୍ରିକ ପରୀକ୍ଷାର୍ ଫଳ




ଭୁବନେଶ୍ୱର ,୨୫।୭ (ନି.ପ୍ର): ଚଳିତ ମାସ ଶେଷ ସୁଦ୍ଧା ମାଟ୍ରିକ ପରୀକ୍ଷାର ଫଳାଫଳ ପ୍ରକାଶ ପାଇବ । ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ରାମାଶୀଷ ହାଜରା ଏହି ସୂଚନା ଦେଇଛନ୍ତି । ତେବେ ଏହି ଫଳାଫଳ କେଉଁ ନିର୍ଦ୍ଦିଷ୍ଟ ତାରିଖରେ ପ୍ରକାଶ ପାଇବ ସେ ସମ୍ପର୍କରେ ଦିନେ - ଦୁଇ ଦିନ ମଧ୍ୟରେ ସୂଚନା ଦିଆ ଯିବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଏହା ପୂର୍ବରୁ ମଧ୍ୟ ରାଜ୍ୟର ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ମାଟ୍ରିକ ପରୀକ୍ଷାର ଫଳାଫଳ ଜୁଲାଇ ୩୧ ସୁଦ୍ଧା ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ ।

## କରୋନାରେ ମୃତ୍ୟୁ ହେଲେ ଶବକୁ ମିଳିବ ସମ୍ମାନ : ଗାଇଡ୍ ଲାଇନ୍ ଜାରି କଲେ ସରକାର

ଭୁବନେଶ୍ୱର,୨୫।୭ (ନି.ପ୍ର): କରୋନାରେ ମୃତ୍ୟୁ ହେଲେ ମୃତଦେହକୁ ମିଳିବ ସମ୍ମାନ ।କରୋନା ସଂକ୍ରମିତଙ୍କ ମୃତ୍ୟୁ ପରେ ପରିବାରକୁ ହସ୍ତାନ୍ତର ନେଇ ସର୍ତମୂଳକ ଅନୁମତି ଦିଆଯିବ । ମୃତଦେହକୁ ସମ୍ମାନର ସହିତ ନେବା ପାଇଁ ଅନୁମତି ମିଳିବ। ମହାମାରୀ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତଦେହ ସତ୍କାର ନେଇ ରାଜ୍ୟ ସରକାରଙ୍କ ତରଫରୁ ଆଜି



ଗାଇଡଲାଇନ ଜାରି ହୋଇଛି। ଏନେଇ ସ୍ୱତନ୍ତ୍ର ରିଲିଫ କମିସନର (ଏସ୍ଆରସି) ପ୍ରଦୀପ କୁମାର ଜେନା ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିସନରମାନଙ୍କୁ ଚିଠି ଲେଖିଛନ୍ତି। ମୃତଦେହ ନ ଛୁଇଁ ନିଜର ଧର୍ମୀୟ ବ୍ୟବସ୍ଥାରେ ସତ୍କାର ପାଇଁ ଅନୁମତି ମିଳିବ ବୋଲି ଏସ୍ଆରସି ଶ୍ରୀ ଜେନା ଚିଠିରେ ଉଲ୍ଲେଖ କରିଛନ୍ତି । ମୃତଦେହକୁ ଲିକ୍ ପ୍ରୁଫ୍ ପ୍ଲାଷ୍ଟିକ୍ ବ୍ୟାଗ୍ ରେ ରଖାଯିବ। ବ୍ୟାଗ୍ ର ବାହାର ଅଂଶ କୁ ୧% ହାଇପୋକ୍ଲୋରାଇଟ୍ ଡିକଂଟାମିନେଟ୍ କରାଯିବ। ଯଦି କରୋନାରେ ମୃତ ବ୍ୟକ୍ତି ଅନ୍ତିମ ସତ୍କାର ସମୟରେ ପରିବାର ସଦସ୍ୟ ଯିବାକୁ ଚାହୁଁଛନ୍ତି, ତେବେ ସେଠାରେ ସେମାନଙ୍କୁ ନିଜର ଧର୍ମ ଅନୁସାରେ ମୃତଦେହକୁ ଛୁଇଁବାକୁ ସୁଯୋଗ ମିଳିବ ନାହିଁ । ମୃତଦେହ ଠାରୁ ଦୂରରେ ରହିବାକୁ ପଡ଼ିବ । ଏଥିସହିତ ପରିବାର ଲୋକଙ୍କୁ ମାସ୍କ ଓ ଗ୍ଲୋଭ୍ସ ପିନ୍ଧିବାକୁ ପଡ଼ିବ । ଅନ୍ତିମ ସଂସ୍କାର ସ୍ଥଳ ସର୍ବସାଧାରଣ ହୋଇଥିବାରୁ ଏଠାରେ ଛେପ ପକାଇପାରିବେ ନାହିଁ । ଏଥି ସହ ମୃତଦେହକୁ ଗାଧୋଇ ଦେବା, ଚୁମ୍ବନ, ଆଲିଙ୍ଗନ ଇତ୍ୟାଦି ସଂପୂର୍ଣ୍ଣ ବାରଣ କରାଯାଇଛି । ଶେଷକୃତ୍ୟ ପରେ ପରିବାର ସଦସ୍ୟଙ୍କୁ ଚିତାଭସ୍ମ ନେବାକୁ ଅନୁମତି ମିଳିବ। ପରିବାର ଲୋକେ ଶେଷକୃତ୍ୟରେ ଭାଗ ନ ନେଇ, ସରକାରୀ ବ୍ୟବସ୍ଥାରେ ସତ୍କାର ହେବ ।

## ବିଏମସି ଅଂଚଳରୁ ୧୧୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫।୭ (ନି.ପ୍ର): ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ମୋଟ ୧୧୧ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଟ୍ୱିଟ କରି ଏହି ସୂଚନା ଦେଇଛି । ବିଏମସି ପକ୍ଷରୁ କୁହା ଯାଇଛି ଆଜି ଚିହ୍ନଟ ହୋଇଥିବା ୧୧୧ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୬୨ଜଣ କ୍ୱାରେଂଟାଇନରୁ ଚିହ୍ନଟ ହୋଇଥିବା ବେଳେ ୪୯ଟି ସ୍ଥାନୀୟ ସଂକ୍ରମଣ ମାମଲା ରହିଛି । ଏହାକୁ ମିଶାଇ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୨୮ରେ ପହଂଚିଥିବା ବିଏମସି ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ବିଏମସି ଅଂଚଳରେ ଆଜି ୨୯ ଜଣ ସୁସ୍ଥ ହୋଇଛନ୍ତି । ଏହା ସହ ଭୁବନେଶ୍ୱର ଅଂଚଳରେ ସୁସ୍ଥ ଆକ୍ରାନ୍ତଙ୍କ ସଂଖ୍ୟା ୮୬୩ରେ ପହଂଚିଛି । ସମ୍ପ୍ରତି ୯୬୨ଟି ସକ୍ରିୟ ସଂକ୍ରମଣ ମାମଲା ରହିଛି ଏବଂ ୧୧ ଜଣ ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି । କଂଟାକ୍ଟ ଟ୍ରେସିଙ୍ଗ୍ ଚାଲିଛି । ପ୍ରାଥମିକ କଂଟାକ୍ଟ ଏବଂ ଆଖପାଖର ଘର, କ୍ୱାରେଂଟାଇକୁ ସାନିଟାଇଜ୍ କରାଯାଉଛି ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଇଛି ।

## ସୁସ୍ଥ ହେଲେ ଆଉ ୭୨୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର ,୨୫।୭ (ନି.ପ୍ର): କରୋନା ସଂକ୍ରମଣରୁ ଶନିବାର ରାଜ୍ୟର ୨୫ଟି ଜିଲ୍ଲାରୁ ୭୨୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଲୋକଙ୍କର ସଂଖ୍ୟା ୧୫ ହଜାର ୯୨୮ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଂଜାମ ଜିଲ୍ଲାରୁ ସର୍ବାଧିକ ୩୯୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୪୯ ଜଣ, କଟକ ଜିଲ୍ଲାରୁ ୪୩ ଜଣ, ବାଲେଶ୍ୱର ଜିଲ୍ଲାରୁ ୩୩ ଜଣ, ଯାଜପୁର ଜିଲ୍ଲାରୁ ୩୨ ଜଣ, ଗଜପତି ଜିଲ୍ଲାରୁ ୨୩ ଜଣ, ମୟୂରଭଂଜ ଜିଲ୍ଲାରୁ ୧୯ ଜଣ, ଅନୁଗୁଳ ଜିଲ୍ଲାରୁ ୧୮ ଜଣ, ଜଗତସିଂହପୁର ଓ ନୟାଗଡ଼ ଜିଲ୍ଲାରୁ ୧୭ ଜଣ ଲେଖାଏଁ, ସମ୍ବଲପୁର ଜିଲ୍ଲାରୁ ୧୧ ଜଣ, ମାଲକାନଗିରି ଜିଲ୍ଲାରୁ ୧୦ ଜଣ, ବରଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୭ ଜଣ ଲେଖାଏଁ, ବଲାଙ୍ଗୀର, ଝାରସୁଗୁଡ଼ା ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୫ ଜଣ ଲେଖାଏଁ, ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରୁ ୪ ଜଣ ଲେଖାଏଁ , କୋରାପୁଟ ଜିଲ୍ଲାରୁ ୩ ଜଣ, ବୌଦ୍ଧ ଓ କେନ୍ଦୁଝର ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି ।

## ରାଜ୍ୟରେ ଆଉ ଦଶ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୩୦ ହେଲା



ଭୁବନେଶ୍ୱର,୨୫।୭ (ନି.ପ୍ର) :ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୩୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ସୁନ୍ଦରଗଡ

▶▶ପୃଷ୍ଠା ୭

## ରାଜ୍ୟରେ ଗୋଟିଏ ଦିନରେ ଆଉ ୧୩୨୦ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୨୪୦୧୩ କୁ ବୃଦ୍ଧି

ଭୁବନେଶ୍ୱର,୨୫।୭ (ନି.ପ୍ର): ରାଜ୍ୟରେ ଆଉ ୧୩୨୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୪୦୧୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୩୨୦ ଜଣଙ୍କ ମଧ୍ୟରୁ ୮୮୭ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୪୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି




ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ

▶▶ପୃଷ୍ଠା ୭

## ପଶ୍ଚିମବଙ୍ଗକୁ ୪ ଟ୍ରେନ୍ ବାତିଲ



ଭୁବନେଶ୍ୱର , ୨୫ ଜୁଲାଇ – ଆଜି (ଶନିବାର) ଓ ୨୯ ତାରିଖ କୁ ପଶ୍ଚିମ ବଙ୍ଗ ସରକାର ସମ୍ପୂର୍ଣ୍ଣ ଲକଡାଉନ ଘୋଷଣା କରିଛନ୍ତି ।ଏଥିପାଇଁ କେତେକ ଟ୍ରେନ କୁ ବାତିଲ କରାଯାଇଥିବା ବେଳେ କେତେକର ଆଂଶିକ ବାତିଲ ଓ ରହଣି ଅପସାରଣ କରାଯାଇଛି। ବାତିଲ ହେଉଥିବା ଟ୍ରେନ ମଧ୍ୟରେ ୦୨୨୦୧/୦୨୨୦୨ ସିଆଲଦା-ଭୁବନେଶ୍ୱର-ସିଆଲଦା (କଲିକତା) ଦୁରନ୍ତ ସ୍ୱତନ୍ତ୍ର ଟ୍ରେନ ସିଆଲଦା ଠାରୁ ଜୁଲାଇ ୨୭ ତାରିଖ (ସୋମବାର) ଦିନ ଏବଂ ଭୁବନେଶ୍ୱର ରୁ ୨୮ ତାରିଖ (ମଙ୍ଗଳବାର) ଦିନ ବାତିଲ ରହିବ। ସେହିପରି, ୦୨୦୭୪/୦୨୦୭୩ ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଜୁଲାଇ ୨୫ ଓ ୨୯ ତାରିଖ ଦିନ ଉଭୟ ଦିଗରୁ ବାତିଲ ରହିବ। ଏହା ବ୍ୟତୀତ

▶▶ପୃଷ୍ଠା ୭

## ୮ ଶହ ଟପିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

### ଦିନକରେ୍ ୨ କରୋ୍ନା ରୋ୍ଗୀ ମୃତ

ବାଲେଶ୍ୱର,୨୫।୭ (ନି.ପ୍ର): ବାଲେଶ୍ୱରରେ ବଢୁଥିବା କରୋନା ସଂକ୍ରମଣ ଜିଲ୍ଲା ପାଇଁ ମହାବିପଦ ଭାବେ ଘନୀଭୁତ ହେବାରେ ଲାଗିଛି । ଆଜି ୨୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୦୮ରେ ପହଞ୍ଚିଛି । ଅନ୍ୟପକ୍ଷରେ ଅଦ୍ୟାବଧି ୬୦୬ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୯୮ ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ତେବେ ବାଲେଶ୍ୱରରେ ଆଜି ପ୍ରଥମ କରି ଦୁଇଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ନେଇ ସରକାରୀ ଭାବେ ଘୋଷଣା କରାଯାଇଛି । ରେମୁଣାର ଡାଇବେଟିସ୍ ଓ ମେଦବହୁଳ ରୋଗ ପୀଡ଼ିତ ୬୦ ବର୍ଷୀୟା ମହିଳା ଏବଂ ଗଣ୍ଠିବାତ ଓ ଇମ୍ୟୁନୋସପ୍ରେସନ ରୋଗରେ ପୀଡ଼ିତ ୩୭ ବର୍ଷର ଯୁବକଙ୍କର ଗତକାଲି ମୃତ୍ୟୁ ହୋଇଥିବା କୁହାଯାଇଛି । ପୂର୍ବରୁ ମଧ୍ୟ ଦୁଇଜଣ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିଲେ ବି ସେମାନଙ୍କୁ ଅନ୍ୟ ରୋଗ ଜନିତମୃତ୍ୟୁ ଭାବେ ତାଲିକାଭୁକ୍ତ କରାଯାଇ ନଥିଲା । ଅନ୍ୟପକ୍ଷରେ ଆଜି ଚିହ୍ନଟ ହୋଇଥିବା ୨୩ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୫ ଜଣ ଥିବାବେଳେ ଅନ୍ୟ ୧୮ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ଖଇରାର ୩ ଜଣ ଓ ଔପଦାରେ ଜଣେ କ୍ୱାରେଣ୍ଟାଇନ୍ ସେଣ୍ଟରରେ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ସହର ଅରଡ଼ବଜାରର ଜନୈକା ୩୮ ବର୍ଷିୟା ମହିଳା ଭୁବନେଶ୍ୱର ଏମ୍ସ ଆଇସୋଲେସନ ସେଣ୍ଟରରେ ରହିଛନ୍ତି ।

▶▶ପୃଷ୍ଠା ୭

## ଜଳ ସଂପଦ ବିଭାଗ କରିବ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର

ଭୁବନେଶ୍ୱର ,୨୫।୭ (ନି.ପ୍ର): ଜଳ ସଂପଦ ବିଭାଗ ପକ୍ଷରୁ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର କରାଯିବ । ଏହାଦ୍ୱାରା କେହି ଲୋକ ବିସ୍ଥାପିତ ହେବନି କି ଜଙ୍ଗଲ ଜମି ବୁଡ଼ିବନି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି । ଏହା ଦ୍ୱାରା ନଦୀ ଭିତରେ ହି ଜଳ ସଂରକ୍ଷଣ କରିହେବ । ଯାହା ଭୂତଳ ଜଳକୁ ଉପରକୁ ଉଠାଇବାରେ ସହାୟକ ହେବ । ପ୍ରତି ନଦୀରେ ୫ରୁ ୧୦ କିଲୋମିଟର ବ୍ୟବଧାନରେ ଏହା କରାଗଲେ ଲାଭ ମିଳିବ । ଏଥିପାଇଁ ଆର୍ଥିକ ପ୍ରାବଧାନ ବି ହୋଇଛି । ଏହା ଦ୍ୱାରା ଆଗକୁ ଯେଉଁ ଜଳ ସଂକଟର ଆଶଙ୍କା ଦେଖାଯାଇପାରେ, ତାକୁ ଏଡା ଯାଇପାରିବ ବୋଲି ସେ କହିଛନ୍ତି ।

## କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରୁଛନ୍ତି ରାଜ୍ୟସରକାର : ବିଜେପି

ଭୁବନେଶ୍ୱର ,୨୫।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀମାନଙ୍କୁ ମାଗଣାରେ ୫ କିଲୋ ଚାଉଳ ଏବଂ ୧ କିଲୋ ଡାଲି ଯୋଗାଇଦେବାର ଘୋଷଣା କରିଛନ୍ତି । ଏହା ପୂର୍ବରୁ ଚଳିତ ମାସ ପ୍ରଥମ ସପ୍ତାହରେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୧ କୋଟି ହିତାଧିକାରୀଙ୍କୁ ନଭେମ୍ବର ପର୍ଯ୍ୟନ୍ତ ମାଗଣାରେ ୫ କିଲୋ ଚାଉଳ ଏବଂ ୧ କିଲୋ ଡାଲି ଯୋଗାଇଦେବାର ଘୋଷଣା କରିଛନ୍ତି । ଏହି ନିଷ୍ପତିକୁ କେନ୍ଦ୍ର କ୍ୟାବିନେଟରେ ଅନୁମୋଦନ ମିଳିଛି । କେନ୍ଦ୍ର ସରକାରଙ୍କ ଯୋଜନା ଓ ନିଷ୍ପତିକୁ ନିଜେ ଘୋଷଣା କରି ରାଜ୍ୟସରକାର ବାହାସ୍ୱଟ ମାରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଦେଶରେ ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହେବା ସମୟରେ ରାଜ୍ୟର ଜନସଂଖ୍ୟା ୪ କୋଟି ୧୯ ଲକ୍ଷ ୭୪ହଜାର ୨୧୮ ଥିଲା । ଏହି ଯୋଜନାରେ ଓଡିଶାରୁ ୩ କୋଟି ୨୬ ଲକ୍ଷ ୪୧ ହଜାର ୮୦୦ ଲୋକଙ୍କୁ ସାମିଲ କରାଯାଇ ସେମାନଙ୍କୁ ମାସକୁ ୫ କିଲୋ ଚାଉଳ ଦିଆଗଲା । କେନ୍ଦ୍ରସରକାର କରିଥିବା ଏହି ଯୋଜନାରେ ହିତାଧିକାରୀଙ୍କୁ ୩ ଟଙ୍କା ଦେବାକୁ ପଡୁଥିଲା ବେଳେ ରାଜ୍ୟସରକାର କେବଳ ମାତ୍ର ୨ ଟଙ୍କା ଏବଂ ହିତାଧିକାରୀଙ୍କ

▶▶ପୃଷ୍ଠା ୭



## ଡେଲାଙ୍ଗ ଥାନା ପୋଲିସ୍ ର୍ ବଡ ସଫଳତା

# ଡକାୟତି ଗ୍ୟାଙ୍ଗର ୫ ଗିରଫ , ୧୦ କୋଟି ର ସମ୍ପତି ଜବତ



ଡେଲାଙ୍ଗ, ୨୫/୭ (ନି.ପ୍ର.): ପୁରୀ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ ଅଖିଳେଶ୍ୱର ସିଂ ଡେଲାଙ୍ଗ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଡେଲାଙ୍ଗ ଥାନା ପୋଲିସ୍ ଦ୍ୱାରା ଏକ ବଡଧରଣର ଡକାୟତ ଗ୍ୟାଙ୍ଗକୁ ସଫଳତାର ସହିତ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି । ଗତ ୧୬ ଜୁଲାଇ ୨୦୨୦ ରେ ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ଜେନାପୁର ଗ୍ରାମର ବିଜୟ ବେହେରା ଙ୍କ ଘରୁ ଡକାୟତମାନେ ସର୍ବସ୍ୱ ଲୁଟିନେଇଥିବା ନେଇ ଡେଲାଙ୍ଗ ଥାନାରେ ୧୭ଜୁଲାଇରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଡେଲାଙ୍ଗ ଥାନା ତଦନ୍ତ ଜାରୀ କରିବା ସମୟର ଅଭିଯୁକ୍ତ ପରିଚୟ ମିଳିଥିଲା । ଡେଲାଙ୍ଗ ଥାନା ଆଇଆଇସି ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନ ଚଢାଉ କରାଯାଇଥିଲା । ପ୍ରଥମେ ଅଭିଯୁକ୍ତ ବାପିଦାସ କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା । ତାକୁ ଜେରା କରିବା ସମୟରେ ବିଭିନ୍ନ ଅଂଚଳରୁ ଚୋରୀ କରିଥିବା ସୂଚନା ପାଇଥିଲେ । ଏହା ପଛରେ ବଡ ଡକାୟତ ଗ୍ୟାଙ୍ଗର ହାତଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ଜାଣିକୁ ପାଇଥିଲେ । ଏହି ଚୋରୀ ଘଟଣାର ପର୍ଦ୍ଦାଫାଶ ସମ୍ପର୍କରେ ଏସଡିପିଓ ଦେବଦତ୍ତ ବରାଳଙ୍କୁ ଜଣାଇଥିଲେ । ନୂତନ କରି ପୁରୀ ଏସପି ଭାବେ ଯୋଗ ଦେଇଥିବା ଶ୍ରୀ ସିଂ ଏହି ଘଟଣାକୁ ତଦନ୍ତ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଦେବା ସହ ପିପିଲି ଏସଡିପିଓ ଦେବଦତ୍ତ ବରାଳ ,ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଜଂନ ପଟ୍ଟନାୟକ, ମହିଳା ଏସ ଆଇ ଲାଇକା ମହାରଣା ,ସିପାହୀ ପ୍ରଶାନ୍ତ ପ୍ରଧାନ ଓ ଜିତେନ୍ଦ୍ର ସ୍ୱାଇଁ କୁ ନେଇ ତଦନ୍ତ ଟିମ ଗଠନ କରାଯାଇଥିଲା ।ତଦନ୍ତକାରୀ ଟିମ୍ ବିଭିନ୍ନ ସ୍ଥାନ ଚଢାଉ କରି ଡକାୟତି ଗ୍ୟାଙ୍ଗର ୪ଜଣ ଓ ଚୋରା ସାମଗ୍ରୀ ରଖିଥିବା ଜଣେ କ୍ରେତାକୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩ଲକ୍ଷ ୨୫ ହଜାର ୨ଶହ ଟଙ୍କା ସହିତ ୧କେଜି ୮୬୪ଗ୍ରାମ ସୁନା ଅଳଙ୍କାର ଓ ମୁଣ୍ଡା ସୁନା, ୩କେଜି ୫୫୭ଗ୍ରାମ ରୁପା ଅଳଙ୍କାର ଓ ରୁପା ମୁଣ୍ଡା ,କସାଂ ଓ ପିତଳ ବାସନକୁସନ,ସିଲଭର ବାସନକୁସନ ,ଗୋଟିଏ ହିରୋ ହୁଣ୍ଡା ମୋଟର ସାଇକେଲ,ଗୋଟେଏ ବାଇ ସାଇକେଲ୍ ,୫ଟି ମୋବାଇଲ ସହ ଗୋଟେ କଟୁରୀ ଜବତ କରିବାରେ ସଫଳ ହୋଇଛନ୍ତି । ଏହି ସମସ୍ତ ଚୋରୀ ସାମଗ୍ରୀର ମୁଲ୍ୟ ୧୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଗିରଫ ହୋଇଥିବା ଡାକାୟତ ଗ୍ୟାଙ୍ଗର ଅଭିଯୁକ୍ତ ମାନେ ହେଲେ ଖୋର୍ଦ୍ଧା ଜାମୁକୋଳି ଗ୍ରାମର ରମେଶ ଓରଫ ଲକ୍ଷ୍ମଣ ଦାସ (୪୦),ସୁର ଦାସ (୪୫),ଡେଲାଙ୍ଗ ଥାନା ହୁମର ଗ୍ରାମର ବାପି ଦାସ (୩୩) ଏହା ସହିତ ଚୋରୀ ସାମଗ୍ରୀ କ୍ରୟ କରିଥିବା ଅଭିଯୁକ୍ତ ପୁରୀ କୁମ୍ଭାରପଡା ଥାନା ସର୍ବୋଦୟ ନଗରର ପି ଶିବାନୀ ଆଚାରିଆ ଓରଫ ଦେବେନ୍ଦ୍ର ଆଚାରିଆ (୨୧ ) । ସୁର ଦାସ ଓ ରମେଶ ଦାସଙ୍କରର ଘର ଜାମୁକୋଳି ହୋଇଥିଲେ ମଧ୍ୟ ସେମାନେ ଡେଲାଙ୍ଗ ଥାନା ହୁମର ଓ ସୁଜନପୁର ଅଚଂଳରେ ରହି ଡକାୟତି ଯୋଜନା ପ୍ରସ୍ତୁତି କରୁଥିଲେ । ପୁର୍ବରୁ ରମେଶ ଓ ପ୍ରଭାକର ବିରୋଧରେ ୨୦୧୮ ମସିହାରେ ପିପିଲ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା ଓ ଦୁଇ ଜଣ କୋର୍ଟରୁ ଜାମିନରେ ଆସି ଏହି ଦକାୟତି ଗ୍ୟାଙ୍ଗର ନେତୃତ୍ୱ ନେଉଥିଲେ ବୋଲି ଏସପି ଶ୍ରୀ ସିଂଙ୍କ ପ୍ରେସ ବିଜ୍ଞପ୍ତିରୁ ସୂଚନା ମିଳିଛି ।

## ଚାକିରୀ ଅଙ୍ଗନୱାଡି କର୍ମୀ, କାମ ସାମାଜିକ କର୍ମୀ

ଭଦ୍ରକ, ୨୫/୭ (ହି.ସ.) - ଏହି ଜିଲାକୁ କରୋନା ମହାମାରୀ ଧୀରେ ଧୀରେ ଆକ୍ରମଣ କରିବାରେ ଲାଗିଛି । ଏହାକୁ ମୁକାବିଲା କରିବା ପାଇଁ ମଧ ସରକାରୀ ଓ ବେସରକାରୀ, ସ୍ୱେଚ୍ଛାସେବୀଅନୁଷ୍ଠାନ ମାନ ମଧ ଲାଗିପଡିଛନ୍ତି । ଏପରି ସ୍ଥଳେ ଜଣେ ମହିଳା ବି ଏହାକୁ ମୁକାବିଲା କରିବା ପାଇଁ ଆଗେଇ ଆସିଛନ୍ତି । ଭଦ୍ରକ ଜିଲାର ଧାମନଗର ବ୍ଲକ୍ ଦୋବଲ ପଂଚାୟତର ଜଣେ ମହିଳା ହେଲେ ସକିଲା ବେଗମ୍ । ଦୋବଲର ମୁସ୍‌ଲିମ୍ ବସ୍ତି, ମିନି ଅଙ୍ଗନୱାଡିର ସେ ଜଣେ କର୍ମୀ ଅଟନ୍ତି । ସରକାରଙ୍କ ନିର୍ଦ୍ଦେଶରେ ଲୋକଙ୍କ ଘର ଘର ବୁଲି ସଚେତନ କରାଇବା ସହ କରୋନାର ମୁକାବିଲା କରିବାକୁ ସେ ପରାମର୍ଶ ଦେଉଛନ୍ତି । ସରକାରୀ କାମ ବ୍ୟତୀତ ଗରିବ ଲୋକଙ୍କୁ ମାଗଣାରେ ମାକ୍ସ ଯୋଗାଇ ଦେବାକୁ ଇଚ୍ଛା କଲେ ସେ । ଫଳରେ ସ୍ୱଳ୍ପ ଦରମାକୁ ଖାତିର ନକରି ବଜାରରୁ କପଡା ଓ ରବର କିଣି ନିଜେ ମାସ୍କ ତିଆରି କରି ଗରିବ ଲୋକଙ୍କୁ ବାଣ୍ଟୁଛନ୍ତି ସେ । ଏହି ବିପତ୍ତି ସମୟରେ ଗରିବ ଲୋକଙ୍କୁ ଘର ଘର ନେଇ ମାସ୍କ ଦେବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି । ବେଗମ୍‌ଙ୍କ ଏପରି ସାମାଜିକ ସେବାକୁ ସାଧାରଣରେ ପ୍ରଶଂସା କରାଯାଇଛି । ଭଦ୍ରକ ଜିଲାପାଳ ଡ. ଜ୍ଞାନ ଦାସ ମଧ ଅଙ୍ଗନୱାଡି କର୍ମୀଙ୍କ ଏହିପରି ଉଦ୍ୟମକୁ ପ୍ରଶଂସା କରିଛନ୍ତି ।

## କାଳିଆ ଟଙ୍କା ଫେରସ୍ତ ନେଇ ନୋଟିସ, ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ

ନୂଆପଡା, ୨୫/୭ (ନି.ପ୍ର.): କାଳିଆ ଟଙ୍କା ପାଇଥିବା ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଟଙ୍କା ଫେରସ୍ତ କରିବାକୁ ଚାଷୀମାନଙ୍କ ପାଖକୁ ନୋଟିସ ଆସୁଛି । ଏହି ନୋଟିସ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କୃଷି ବିଭାଗଏକ ତାଲିକା ପ୍ରସ୍ତୁତ କରି ଆଯୋଗ୍ୟ ହିତାଧିକାରୀଙ୍କୁ ପାଇଥିବା କାଳିଆ ଯୋଜନାର ଟଙ୍କା ଫେରସ୍ତକରିବାକୁ ଚେତାବନୀ ଦିଆଯାଇଛି । ଫଳରେ ନୂଆପଡା ଜିଲ୍ଲାର ଚାଷୀକୂଳ ମାନଙ୍କ ମଧ୍ୟରେ ସରକାରଙ୍କ ଏଭଳି ନିଷ୍ପତିକୁ ନେଇଅସନ୍ତୋଷ ଦେଖାଦେଇଛି । ଗ୍ରାମ୍ୟ କୃଷି ଅଧିକାରୀ ମାନେ ଏନେଇ ଅଯୋଗ୍ୟ ହିତାଧିକାରୀଙ୍କ ଗ୍ରାମକୁ ଯାଇ ଏକଅବିକଳ ନୋଟିସ ଦେଇ ଅନ୍ୟ ନୋଟିସରେ ଦସ୍ତଖତ କରାଇ ନେଉଥିବା ଦେଖିବାକୁ ମିଳିଛି । ଏହି ଅଯୋଗ୍ୟ ତାଲିକାରେଜିଲ୍ଲାର ହାରାହାରୀ ୪ ହଜାରରୁ ଅଧିକ ହିତାଧିକାରୀ ଥିବା ସୂଚନା ମିଳିଛି । ଏହି ଅଯୋଗ୍ୟହିତାଧିକାରୀ ମାନେ ଆସନ୍ତା ୧ ମାସ ମଧ୍ୟରେ କାଳିଆ ଫେରସ୍ତ ଆକାଉଂଟରେ ଜମା ଦେଇ ତାର ରସିଦ କୃଷିଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଅନ୍ୟପକ୍ଷରେ ସରକାର ଏବଂ କୃଷି ବିଭାଗରଏଭଳି ନିଷ୍ପତିକୁ ସାଧାରଣରେ ନିନ୍ଦା କରାଯାଉଛି । ସରକାର ଭୋଟବ୍ୟାଙ୍କ ରାଜନୀତି କରି ଲୋକଙ୍କୁ କାଳିଆଟଙ୍କା ଦେଇ ଏବେ ଫେରସ୍ତ ମାଗିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଗାଁ ମାନଙ୍କରେ ଆଲୋଚନା ହେଉଛି । କାଳିଆଟଙ୍କା ପାଇଥିବା ହିତାଧିକାରୀ ମାନେ ଅଭିଯୋଗ କରି ଯଦି ଅଯୋଗ୍ୟ ତେବେ ସେମାନଙ୍କ ବ୍ୟାଙ୍କ ଖାତାକୁକାହିଁକି ଟଙ୍କା ପଠାଗଲା ବୋଲି ପ୍ରଶ୍ନ କରିଛନ୍ତି । ଆହୁରୀ ଜିଲ୍ଲାର କୃଷି ବିଭାଗରେ ଶହ ଶହ ସଂଖ୍ୟାରେ କୃଷିଅଧିକାରୀ ନିୟୋଜିତ ଥିବା ବେଳେ ସେମାନଙ୍କ ସକାଶେ ମାସିକ କୋଟି କୋଟି ଟଙ୍କା ଦରମା ପ୍ରଦାନକରାଯାଉଛି । ହେଲେ ସେହି ସମୟରେ ସେମାନେ ଯୋଗ୍ୟଅଯୋଗ୍ୟ କାହିଁକି ଘୋଷଣା କଲେନାହିଁ ବୋଲି ଅଯୋଗ୍ୟ ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି । କିଛିଅଯୋଗ୍ୟ ହିତାଧିକାରୀ ସେମାନଙ୍କ ପାଖରେ ଖାଇବାକୁ ନାହିଁ, ଏହି ସମୟରେ ଏହି ଟଙ୍କା କିପରି ଫେରସ୍ତ କରିବୁବୋଲି ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଏଦିଗରେ ଦୃଷ୍ଟି ଦେଇ ସମାଧାନର ପନ୍ଥା ବାହାର କରିବାକୁ ନୂଆପଡାଜିଲ୍ଲାର ଚାଷୀକୂଳ ଦାବୀ କରିଛନ୍ତି ।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସିପିଆଇର ଗଣ ଆନ୍ଦୋଳନ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କୁ ୧୦ ଦଫା ଦାବୀ ପତ୍ର ପ୍ରଦାନ

ଜୟପୁର, ୨୫/୭ (ନି.ପ୍ର.): କୋରାପୁଟ ଜିଲା ସିପିଆଇ ତରଫରୁ ଗଣ ଆନ୍ଦୋଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ଙ୍କୁ ୧୦ ଦଫା ସମ୍ବଳିତ ଦାବୀ ପତ୍ର ପ୍ରଦାନ କରିଛନ୍ତି । ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଅଭିଯୋଗ କରିଛନ୍ତି ଯେ, କରୋନା ମହାମାରୀ ମୁକାବିଲା ନାମରେ କେନ୍ଦ୍ର ରାଜ୍ୟ ସରକାର ଲକ୍ ଡାଉନ/ ସଟ୍ ଡାଉନ ଘୋଷଣା କରି ସାଧାରଣ ଲୋକଙ୍କୁ ଘରେ ବନ୍ଦ କରି ରଖି ପେଟ୍ରୋଲ, ଡିଜେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ସହିତ ବିଭିନ୍ନ ପ୍ରକାର ଶ୍ରମିକ, କୃଷକ ବିରୋଧୀ ଆଇନ ପ୍ରଣୟନ କରିଚାଲିଛନ୍ତି । ସାଧାରଣ ଲୋକ ଏହାର ପ୍ରତିବାଦ କରିବାକୁ ଗଲାବେଳେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ବେଆଇନ ଘୋଷଣା କରି ମିଥ୍ୟା ମାମଲା ରୁଜୁ କରାଯାଉଛି । କରୋନା ମୁକାବିଲାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ କାମ ଧନ୍ଦା ନ ପାଇ ଅନେକ ଲୋକ ଉପବାସରେ ରହୁଛନ୍ତି । ଅର୍ଥନୀତି ସମ୍ପୂର୍ଣ୍ଣ ଭୁଷୁଡି ପଡିଛି । ତେଣୁ ରାଜ୍ୟ ସରକାର ତୁରନ୍ତ ୧୦ ଦଫା ଦାବୀ ପୁରଣ କରନ୍ତୁ । ଉକ୍ତ ଦାବୀ ଗୁଡିକ ହେଲା, କରୋନା ମହାମାରୀ ନାମରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଯୁଦ୍ଧକାଳୀନ ଭିତିରେ ଏହାର ପ୍ରତିକାର ତୁରନ୍ତ କରାଯାଉ, ମନରେଗା ପ୍ରକଳ୍ପକୁ କାର୍ଯ୍ୟକାରୀ କରି ମଜୁରିଆ ଓ ବେରୋଜଗାରୀ ଯୁବକ ଯୁବତୀଙ୍କୁ କାମ ଧନ୍ଦା ଯୋଗାଇବା ସହ ସର୍ବନିମ୍ନ ୨ ଶହ ଦିନରେ କାମ ଓ ୬ ଶହ ଟଙ୍କା ଦିନ ମଜୁରୀ ଦିଆଯାଉ, ଆୟକର ଦେଉନଥିବା ସମସ୍ତ ପରିବାରଙ୍କୁ ସର୍ବନିମ୍ନ ୬ ମାସ ପର୍ଯ୍ୟନ୍ତ ୭ ହଜାର ୫ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ, ଏପିଏଲ/ବିପିଏଲ ବାଛ ବିଚାର ନକରି ପ୍ରତ୍ୟେକ ବ୍ୟକ୍ତି ପିଛା ୧୦ କେଜି ଚାଉଳ, ଗହମ ସମେତ ଅନ୍ୟ ରାସନ ସମଗ୍ରୀ ଦିଆଯାଉ, ଚାଷ ପାଇଁ ବିହନ ସାର, କୀଟନାଶକ ଔଷଧ ମାଗଣାରେ ଯୋଗାଇ ଦିଆଯାଉ, କୋରନା ମୁକାବିଲା ନାମରେ ରାଜନୈତିକ ସ୍ୱାର୍ଥସିଦ୍ଧି ପାଇଁ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବନ୍ଦ କରାଯାଉ ଆଦୀ ଦାବୀ ରହିଛି । ଏହି ଦାବି ପତ୍ର ପ୍ରଦାନ ସମୟରେ ପ୍ରମୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ମର୍ମନ୍ତୁଦ ସଡକ ଦୁର୍ଘଟଣା- ୨ ବାଇକ ଆରୋହୀ ମୃତ

ନୂଆପଡା, ୨୫/୭ (ନି.ପ୍ର.): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ନିକଟସ୍ଥ ୩୫୩ ନଂ ଜାତୀୟ ରାଜପଥ ନିକଟରେ ଏକମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଜଣ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ସୂଚନାମତେ ବରଗାଁ ପଂଚାୟତର ପୋଡାପାଲି ଗ୍ରାମର ରାଜକୁମାର ଶବର ଏବଂ ଡୁମେରବାହାଲ ଗ୍ରାମର ଦିବ୍ୟରଞ୍ଜନ ଘିଭେଲା ଉଭୟେ ସାଙ୍ଗ କୌଣସି କାମରେ କୋମନାକୁ ଯାଇଏକ ବାଇକ ଯୋଗେ ବିଳମ୍ବିତ ରାତ୍ରରେ ଫେରୁଥିବା ବେଳେ ରାୟପୁର ପଟରୁ ଆସୁଥିବା ଏକ ପିକଅପ ଭ୍ୟାନ ସହସାନମହେଶ୍ୱର ଗ୍ରାମ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ବାଇକରେ ଥିବା ଉଭୟ ରାଜୁଶବର ଏବଂ ଦିବ୍ୟରଞ୍ଜନ ଘିଭେଲା ଗୁରୁତର ଆହତ ହୋଇ ପଡି ରହିଥିଲେ । ଶେଷରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା । ଉଭୟଙ୍କ ବୟସ ୨୫ ବୋଲି ଜଣାପଡିଛି । ଖଡିଆଳ ପୁଲିସ ଘଟଣାସ୍ଥଳରେ ପହଂଚି ମୃତ ଶବକୁ ଜବତ କରି ବ୍ୟବଚ୍ଛେଦପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଘଟଣାର ତଦନ୍ତ ଚାଲୁ ରହିଥିବା ନେଇ ଥାନାଧିକାରୀକୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ବ୍ରହ୍ମବରଦାରେ କାଳିଆ ଟେନସନ

ଧର୍ମଶାଳା, ୨୫/୭ (ନି.ପ୍ର.): ସରକାର ଯୋଗ୍ୟ ହିତାଧିକାରୀମାନଙ୍କୁ କାଳିଆ ଯୋଜନାରେ ସାମିଲ କରାଯାଇ ସେମାନଙ୍କ ବ୍ୟାଙ୍କ ଏକାଉଂଟକୁ ଟଙ୍କା ପଠାଇଥିଲେ । ଏବଂ ଆବେଦନ ସମୟରେ କେତେକ ଅଯୋଗ୍ୟ ଏହି ଯୋଜନାରେ ସାମିଲ ହୋଇ ଟଙ୍କା ପାଇଥିଲେ । ହେଲେ ଏବେ କୃଷି ବିଭାଗ ଯୋଗ୍ୟ ଅଯୋଗ୍ୟ ହିତାଧିକାରୀମାନେ ଏକ ନିର୍ଦ୍ଦିଷ୍ଟ ଏକାଉଠଟରେ ଜମା କରିବାକୁ ଜଣାଛନ୍ତି । ତେବେ ଏହି ଘଟଣାକୁ ନେଇ ଅଯୋଗ୍ୟ ଶିବିରରେ କାଳିଆ ଟେନସନ ପଶିଛି । ଏହି ଟଙ୍କା ଫେରେଇବେ ନାଁ ନାହିଁ ଏବେ ସେମାନେ ଦ୍ୱନ୍ଦରେ ପଡିଛନ୍ତି । ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତରେ ଏହି କାଳିଆ ଟଙ୍କା ଫେରାଣକୁ ନେଇ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପଂଚାୟତରେ ଅନେକ ଲୋକେ ବିଦେଶରେ ରହୁଥିବା ବେଳେ ଅନେକ ଲୋକେଙ୍କର ଗାଡି,୨ ମାହାଲା ବିଶିଷ୍ଟ ଘର,୪ ଚକିଆ ଯାନ,ବଡବଡ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଅନେକ ସ୍କୁଲର ଛାତ୍ରଛାତ୍ରୀମାନେ ଏହି କାଳିଆ ଟଙ୍କା ପାଇଥିବା ଜଣାପଡିଛି । ହେଲେ ସେମାନଙ୍କ ନିକଟକୁ କିପରି ଏହି ଟଙ୍କା ଆସିବା ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏବେ ଏହି ଅଯୋଗ୍ୟମାନେ ଚିନ୍ତାରେ ପଡି ଯାଇଥିବା ବେଳେ ପଂଚାୟତକୁ ସେପରି କିଛି ନିର୍ଦ୍ଦେଶ ବା ନୋଟିସ ଆସି ନ ଥିବା ବ୍ରହ୍ମବରଦା ସରପଂଚ ବିଜୟ ଦାସ ପ୍ରକାଶ କରିଛନ୍ତି ।

## ଧାମରାରୁ ବିପୁଳ ପରିମାଣରେ ଚୋରା ମଦ ଜବଦ

ଭଦ୍ରକ, ୨୫/୭ (ହି.ସ.) - ଧାମରା ଥାନାର ସେକେଣ୍ଡ ଅଫିସର ପ୍ରିୟଦର୍ଶନୀ ସେଠୀ ଗତକାଲି ଧାମରା ବସଷ୍ଟାଣ୍ଡରେ ଥିବା ଏକ ଦୋକାନରୁ ବିପୁଳ ପରିମାଣରେ ଚୋରା ମଦ ଜବତ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ଜାଗୁଳା ଗ୍ରାମର ୨ଜଣ ଯୁବକ ଏକ ଦୋକାନରେ ଚୋରା ମଦ ବେପାର କରୁଥିବା ଖବର ଧାମରା ପୁଲିସ ପାଇ ସେହି ଦୋକାନ ଉପରେ ଅତର୍କିତ ଚଢାଉ କରିଥିଲେ । ସେହି ଦୋକାନରୁ ଧାମରା ପୁଲିସ ବିପୁଳ ପରିମାଣରେ ମଦ ଜବତ କରିବା ସହ ବେପାରରେ ଜଡିତ ଥିବା ୨ଯୁବକଙ୍କୁ ଥାନାକୁ ନେଇ ଯାଇଥିଲେ ।ଏ ନେଇ ଧାମରା ଥାନାରେ ୩୩/୨୦ରେ ଏକ କେଶ ରୁଜୁ କରାଯାଇଛି ।ଅନ୍ୟ ପକ୍ଷରେ ବିଳମ୍ବିତ ରାତିରେ ଆସାମୀ ୨ଜଣଙ୍କୁ ଛାଡି ଦେଇଥିବା ବେଳେ କେଉଁ ପରିସ୍ଥିତିରେ ଏହି ଯୁବକ ମାନଙ୍କୁ ଛଡାଗଲା ସେ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି ।

## ଜୟପୁର ସହରାଂଚଳକୁ ଚାରି ଦିନ ପାଇଁ ଶଟ ଡାଉନ ଘୋଷଣା କଲା ଜିଲ୍ଲା ପ୍ରଶାସନ

କୋରାପୁଟ/ ଭୁବନେଶ୍ୱର, ୨୫/୭ (ନି.ପ୍ର.): କୋରାପୁଟ ଜିଲ୍ଲା ପ୍ରଶାସନ ଜୟପୁର ସହରାଂଚଳକୁ ୪ ଦିନ ପାଇଁ ସଟଡାଉନ ଘୋଷଣା କରିଛି ।କରୋନା ମୁକାବିଲା କରିବାକୁ ଏପରି ପଦକ୍ଷେପ ନିଆ ଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରୀ କରା ଯାଇଛି ।
ଏହି ନିର୍ଦ୍ଦେଶନାମାରେ କୁହା ଯାଇଛି ଯେ ଆଜି ମଧରାତ୍ରିରୁ ୨୮ ତାରିଖ ମଧରାତ୍ରି ପର୍ଯ୍ୟନ୍ତ ସଟଡାଉନ ହେବ । ଏହି ସମୟରେ ଘର ଘର ବୁଲି କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କ ସର୍ଭେ କରାଯିବ ।

## ବାପାମାଁଙ୍କ ମୃତ୍ୟୁ ପରେ -୨ ଶିଶୁ ଅନାଥ

ନୂଆପଡା, ୨୫/୭ (ନି.ପ୍ର.): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ବୋଏରଗାଁ ପଂଚାୟତ ଅନ୍ତର୍ଗତ ବାଗଲୋର ଗ୍ରାମରେବାପା ମାଁଙ୍କ ମୃତ୍ୟୁ ପରେ ୨ ଶିଶୁ ଅସହାୟ ହୋଇ ପଡିଛନ୍ତି । ସୂଚନାମତେ ବାଗଲୋର ଗ୍ରାମର କାଳିଆମାଝୀ, ପତ୍ନୀ ତରୁଣୀ ମାଝୀ ଏବଂ ତାଙ୍କର ଶିଶୁକନ୍ୟା ମମିତା ମାଝୀ(୬) ଏବଂ ଶିଶୁପୁତ୍ର ଦିଗାମ୍ବର ମାଝୀ(୪)ସୁଖଦୁଃଖେ ରହି ଆସୁଥିଲେ । ହେଲେ କ୍ୟାନସର ରୋଗରେ କାଳିଆ ମାଝୀଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁପରେ ତରୁଣୀ ମାଝୀ ୨ ଶିଶୁଙ୍କୁ ନେଇ କୁଲିମଜୁରୀ କାମ କରି ଚଳି ଆସୁଥିଲେ । ହେଲେ ତରୁଣୀ ମାଝୀଙ୍କରମଧ୍ୟ ଝାଡାବାନ୍ତି ରୋଗରେ ମୃତ୍ୟୁ ହୋଇଗଲା । ଉଭୟ ବାପାମାଁଙ୍କ ମୃତ୍ୟୁ ପରେ ବର୍ତ୍ତମାନ ୨ ଶିଶୁ ଅନାଥହୋଇ ପଡିଛନ୍ତି । ଏନେଇ ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ଟିମଯାଇ ଉଭୟ ଅନାଥ ଶିଶୁଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ମଂଚ ୨ ଅନାଥ ଶିଶୁଙ୍କ ଭରଣପୋଷଣ, ଶିକ୍ଷା,ସ୍ୱାସ୍ଥ୍ୟ ସହ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ଯୋଗାଇ ଦେବାକୁ ଦାବୀ କରିଛନ୍ତି । ଏହାସହ ସେମାନଙ୍କୁ ୪ଡିସିମିଲର ଘରଡିହ, ୨ ଏକର ଚାଷଜମି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଜିଲ୍ଲାପ୍ରଶାସନ ଆଗରେ ଦାବୀ ଜଣାଇଛନ୍ତି ।

## ଗଜପତି ଜିଲ୍ଲାକୁ ୨୩ ତାରିଖ ସୁଦ୍ଧା ୧୫ ହଜାର ୧୫୦ ପ୍ରବାସୀ ଫେରିଲେଣି

### ୨୪୬ ସକ୍ରିୟ ମାମଲା; ୫୬୨ ସୁସ୍ଥ ହେଲେଣି

ପାରଳାଖେମୁଣ୍ଡି, ୨୫/୭ (ନି.ପ୍ର.): ଗଜପତି ଜିଲ୍ଲାକୁ ୨୩ ତାରିଖ ସୁଦ୍ଧା ୧୫ ହଜାର ୧୫୦ ଜଣ ପ୍ରବାସୀ ଫେରିଛନ୍ତି । ସମ୍ପ୍ରତି ଜିଲ୍ଲାରେ ୫୦ଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟର କାର୍ଯ୍ୟ କରୁଛି । ୧୧୭୧ ଜଣ ବର୍ତ୍ତମାନ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହୁଛନ୍ତି । ୧୩ ହଜାର ୯୭୯ ଜଣ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହି ସାରିଛନ୍ତି । ସେହିପରି ୧୩ ହଜାର ୩୨୫ ଜଣ ନିଜ ନିଜର କ୍ୱାରେଂଟାଇନ ଅବଧି ଶେଷ କରିବା ପରେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ୪୭୦୪ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇଛି । ୪୬୭୭ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ୨୩ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ୮୧୪ ରହିଛି । ୨୪୬ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ଅର୍ଥାତ୍ ୨୪୬ ଟି ସକ୍ରିୟ ମାମଲା ରହିଛି । ୫୬୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୬ ରହିଛି ।

---

## ବୀରପୁରୁଷୋତମପୁର ଶାସନ ଗ୍ରାମରେ ମାତିଛନ୍ତି ବିଦ୍ୟୁତ ବଲବ୍ ଚୋର

### ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

ପିପିଲି, ୨୫/୭ (ନି.ପ୍ର.): ପୁରୀ ଜିଲ୍ଲା ପିପିଲି ବ୍ଲକ୍ ପିପିଲି ଥାନା ତଥା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ବୀରପୁରୁଷୋତମପୁର ଶାସନ ଗ୍ରାମରେ ମାତିଛନ୍ତି ବିଦ୍ୟୁତ ବଲବ୍ ଚୋର । ବିଳମ୍ବିତ ରାତିରେ ଏକାଧିକ ଘର ସାମ୍ନାରୁ ଏମାନେ ବିଦ୍ୟୁତ ବଲବ୍ ଚୋରୀ କରୁଛନ୍ତି । ପ୍ରଥମେ ଦାଣ୍ଡ ବାରଣ୍ଡାରୁ ବଲବ୍ ଚୋରି କରି ଅନ୍ଧାର କରୁଛନ୍ତି । ପରେ ଅନ୍ଧାରର ସୁଯୋଗ ନେଇ ଏମାନେ ଅନେକ ସମୟରେ ଚୋରୀ କରୁଥିବା ଅଭିଯୋଗ ହେଉଛି । ଆଜି ସକାଳେ ମଧ ଅନୁରୂପ ଘଟଣା କ୍ରମେ ପ୍ରଥମ ଖଣ୍ଡିରେ ଏକାଧିକ ବ୍ୟକ୍ତିଙ୍କ ଘର ସାମ୍ନାରୁ ଅର୍ଥାତ୍ ଦାଣ୍ଡ ବାରଣ୍ଡାରୁ ବିଦ୍ୟୁତ ବଲବ୍ ଚୋରି ହୋଇଥିବା ଜଣାପଡିଥିଲା । ଘର ମାଲିକ ମାନେ ଏ ସମ୍ପର୍କରେ ଜାଣିବା ପରେ ପଡ଼ୋଶୀ ମାନଙ୍କୁ ମଧ ପଚରା ଉଚୁରା କରି ଏ ବାବଦରେ ବୁଝିବାକୁ ଚେଷ୍ଟା କରିଥିଲେ । ତେବେ ସାଇ ପଡ଼ିଶା ମଧ ଚୋରଙ୍କ ପାର୍ଦୁର୍ଭାବ ଆଶଙ୍କାରେ ଚୁପ୍ ରହୁଥିବା ପରିଲକ୍ଷିତ ହୋଇଛି । ଯାହାକୁ ନେଇ ଗ୍ରାମରେ ଜଣେ ଅନ୍ୟ ଜଣକ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ଘଟଣା ପ୍ରଚାରିତ ହେବା ପରେ ସାଧାରଣରେ ଚାପା ଉତେଜନା ପ୍ରକାଶ ପାଇଛି । ଗ୍ରାମର ବୁଦ୍ଧିଜିବୀ ମାନେ ଘଟଣାକୁ ନାପସନ୍ଦ କରିବା ସହ ଏହା କେତେକ ବେକାରିଆ ଯୁବକଙ୍କ କାମ ବୋଲି କହିଛନ୍ତି । ତେବେ ଅଧିକ ତଥ୍ୟ ନେବାରେ ଏହି ବେକାରିଆ ଯୁବକ ମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କୁଜିନେତା ବୋଲାଉଥିବା ଜଣାପଡିଛି । ପିପିଲି ପୋଲିସ ଓ ସାତଶଙ୍ଖ ଫାଣ୍ଡି ପୋଲିସ ଏହି ବଲବ୍ ଚୋରଙ୍କୁ ଧରିବା ଦିଗରେ ପଦକ୍ଷେପ ନେବା ସହିତ ସାତଶଙ୍ଖ ମଦ କାଉଂଟର, ବଜାର ଏରିଆ ଓ ବୀରପୁରୁଷୋତମପୁର ଶାସନ ଗ୍ରାମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକଙ୍କ ଆଡ୍ଡା ଜମୁ ଥିବାରୁ ଏସବୁ ସ୍ଥାନରେ ରାତ୍ରକାଳୀନ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି ।

## ବିଜୟ ମହାନ୍ତିଙ୍କ ପାଇଁ ଯୁଗେଚ୍ଛା ପକ୍ଷରୁ ଶ୍ରଦ୍ଧାଳି




ବାରିପଦା, ୨୫/୭ (ନି.ପ୍ର.): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅପ୍ରତିଦ୍ୱନ୍ଦୀ ଓଡିଆ ସିନେମା ଓ ନାଟ୍ୟ କଳାକାର ସ୍ୱର୍ଗତ ବିଜୟ ମହାନ୍ତିଙ୍କ ଉଦେଶ୍ୟରେ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ସାଧାରଣ ସମ୍ପାଦକ ସେବାନନ୍ଦ ନାରାୟଣ ଦେବଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଳି ସଭାରେ ଅମର ଆତ୍ମାର ସଦଗତି କାମନା ନିମନ୍ତେ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଳି ସଭାରେ ବରିଷ୍ଠ ସିନେ କଳାକାର ଅସୀତ ପତି, ସନ୍ତୋଷ ମହାନ୍ତି, ଧୀର ବସା, ସୁଧିର କର ମହାପାତ୍ର, ସତ୍ୟବାନ ସେଠୀ, ସ୍ୱରାଜ ବାରିକ, ଅନୁପ ଶାହା, ରତିକାନ୍ତ ବେହେରା, ଆଶିଷ କୁମାର ବସା, ଅନ୍ନଦା ଦାଶ, ପଙ୍କଜ କୁମାର ମଲ୍ଲିକ, ପଦ୍ମନାଭ ସାହୁ, ଜଗତ ଜୀବନ ରଥ, ସୟ ଚୌଧୁରୀ, ଫାଲଗୁନୀ ମହାନ୍ତି, ସୋମନାଥ ସିଂ ପ୍ରମୁଖ ନିଜନିଜର ବକ୍ତବ୍ୟରେ ସ୍ୱର୍ଗତଃ ମହାନ୍ତି ଜଣେ ଅନ୍ୟନ୍ୟ ସିନେ ଓ ମଂଚ କଳାକାର ଭାବରେ ଦୀର୍ଘବର୍ଷର ଯେଉଁ ନିଦର୍ଶନ ଛାଡିଯାଇଛନ୍ତି ତାହା ଆଗାମୀ ପିଢୀ ପାଇଁ ଖୋରାକ ଯୋଗାଇବ ବୋଲି କହିବା ସହିତ ତାଙ୍କର ବିୟୋଗ ଏକ ଅପୁରଣୀୟ କ୍ଷତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଦାସ, ଜ୍ଞାନ ରନ ପଣ୍ଡା, ପ୍ରଦୀପ କୁମାର ସାହୁ, ବିପ୍ଲବ ବାରିକ, ଅରୁଣ କୁମାର ସାହୁ, ଅସୀତ ଗିରି, ସୁବ୍ରତ କୁମାର, ମାନସ ପାଢୀ, ଦିବ୍ୟଜ୍ୟୋତି ମହାନ୍ତ, ଆକାଶ ମହାନ୍ତି, ଉପସ୍ଥିତ ରହି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଏଥି ସହିତ ପୂର୍ବତନ ନଗରପାଳ ଦୀନକୃଷ୍ଣ, ଚଳଚିତ୍ର ନିର୍ଦ୍ଦେଶକ ଗଦାଧର ପୁଟି, ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ, ପ୍ରଭାତ ମହାପାତ୍ର, କ୍ଷୀରୋଦ ସିଟ ପ୍ରମୁଖଙ୍କ ପ୍ରେରୀତ ଶ୍ରଦ୍ଧାଳି ବାର୍ତା ପାଠ କରାଯାଇଥିଲା । କରୋନା ମହାମାରୀ ପ୍ରତିବନ୍ଧକ ସରିବା ପରେ ସ୍ୱାଭାବିକ ଅବସ୍ଥା ଫେରିଲେ ଯୁଗେଚ୍ଛା ପକ୍ଷରୁ ବାରିପଦାର କଳାକାର ମାନଙ୍କୁ ନେଇ ବିଜୟ ମହାନ୍ତିଙ୍କ ଲିଖିତ ତିନିରୁ ଚାରୋଟି ନାଟକ ମଂଚସ୍ଥ କରାଯିବାର ନିଷ୍ପତି ହୋଇଥିବାର ଜଣାଯାଇଛି ।

## ଗାଜର

ଗାଜର ବିଶେଷ କରି ଦକ୍ଷିଣପଶ୍ଚିମ ଏସିଆରେ ପ୍ରଚୁର ପାରିମାଣର ଫଳୁଥିବାବେଳେ ଆଜିକାଲି ସବୁ ଅଞ୍ଚଳରେ ଚାଷ କରାଯାଉଛି । ପ୍ରାୟ ସବୁ ସମୟରେ ଏହା ମିଳିପାରୁଛି । ଏହା ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ପୌଷ୍ଟିକ ଖାଦ୍ୟ । ଏହାକୁ ଉଭୟ ରାନ୍ଧି ଖାଇବା ସହିତ କଞ୍ଚା କଞ୍ଚା ମଧ ଖିଆ ଯାଇଥାଏ ।



ଦୃଷ୍ଟିଶକ୍ତି:- ଗାଜରରେ ଅଧିକ ପରିମାର ଭିଟାମିନ ଏ ରାହିଥିବାରୁ ଏହା ଆଖି ପାଇଁ ଖୁବ ଭଲ । ଏଥିରେ ଥିବା ବିଟା କୋରେଟିନ ମୋତିଆ ହିନ୍ଦୁ କରିବା ସହିତ ଦୃଷ୍ଟି ଶକ୍ତି ବୃଦ୍ଧି କରିଥାଏ ।

ରକ୍ତଚାପ:- ଗାଜର ରକ୍ତଚାପ ରୋଗୀଙ୍କ ପାଇଁ ରାମବାଣ ତୁଲ୍ୟ କାମ କରିଥାଏ । ଏଥିରେ ବିଟା-କେରୋଟିନ, ଆଲ୍ଫା କେରୋଟିନ ଓ ଲୁଟେଇନ ପ୍ରଚୁର ପରିମାଣରେ ରହିଥାଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଥିବା କାରଣୁ କୋଲେଷ୍ଟ୍ରଲ ଓ ହୃଦଘାତ ହେବାର ଭୟ ଖୁବ କମ୍ ରହିଥାଏ ।

ମୁଖ ରୋଗ:- ଗାଜର ସ୍ୱାସ୍ଥ୍ୟ ଲାଗି ଖୁବ ଉପକାରୀ । ଏହାକୁ ଚୋବାଇ ଖାଇବା ଦ୍ୱାରା ଦାନ୍ତ ବିନ୍ଧା ଦୂର ହେବା ସହିତ ଦାନ୍ତ ଦୁର୍ଗନ୍ଧ ମଧ ଦୂର ହୋଇଥାଏ । ଗାଜରରେ ଭିଟାମିନ ସି ପ୍ରଚୁର ପରିମାଣରେ ରହିଛି । ଏହା ଦାନ୍ତ ମୂଳକୁ ଶକ୍ତ କରିଥାଏ ।

ହୃଦଘାତ ଦୂର କରେ:- ଯେଉଁ ଲୋକ ନିୟମିତ ଗାଜର ଖାଆନ୍ତି ସେମାନଙ୍କୁ ହୃଦରୋଗ ହେବାର ଭୟ ଖୁବ କମ ରହିଥାଏ । କାରଣ ଏଥିରେ ବିଟା କେରୋଟିନ ଉତ୍ତମ ମାତ୍ରାରେ ରହିଥାଏ । ହୃଦ ରୋଗକୁ କମ କରିଥାଏ ଗାଜର । ଏଥିସହିତ ଷ୍ଟ୍ରୋକ ହେବାର ଭୟକୁ କମ କରିଥାଏ । ଏଥିପାଇଁ ସପ୍ତାହକୁ ନିଶ୍ଚୟ ୫ଥର ଗାଜର ଖାନ୍ତୁ ।

ତ୍ୱଚାରେ ଚମକ:- ଆଣ୍ଟି- ଅକ୍ସିଡାଣ୍ଟ ଓ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥିବା କାରଣରୁ ଗାଜର ତ୍ୱଚାରେ ଚମକ ଆଣିଥାଏ । ଓ ସ୍ୱାସ୍ଥ୍ୟ ଲାଗି ଖୁବ ଉପଯୋଗୀ । ସୂର୍ଯ୍ୟ କିରୋଣରେ ଥିବା ଆଲଟ୍ରାଭାଓଲେଟ ରଶ୍ମୀ ପ୍ରଭାବରୁ ତ୍ୱଚାକୁ ରକ୍ଷା କରିଥାଏ ଗାଜର । ଖରାଦିନେ ଗାଜର ଖାଇବା ଫଳରେ ତ୍ୱଚାର ଶୁଷ୍କତା ଦୂର ହୋଇଥାଏ ।

ପାଚନ କ୍ରିୟା ଠିକ କରେ:- ଗାଜରରେ ପର୍ଯ୍ୟପ୍ତ ମାତ୍ରାରେ ଫାଇଭର ରହିଥାଏ, ଯେଉଁ କାରଣରୁ ପାଚନ କ୍ରିୟା ଉତ୍ତମ ହୋଇଥାଏ । ତେଣୁ ଖାଦ୍ୟ ଠିକ ଭାବରେ ହଜମ ହୋଇଯାଏ । ଏହା ସହ କୋଷ୍ଠ କାଠିନ୍ୟ ଓ ପେଟ ରୋଗ ଦୂର ହୋଇଥାଏ ।

ଲିଭରକୁ ସୁସ୍ଥ କରେ

ଏଥିରେ ପ୍ରଚୁର ପରିମାଣର ଭିଟାମିନ ଏ ରହିଥାଏ ଯାହାକି ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାରେ ମୁଖ୍ୟ ଭୂମିକା ନିଭାଇଥାଏ । ଏହା ଲିଭରରେ ବଢୁଥିବା ପ୍ୟାଯକୁ ଦୂର କରେ । ନିୟମିତ ଭାବେ ଗାଜର ଖାଇବ୧। ଫଳରେ ଛାତି ଜଳାପୋଡ଼ା ଓ ସଂକ୍ରମଣକୁ ଦୂର କରିଥାଏ ।

ମଧୁମେହ ନିୟନ୍ତ୍ରଣ:- ଗାଜର ଅଧିକ ମିଠା ଲାଗୁଥିଲେ ବି, ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । ଗାଜରରେ ରହିଥିବା ପ୍ରାକୃତିକ ଶର୍କରାକୁ ଶରୀର ସହଜରେ ଗ୍ରହଣ କରିଥାଏ । ଗାଜରରେ ଥିବା କେରୋଟେନାଇଡ୍ସ ରକ୍ତ ଶର୍କରା ସ୍ତରକୁ ନିୟମନ୍ତ୍ରିତ କରି ଏହାକୁ କମ କରିବାରେ ସହାୟକ ହୋଇଥାଏ ।

## ଲୋ ବ୍ଲଡ ପ୍ରେସର



ଲୋ ବ୍ଲଡ ପ୍ରେସର ବା ନିମ୍ନ ରକ୍ତ ଚାପ, ଅକ୍ସିଜେନକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ବାଧା ଦେଇଥାଏ । କେବଳ ଅକ୍ସିଜେନ ନୁହେଁ ଅନ୍ୟ ପୋଷକ ତତ୍ତ୍ୱ ମଧ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ବ୍ଲଡ ପ୍ରେରକୁ ସ୍ୱାସ୍ଥ୍ୟର ଭାଷାରେ ହାଇପୋଟେନସନ କୁହାଯାଏ । ବ୍ଲଡ ପ୍ରେସର କୌଣସି ବେମାରୀ ନୁହେଁ । କିନ୍ତୁଶରୀରରେ ସୃଷ୍ଟି ହୋଇଥିବା ଅନ୍ୟ ଗମ୍ଭୀର ବେମାରୀର ସଙ୍କେତ । ଏପରି ସ୍ଥଳେ କାହାରି ଶରୀରରେ ରକ୍ତ ପ୍ରବାହ ସାମାନ୍ୟରୁ ଯଦି କମବ ହୋଇଥାଏ ତେବେ ନିମ୍ନ ରକ୍ତିଚାପ ବା ଲୋ-ବ୍ଲଡ ପ୍ରେସର କୁହାଯାଏ । ଏଥିରେ ହୃଦୟ, କିଡନୀ, ଫୁସଫୁସ ଓ ମସ୍ତିଷ୍କ ଆଂଶିକ ଭାବରେ ବା ସମ୍ପୂର୍ଣ୍ଣ ଭାବରେ କାମ କରିବା ମଧ ବନ୍ଦ କରିଦେଇପାରେ । ଯଦି କୌଣସି ଔଷଧ ପାଇଁ ଲୋ ବ୍ଲଡ ପ୍ରେସର ରହୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧର ପରିମାଣ କମ କରିବା ବା ବନ୍ଦ କରିଦେବା ଉଚିତ । ପୋଷକ ତ୍ତ୍ୱ ପାଇଁ ଭରପରୁ ଖାଦ୍ୟ ।ଇବା ଉଚିତ । ଅଲଗା- ଅଲଗା ଫଳ, ପରିବା, ଶସ୍ୟ, କମ ଫ୍ୟାଟ ଥିବା ମାଂସ ଓ ମାଛକୁ ଭୋଜନ କରିବା ଉଚିତ । ଖାଦ୍ୟରୁ ଆଳୁ, ଭାତ ଓ ବ୍ରେଡ ପରି ଅଧିକ କାର୍ବୋହାଇଡ୍ରେଟ ଥିବା ଖାଦ୍ୟ ପଦାର୍ଥର ପ୍ରୟୋଗ କମ କରନ୍ତୁ । ସ୍ମୋକିଂ କରିବା ଅନୁଚିତ, ସକ୍ରିୟ ରହି ଅଧିକ ଝାଳ ବାହାରିବା ପରି କାମ କରିବା ଉଚିତ ନୁହେଁ । ଅଧିକ ଖରାରେ ବାହାରନ୍ତୁ ନାହିଁ ଓ ପର୍ଯ୍ୟାପ୍ତ ମାତ୍ରରରେ ଲୁଣ ଖାଇବା ଉଚିତ ଓ ଅଧିକ ଟେନସନ ନେବା ଉଚିତ ନୁହେଁ । ଏହା ଉପରେ ଗୁରୁତ୍ୱ ଦେଲେ ଲୋ ବିପିରୁ ରକ୍ଷା ପାଇପାରିବେ ।

### ଉପଚାର:

ବ୍ଲଡ ପ୍ରେସର ଲୋ ହେଲେ- ୧ ତୁରନ୍ତ ବସିଯାଆନ୍ତୁ ବା ଶୋଇ ପଡ଼ନ୍ତୁ । ହାତ ମୁଠା ବନ୍ଦ କରନ୍ତୁ ଓ ଖୋଲନ୍ତୁ । ଗୋଡ଼ ହଲାନ୍ତୁ(୨) ଲୁଣ ଓ ଚିନି ମିଶ୍ରିତ ପାଣି ଓ ଚା ପିଅନ୍ତୁ । ଗୋଡ଼ ତଳେ ଦୁଇଟି ତକିଆ ଦେଇ ଶୁଅନ୍ତୁ । (୩) ଯେଉଁ ଲୋକମାନେ ପ୍ରଥମରୁ ଉଚ୍ଚ ରକ୍ତଚାପ ଔଷଧ ଖାଉଛନ୍ତି, ସେମାନେ ଔଷଧ ଖାଉଛନ୍ତି । ସେମାନେ ଔଷଧ ଖାଇବା ବନ୍ଦ କରନ୍ତୁ । (୪) ଅତି କମରେ ଆଠ ଗ୍ଲାସପାଣି ଓ ଜୁସ ଇତ୍ୟାଦି ପ୍ରତ୍ୟେକଦିନପିଅନ୍ତୁ ।(୫) ଭୋଜନରେ କାର୍ବୋହାଇଡ୍ରେଟର ମାତ୍ରା କମ କରନ୍ତୁ ।(୬) ଏହା ବ୍ୟତୀତ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



## ୩ବର୍ଷରେ ୫୦ କୋଟିର ନକଲି ନୋଟ୍ ଜବତ




ଗତ ୩ବର୍ଷରେ ୫୦କୋଟି ଟଙ୍କାରୁ ଅଧିକ ନକଲି ନୋଟ ଜବତ ହୋଇଛି । ଏ କଥା କେନ୍ଦ୍ର ସରକାର ଜୁନ ମାସରେ ପ୍ରକାଶ କରିଥିଲେ । ଇତିମଧରେ ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ) କହିଛି, ବଜାରକୁ ଅସଲି ନୋଟ ଭଳି ଜାଲ ନୋଟ ପୁଣି ଆସିଯାଇଛି । ଏହି ଅବସରରେ ଗୁଜବ ପ୍ରଚାରିତ ହେଉଛି ଯେ, ୨୦୦୦ ଟଙ୍କିଆ ନୋଟ ପ୍ରଚଳନ ବନ୍ଦ ହୋଇଯିବ । ଏପରି ଗୁଜବର ମୂଳ କାରଣ ହେଲା ଆଜିକାଲି ଏଟିଏମଗୁଡ଼ିକରୁ ଆଉ ୨ହଜାର ଟଙ୍କିଆ ନୋଟ ବାହାରୁ ନାହିଁ । ବଜାରରୁ ମଧ ଏହି ନୋଯ ଧୀରେଧୀରେ ଉଭେଇ ଯାଉଛି । ସରକାର କଳା ଧନ ଉପରେ। ଲଗାମ ଲଗାଇବା ଉଦ୍ଦେଶ୍ୟରେ ୨୦୧୬ରେ ବିମୁଦ୍ରୀକରଣ ଅନୁଯାୟୀ ସେତେବେଳେ ଚଳୁଥିବା ୫ଶହ ଓ ହଜାରେ ଯଙ୍କିଆ ନୋଟ ବ୍ୟାନ କରି ନୂଆ ୫ ଶହ ଓ ୨ହଜାର ଟଙ୍କିଆ ନୋଟ ଜଚାରି କରିଥିଲେ । ଏକ ସୂଚନା ଅଧିକାର (ଆରଟିଆଇ) ଉତ୍ତରରେ ରିଜର୍ଭ ବ୍ୟାଙ୍କ କହିଛି- ୨୦୧୬-୧୭ ଆର୍ଥିକ ବର୍ଷରେ ୩,୫୪୨.୯୯୧ ନିୟୁତ ୨ ହଜାର ଟଙ୍କିଆ ନୋଟ ଛପା ଯାଇଥିଲା । ତା ପରବର୍ଷ ଛପାଗଲା ୧୧୧.୫୦୭ ନିୟୁତ ନୋଟ । ୨୦୧୮-୧୯ରେ ଏହି ନୋଟର ଛପା ସଂଖ୍ୟାକୁ ଆହୁରି କମାଇ ୪୬/୬୯୦ ନିୟୁତରେ ସୀମିତ ରଖାଗଲା । ୨ହଜାର ଟଙ୍କିଆ ନୋଟ ଯେଉଁ ଉଦ୍ଦେଶ୍ୟରେ ଛପା ଯାଇଥାଉ ନା କାହିଁକି ସାଧାରଣ ଲୋକଙ୍କ ପାଇଁ ଏହା କୌଣସି ସମୟରେ ସୁବିଧାଜନକ ହୋଇ ନାହିଁ । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବାସୀ ଏତେ ବଡ଼ ନୋଟରେ କିଣାକିଣି କରିବାରେ ହଇରଣା ହେଉଛନ୍ତି । ଦୋକାନୀ ଅଳ୍ପ କେତେ ଟଙ୍କାର ସାମଗ୍ରୀ ଦେଇ ୨ହଜାର ଟଙ୍କା ବଙ୍ଗାଇବାକୁ ନାରାଜ । ଅନାବଶ୍ୟକ । ପୁଣି ୨ହଜାର ଯଙ୍କିଆ ନୋଟ ଦ୍ୱାରା କଳାଧନ ଜମାହେବା ଆଙ୍କା ବଢ଼ିଛି । ସଦ୍ୟତମ ସୂଚନା ଅନୁଯାୟୀ ରିଜର୍ଭ ବ୍ୟାଙ୍କ ୨ହଜାର ଟଙ୍କିଆ ନୋଟ ଛାପିବା ବନ୍ଦ କରିଦେଇଛି । ଅର୍ଥାତ ଆଉ ଏହି ନୋଟ ସପ୍ଲାଇ କରାଯାଉ ନାହିଁ । ଅପରପକ୍ଷେ ଦୈନିକ ୩ହଜାର କୋଟି ଟଙ୍କାର ୫୦୦ ଟଙ୍କିଆ ନୋଟ ସପ୍ଲାଇ କରାଯାଉଛି । ଏବେ ୭ଲକ୍ଷ କୋଟି ଟଙ୍କା ମୂଲ୍ୟର ୨ହଜାର ଟଙ୍କିଆ ନୋଟ ସର୍କୁଲେସନରେ ଅଛି । ତେବେ ୨ହଜାର ଟଙ୍କିଆ ନୋଟକୁ ଅଚଳ କରାଯିବା ସମ୍ପର୍କରେ ଏ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିର୍ଦ୍ଦେଶ ଆସି ନାହିଁ ।

## କଦଳୀ





କଦଳୀ ଏକ ସ୍ୱାଦିଷ୍ଟ ଫଳ । କଞ୍ଚା ବେଳେ ଏହାକୁ ତରକାରୀ କରି ଖାଇଥାନ୍ତି ଓ ପାଚିଲା ବଦଳୀ ଖାଇବାକୁ ଖୁବ ସ୍ୱାଦିଷ୍ଟ । ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ । ଆସନ୍ତୁ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା କଦଳୀକୁ ଆମେ କେଉଁ ସବୁ କାମରେ ଲଗାଇଥାଉ ।

- ◆ ପ୍ରାୟ ସବୁ ପୂଜାରେ ପାଚଲାକଦଳୀର ଉପଯୋଗ କରାଯାଇଥାଏ । କଞ୍ଚାକଦଳୀ ମଧ ବିଭିନ୍ନ ପ୍ରକାରର ପୂଜା ଓ ଶ୍ରାଦ୍ଧ କର୍ମରେ ବ୍ୟବହାର କରାଯାଏ ।
- ◆ କଦଳୀ ପତ୍ର ବିଭିନ୍ନ ପୂଜା କାର୍ଯ୍ୟରେ ଲାଗିବା ସହିତ ଏଥିରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ ଭଲ ।
- ◆ କଦଳୀର ଭର୍ଡାକୁ ତରକାରୀ କରି ଖିଆଯାଏ ।
- ◆ କଦଳୀ ଗଛର ପାଟୁଙ୍ଗରେ ଡଙ୍ଗା କରି କାର୍ତ୍ତିକ ମାସରେ ଭସାଇଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି ।
- ◆ ଏହାର ପାଟୁଙ୍ଗାକୁ ଶୁଖାଇ ଏଥିରେ ଶିକା କରାଯାଏ, ଯେଉଁଥିରେ ବସ୍ତୁ ଧରା ଗଡ଼ି ବନ୍ଧାଯାଏ । ଏହାକୁ ବାଣିକରି ଦୋକାନୀମାନେ, ଛୁଇଁ ଓ ଶାଗ ଆଦି ବାନ୍ଧି ବିକ୍ରି କରିଥାନ୍ତି ।
- ◆ କଦଳୀ ମଞ୍ଜା ତରକାରୀ ଖାଇବାକୁ ଖୁବ ଦ୍ୱାଦିଷ୍ଟ ଓ ଏହା ସ୍ୱାସ୍ଥ୍ୟ ପାଇ ଖୁବ ଉପକାରୀ ।
- ◆ ଛେନା , କଦଳୀ ଓ ଗୁଡ଼ ଚକଟି ମହାଲକ୍ଷ୍ମୀଙ୍କୁ ଭୋଗ ତଥା ପଣା ପ୍ରସ୍ତୁତ କରାଯାଇଥାଏ ।
- ◆ ଚୂଡ଼ାରେ ପାଚିଲା କଦଳୀପକାଇ ଖାଇବା ଫଳରେ ପେଟର ରୋଗ ଦୂର ହୋଇଥାଏ ।
- ◆ କଦଳୀ ପକାଇ ମାଲପୁଆ ତିଆରି କରାଯାଏ । କଞ୍ଚା କଦଳୀକୁ ବ୍ୟବହାର କରି ଭଜା କିମ୍ବା ଅନ୍ୟା ତରକାରୀ ପ୍ରସ୍ତୁତ କରାଯାଇଥାଏ । କଦଳୀରେ ପୋଟାସିୟମ ରହିଛି ଯାହା ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତ ଚାପକୁ ଦୂର କରିଲେ । ଉପକାରୀ । ଏଥିରେ ଫଶଇଭର, ଭିଟାମିନ, ଖଣିଜଜ, ଫାଇଟୋକେମିକାଲ ଓ ଆଣ୍ଟି ଅକ୍ସିଡାଣ୍ଡ ରହିଛି ଯାହା ଟାଇପ-୨ ଡାଇବେଟିସ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେଣୁ ମଧୁମେହ ରୋଗୀଙ୍କ ପାଇଁ କଦଳୀ ଅତ୍ୟନ୍ତ ଭଲ ।
- ◆ କଦଳୀ ତ୍ୱଚା ପାଇଁ ପ୍ରାକୃତିକ ମଶ୍ଚରାଇଜର କରି କାମ କରିଥାଏ । ଏଥିରେ ଥିବା ଭିଟାମିନ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ ଏଥିରେ ଥିବା ଭିଟାମିନ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ । କଦଳୀ ମାକ୍ସ ଲଗାଇବା ଦ୍ୱାରା ତ୍ୱଚାରେ ଏକ ଭିନ୍ନ ଚମକ ଆସିଥାଏ ।

## ବାସି ଭାତ ଖାଇବାର ଆବଶ୍ୟକତା

- ■ ବିଶେଷଜ୍ଞ ଦଳ ୯ମାସ ପରୀକ୍ଷା କରିବା ପରେ ପ୍ରକାଶ କରିଛନ୍ତି ଯେ ବାସି ଭାତରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଥିବାରୁ ତାହା ଆମ ଶରୀରକୁ ଶକ୍ତି ଯୋଗାଇବା ସହ ରୋଗପ୍ରତିରୋଧକ ଶକ୍ତି ମଧ ବଢ଼ାଇଥାଏ ।
- ■ ସପ୍ତାହକୁ ଅତିକମରେ ୩ଦିନ ବାସିଭାତ ଖାଇଲେ ଅଲ୍ପ ପରି ରୋଗରୁ ମୁକ୍ତି ମିଳିବାର ସମ୍ଭାବନା ରହିଥିବାର ଗବେଷକଙ୍କ ମତ । ପ୍ରାୟତଃ ବାସି ଭାତକୁ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରି କିମ୍ବା ସଜ ଭାତରେ ମିଶାଇ ଖାଉଥିବା ଲୋକଙ୍କ ତ୍ୱଚାରେ ଚମକ ଆସିଥାଏ ।
- ■ ବାସି ଭାତରେ ଆଇରନ, ପୋଟାସିୟମ, କ୍ୟାଲସିୟମର ପରିମାଣ ଅଧିକ ଥାଏ ।
- ■ ବିଶେଷଜ୍ଞଙ୍କ ମତରେ ନିୟମିତ ଏହା ଖାଇଲେ ଶରୀରର ମେଦ ବୃଦ୍ଧି ହୋଇନଥାଏ ଓ ଜଣେ ଲୋକ ସୁସ୍ଥ ମଧ ରହେ ।

## ସୋମନାଥ ମନ୍ଦିର











ଗୁଜୁରାଟସ୍ଥିତ ସୋମନାଥ ମନ୍ଦିର ଭଗବାନ ଶିବଙ୍କର ୧୨ ଜ୍ୟୋତିଲିଙ୍ଗ ମଧରେ ପ୍ରମୁଖ ବୋଲି ମାନ୍ୟତା ରହିଛି । ଏହୀ ମନ୍ଦିରର ନିର୍ମାଣରେ ଅନେକ ଧାର୍ମିକ ଓ ପୌରାଣିକ କାହାଣୀ ଜଡ଼ିତ । ଏହି ମନ୍ଦିରର ନିର୍ମାଣ ଚନ୍ଦ୍ର ଦେବ ସୋମରାଜ କରିଥିଲେଓ ଏହାର ବର୍ଣ୍ଣନା ରଗବେଦରେ ମଧ ରହିଛି ।

ସୋମନାଥ ମନ୍ଦିର ଅତ୍ୟନ୍ତ ସମୃଦ୍ଧ ଓ ବୈଭବଶାଳୀ ହୋଇଥିବାରୁ ଅନେକବାର ପର୍ତ୍ତୁଗୀଜ ଓ ମୁସଲିମ ଆକ୍ରମଣକାରୀଙ୍କ ଦ୍ୱାରା ଭଙ୍ଗାଯାଇ ହିନ୍ଦୁ ରାଜାମାନଙ୍କ ଦ୍ୱାରା ପନୁନଃନିର୍ମାଣ କରାଯାଇଥିଲା । ବର୍ତ୍ତମାନର ସୋମନାଥ ମନ୍ଦିର ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ପୁନଃ ନିର୍ମାଣ ପ୍ରାଚୀନ ହିନ୍ଦୁ ବାସ୍ତୁକଳା ଓ ଚାଲୁକ୍ୟ ବାସ୍ତୁଶୈଳୀ ଦ୍ୱାରା କରାଯାଇଛି । ଲୋକଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏହି ପବିତ୍ର ସ୍ଥଳରେ ନିଜ ଶରୀର ତ୍ୟାଗ କରିଥିଲେ । ଗୁଜଚୁରାଟର ପଶ୍ଚିମତଟର ସୌରାଷ୍ଟ୍ରରେ ବେରାବଲ ବନ୍ଦର ପାର୍ଶ୍ୱରେ ପ୍ରଭାସ ପାଟନରେ ସ୍ଥିତ ଏହି ମନ୍ଦିର ଇତିହାସର ଉତଥାନ ଓ ପତନର ପ୍ରତୀକ । ୧୯୫୧ ମସିହାରେ ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିରରେ ଜ୍ୟୋର୍ତିଲିଙ୍ଗଙ୍କ ସ୍ଥାପନା କରାଯାଇଥିଲା । ୧୯୬୨ ମସିହାରେ ଭଗବାନ ଶିବଙ୍କୁ ସମର୍ପିତ ଏହି ହିନ୍ଦୁ ପବିତ୍ର ଧାମ ପୂର୍ଣ୍ଣରୂପରେ ନିର୍ମିତ ହୋଇଥିଲା । ୧୯୯୫ ମସିହା ଡିସେମ୍ବର ୧ତାରିଖରେ ପୂର୍ବ ରାଷ୍ଟ୍ରପତୀ ଶଙ୍କର ଦୟାଲ ଶର୍ମାଏହି ପବିତ୍ର ତୀର୍ଥଧାମକୁ ସାଧାରଣ ଜନତାଙ୍କ ନିମନ୍ତେ ସମର୍ପଣ କରିଦେଇଥିଲେ । ବତ୍ତମାନ ଲକ୍ଷାଧିକ ଲୋକଙ୍କର ଏହା ଅସ୍ଥାର କେନ୍ଦ୍ର କହିଲେ ଅତ୍ୟନ୍ତି ହେବ ନାହିଁ । ଧାର୍ମିକ ଶାସ୍ତ୍ର ଓ ଗ୍ରନ୍ଥ ଅନୁସାରେ ଭାରତର ପ୍ରମୁଖ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ଏହି ସୋମନାଥ ମନ୍ଦିରକୁ ସ୍ୱୟଂ ଚନ୍ଦ୍ରଦେବ ଅର୍ଥାତ ସୋମ ଗଭଗବାନ ନିର୍ମାଣ କରିଥିଲେ । ଚନ୍ଦ୍ର ଦେବ ରାଜା ଦକ୍ଷ ପ୍ରଜଜାପତିଙ୍କର ସମସ୍ତ ୨୭ ପୁତ୍ରୀଙ୍କୁ ବିବାହ କରିଥିଲେ ଚନ୍ଦ୍ର ଦେବଙ୍କ ସମସ୍ତ ପତ୍ନୀଙ୍କ ମଧ୍ୟରୁ ରୋହିଣୀ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ଚନ୍ଦ୍ରଦେବ ତାଙ୍କୁ ଅଧିକ ଭଲ ପାଉଥିଲେ । ତେଣୁ ପୁତ୍ରୀମାନଙ୍କ ମଧ୍ୟରେ ଭେଦଭାବ ଦେଖି ରାଜା ଦକ୍ଷ ପ୍ରଜାପତି ସେ ଚନ୍ଦ୍ର ଦେବଙ୍କୁ କ୍ଷୟଗ୍ରସ୍ତ ହେବାର ଅଭିଶାପ ଦେଇଥିଲେ । ଏହାପରେ ସେ ଭଗବାନ ଶିବଙ୍କୁ କଠୋର ଆରାଧନା କଲେ । ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଅମରତ୍ୱ ବର ପ୍ରଦାନ କଲେ, ଯାହାଦ୍ୱାରା ରାଜା ଦକ୍ଷଙ୍କର ଶାପରୁ ମୁକକ୍ତି ମିଳିଲା ଓ ଏହା ସହିତ କୃଣେପକ୍ଷରେ ଚନ୍ଦ୍ର ଦେବଙ୍କ ଚମକ କମ ହେବ ଓ ଶୁକ୍ଳ ପକ୍ଷରେ ତାଙ୍କର ଚମକ ବୃଦ୍ଧିପାଇବ ବୋଲି ଭଗବାନ ଶିବ କହିଥିଲେ । ଏହି ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କର ମହିମାର ଉଲ୍ଲେଖ ହିନ୍ଦୁ ଧର୍ମର ପ୍ରସିଦ୍ଧ ମହାକାବ୍ୟ ଶ୍ରୀମଦ ଭାଗବତ ଗୀତା, ମହାଭାରତ ଓ ସ୍କନ୍ଦ ପୁରାଣ ଆଦିରେ ମଧ କରାଯାଇଛି । ଏହା ସହିତ ଏହି ମନ୍ଦିରର ଉଲ୍ଲେଖ ରଗବେଦରେ ମଧ କରାଯାଇଛି । ମାନ୍ୟତା ଅନୁସାରେ ଭଗବାନ ଶିବଙ୍କର ଏହି ପ୍ରସିଦ୍ଧ ଜ୍ୟୋତିଲିଙ୍ଗଙ୍କର ଦର୍ଶନ ମାତ୍ରେ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୁଏ । ଏବଂ ସୋମନାଥ ମନ୍ଦିରରେ ପୂଜା ଆରାଧନା ଦ୍ୱାରା ଭକ୍ତଙ୍କର କ୍ଷୟରୋଗ ମଧ ଦୂର ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଦେହତ୍ୟାଗ କରିଥିବାରୁ ଏହି ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଆଗ୍ରାରେ ଥିବା ଦେବଦ୍ୱାର ସୋମନାଥ, ମନ୍ଦିରର, ଯାହାକୁ ମହମ୍ମଦ ଗଜନୀ ଲୁଟ କରି ନେଇଯାଇଥିଲା



। ସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ। ହେଉଥିବା ଲାଇଟ୍ ସୋରେ ହିନ୍ଦୁମାନଙ୍କର ଇତିହାସକୁ ପ୍ରଦର୍ଶିତ କରାଯାଇଥାଏ । ସୋମନାଥ ମନ୍ଦିରରେ କାର୍ତ୍ତିକ, ଚୈତ୍ର ଓ ଭାଦ୍ରବ ମାରସରେ ଶ୍ରାଦ୍ଧ କରିବାର ମହତ୍ତ୍ୱ ରହିଛି । ଏହି ମନ୍ଦିରରୁ ୨୦୦ କି.ମି ଦୂରରେ ଦ୍ୱାରକା ନଗରୀ ଅବସ୍ଥିତି, ଷଯଉଁଠିକୁ ଦ୍ୱାର କାଧିଶଙ୍କ ଦର୍ଶନ ପବାଇଁ ଦୂର ଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ଏହି ଜ୍ୟୋର୍ତିଲିଙ୍ଗର ସ୍ଥାପନା ପରେ ରାମେଶ୍ୱରମ, ଦ୍ୱାରକା ଓ ବାରଣସୀରେ ଜ୍ୟୋତିର୍ଲିଙ୍ଗଙ୍କୁ ସ୍ଥାପନ କରାଯାଇଥିଲା । ସୋମନାଥ ମନ୍ଦିରର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ଗୋସାମନାଥ ମନ୍ଦିରର ଟ୍ରଷ୍ଟ କରିଥାଏ । ସରକାର ଟ୍ରଷ୍ଟକୁ ଜମି ଓ ବଗୀଚା ଆଦି ଦେଇ ମନ୍ଦିରର ଆୟର ବ୍ୟବସ୍ଥା କରିଛନ୍ତି ।

କିପରି ଯିବେ: କିଶୋଡ଼ ବିମାନ ବନ୍ଦର ସୋମନାଥ ମନ୍ଦିରରୁ ମାତ୍ର ୫୫ କିମ ଦସୂରରେ ରହିଛି । ଏହି ବିମାନ ବନ୍ଦର ମୁମ୍ବାଇ ସହିତ ଯୋଡ଼ାଯାଇଛି । ସେଠାରେ ପହଞ୍ଚିବା ପରେ ବସ ଓ ଟ୍ୟାକ୍ସି ସହାୟତାରେ ସୋମନାଥ ମନ୍ଦିର ପହଞ୍ଚିପାରିବେ ।ସେଠାରୁ ସବୁଠାରୁ ନିକଟତମ ରେଲୱେ ଷ୍ଟେସନ ବେରାବଲ ଯାହା ସୋମନାଥ ମନ୍ଦିର ଠାରୁ ମାତ୍ର ୭କିମି ଦୂରରେ ଅବସ୍ଥି । ଏହା ଅହମ୍ମଦାବାଦ, ଗୁଜୁରାଟ ସମେତ ଦେଶର ପ୍ରମୁଖ ସହର ସହିତ ରେଳମାର୍ଗ ଦ୍ୱାରା ଯୋଡ଼ା ଯାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅର୍ଥନୈତିକ ଭବିଷ୍ୟତ...

ଦେଶର ଅର୍ଥବ୍ୟବସ୍ଥାକୁ ନେଇ ଏବେ ବୁଦ୍ଧିଜୀବୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଗୋଟିଏ ପଟେ ସରକାର ଦେଶର ଅର୍ଥବ୍ୟବସ୍ଥାରେ ସୁଧାର ଆସୁଥିବା ନେଇ ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ବାସ୍ତବିକ ସ୍ଥିତି କିନ୍ତୁ ଭିନ୍ନ ରହିଛି । ୨୦୨୦ ଅର୍ଥବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ନିମ୍ନସ୍ତରକୁ ଖସିଆସିଛି । ଏହାକୁ କେନ୍ଦ୍ର ସରକାର ସ୍ୱୀକାର କରନ୍ତୁ କି ନକରନ୍ତୁ । ବିଶ୍ୱସ୍ତରର ବିଭିନ୍ନ ଅର୍ଥକାରୀ ସଂଗଠନଗୁଡ଼ିକ ଏହି ସମୟ ସୁଦ୍ଧା ଭାରତ ପାଇଁ ଅଭିବୃଦ୍ଧି ହାର ଅତ୍ୟନ୍ତ ନିମ୍ନସ୍ତରରେ ରହିବା ନେଇ ପୂର୍ବାନୁମାନ କରିଛନ୍ତି । ଆଇଏମ୍‌ଏଫ୍, ବିଶ୍ୱବ୍ୟାଙ୍କ ଭଳି ପ୍ରମୁଖ ସଂସ୍ଥା ଭାରତ ପାଇଁ ୫% ପର୍ଯ୍ୟନ୍ତ ଅଭିବୃଦ୍ଧି ରହିବା ନେଇ ପୂର୍ବାନୁମାନ କରିସାରିଥିବା ବେଳେ ଏବେ ମୁଡିଜ୍ ମଧ୍ୟ ଏହି ଧାରାରେ ସାମିଲ ହୋଇଛି । ମୁଡିଜ୍ ଏକ କ୍ରେଡିଟ୍ ରେଟିଂ ଏଜେନ୍ସି । ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ମୁଡିଜ୍ ଭାରତ ପାଇଁ ଜିଡିପି ବିକାଶ ହାର ୬.୬%ରୁ ହ୍ରାସ କରି ୫.୪% ଅନୁମାନ କରିଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ବିକାଶ ହାର ୬.୭%ରୁ ହ୍ରାସ କରି ୫.୮% ରହିବା ନେଇ ପୂର୍ବାନୁମାନ କରିଛି । ତେବେ ବର୍ତ୍ତମାନ ସମୟରେ ଏସବୁ ସଂସ୍ଥା ଭାରତର ଅର୍ଥବ୍ୟବସ୍ଥା ଉପରେ ନେଇ ଯେଉଁ ପୂର୍ବାନୁମାନ କରିଛନ୍ତି ବା କରୁଛନ୍ତି ସେଥିପାଇଁ ଯାହାସବୁ କାରଣ କହିଛନ୍ତି, ସେସବୁ ମଧ୍ୟରେ ଗୋଟିଏ କାରଣ କରୋନା ଭୂତାଣୁକୁ ନେଇ ବିଶ୍ୱସ୍ତରରେ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା ମଧ୍ୟ ଅନ୍ୟତମ କାରଣ ବୋଲି ଦର୍ଶାଇଛନ୍ତି । କରୋନା ଭୂତାଣୁ ଯୋଗୁଁ ଚୀନ୍‌ରେ ଯେଉଁପ୍ରକାର ସ୍ଥିତି ସୃଷ୍ଟି ହୋଇଛି, ସେ ସମ୍ପର୍କରେ ପୁରା ବିଶ୍ୱବାସୀ ଭଲଭାବେ ଅବଗତ ଅଛନ୍ତି । କରୋନା ଭୂତାଣୁ ଯୋଗୁଁ ଚୀନ୍ ସହ ଏବେ ଏସିଆ ତଥା ୟୁରୋପର କୌଣସି ଦେଶ ବ୍ୟବସାୟିକ ସମ୍ପର୍କ ରଖିବାକୁ ଚାହୁଁନାହାନ୍ତି । କରୋନା ଭୂତାଣୁକୁ ନେଇ ବିଶ୍ୱବାସୀଙ୍କ ମନରେ ଏବେ ଏମିତି ଏକ ଭୟ ଘରା କରିଛି ଯେ, ଚୀନ୍ ଉତ୍ପାଦିତ କୌଣସି ସାମଗ୍ରୀକୁ ମଧ୍ୟ କ୍ରୟ କରିବାକୁ ଲୋକେ ନାକ ଟେକୁଛନ୍ତି । ଦିନେ ଚୀନ୍ ବ୍ୟବସାୟୀ ଦୁନିଆରେ ବେତାଜ୍ ବାଦ୍‌ଶାହାର ମାନ୍ୟତା ତଥା ଅଧିକାର ହାସଲ କରିଥିବା ବେଳେ ଏବେ କିନ୍ତୁ ଚୀନ୍‌ର ଅର୍ଥବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି । ଚୀନ୍ର ଏପ୍ରକାର ସ୍ଥିତିର ପ୍ରଭାବ ଏବେ ବିଶ୍ୱ ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି । କହିବାର ଅର୍ଥ ବର୍ତ୍ତମାନ ସମୟରେ ଚୀନ୍ ସହ କୌଣସି ବ୍ୟବସାୟିକ ସମ୍ପର୍କ ରଖୁନଥିବା ଦେଶଗୁଡ଼ିକରେ ମଧ୍ୟ ଅର୍ଥବ୍ୟବସ୍ଥା ପ୍ରଭାବିତ ହୋଇଛି । ତେବେ କାରଣ ଯାହା ବି ହେଉ, ବିଶ୍ୱସ୍ତରରେ ସୃଷ୍ଟି ହୋଇଥିବା ଏପ୍ରକାର ଅର୍ଥନୈତିକ ସଂକଟ ସାଧାରଣ ଲୋକଙ୍କ ସ୍ୱାଭାବିକ ଜୀବନକୁ ମଧ୍ୟ ବାଧାପ୍ରାପ୍ତ କରିବ, ଏକଥାକୁ କେହି ଅଗ୍ରାହ୍ୟ କରିପାରିବେନି । ଏଦିଗରେ ଚିନ୍ତା କରିବାର ଏହା ହିଁ ପ୍ରକୃଷ୍ଟ ସମୟ । ଯେତେବେଳେ ବିଶ୍ୱର ଅର୍ଥନୀତି ଉପରେ ଆଲୋଚନା ହେଉଛି ସେତେବେଳେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଉପରେ ବି ତ ଆଲୋଚନା ହେବା ଆବଶ୍ୟକତା ରହିଛି । କେନ୍ଦ୍ର ସରକାର କେବଳ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି ଯେ, ଭାରତ ଏବେ ବିଶ୍ୱର ଅନ୍ୟତମ ପ୍ରମୁଖ ଅର୍ଥନୀତି ହେବା ଦିଗରେ ଅଗ୍ରସର ହେଉଛି । କିନ୍ତୁ ସେମିତି ବି କିଛି ଲକ୍ଷଣ ଦେଖିବାକୁ ମିଳୁନି । ମାନ୍ଦାବସ୍ଥାରୁ ବାହାରିବା ପାଇଁ ଭାରତ ସରକାର କିଛି ତ ପଦକ୍ଷେପ ନେବା ଜରୁରୀ । ସରକାର କିନ୍ତୁ ନିଘୋଡ଼ ନିଦରେ ଶୋଇ ରହିଥିବା ମନେହେଉଛି । ୫ ଟ୍ରିଲିଅନ ଡଲାର ଅର୍ଥନୀତିର ଯେଉଁ ସ୍ୱପ୍ନ ଭାରତ ସରକାର ଆମ ସମସ୍ତଙ୍କୁ ଦେଖାଇଛନ୍ତି, ସେସବୁକୁ ନେଇ ଆମେ ଦେଶବାସୀ ଅନେକ କିଛି ସ୍ୱପ୍ନ ଦେଖିଚାଲିଛେ । ୫ ଟ୍ରିଲିୟନ ଅର୍ଥନୀତିର ତାତ୍ପର୍ଯ୍ୟ ହେଉଛି, ଦେଶରୁ ଦାରିଦ୍ର୍ୟ ଦୂରିକରଣ ହୋଇଯିବ । ସମସ୍ତଙ୍କ ପାଖରେ ରୋଜଗାରର ସାଧନ ରହିଥିବ । ସବୁ ପରିବାରରେ ଖୁସି ହିଁ ଖୁସି ରହିଥିବ । ଅଭାବ, ଦାରିଦ୍ର୍ୟ ଭଳି ଶବ୍ଦ ଆମ ଦେଶରୁ ଉଭାନ ହୋଇଯିବ । ସମସ୍ତେ ଦୁଇ ଓଳି ଦୁଇ ମୁଠା ଖାଇବା ଭଳି ପରିସ୍ଥିତିରେ ଥିବେ, ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇସାରିଥିବ, ଦାରିଦ୍ର୍ୟ ତଥା ଋଣବୋଝ ତଳେ ଦାବି ହୋଇ କେହି ଆତ୍ମହତ୍ୟା କରିବାକୁ ଚେଷ୍ଟା ମଧ୍ୟ କରିବେନି, ବେରୋଜଗାରଙ୍କୁ ରୋଜଗାର, ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଆଦି ଉପଲବ୍ଧ ହୋଇପାରିନାହିଁ । କେନ୍ଦ୍ର ସରକାର ତ ଏବେ ନାଗରିକତା ଆଇନ (ସିଏଏ), ଜାତୀୟ ନାଗରିକତା ପଞ୍ଜିକା (ଏନ୍‌ଆର୍‌ସି), ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଭଳି କାର୍ଯ୍ୟକ୍ରମରେ ଅଟକି ରହିଛନ୍ତି । ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି, ସରକାର ପକ୍ଷ ରଖୁଛନ୍ତି । ବିରୋଧୀ ଦଳ ଏହାକୁ ନେଇ ପ୍ରଶ୍ନ କରୁଛନ୍ତି ସରକାର ସେସବୁର ପ୍ରତିଉତ୍ତର ଦେଉଛନ୍ତି । ସାଧାରଣ ଲୋକ ଆନ୍ଦୋଳନ ତଥା ପ୍ରତିବାଦ କରୁଛନ୍ତି, ସରକାର ପୁଲିସ ବଳ ଲଗାଇ ସେମାନଙ୍କ ସ୍ୱର ଦବାଇବାକୁ ଚେଷ୍ଟା କରୁଛନ୍ତି । ବର୍ତ୍ତମାନ ଏସବୁ ହିଁ ଦେଖିବାକୁ ମିଳୁଛି । ଚର୍ଚ୍ଚା ବି ତ ଏସବୁ ପ୍ରସଙ୍ଗକୁ ନେଇ ହିଁ ନାହିଁ । ସତ କହିବାକୁ ଗଲେ କେନ୍ଦ୍ର ସରକାର ଏବେ ମୂଳ ପ୍ରସଙ୍ଗକୁ ଗୌଣ କରିଦେଇଛନ୍ତି । ଯଦି ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର ଏ ଦିଗରେ ଚିନ୍ତା ନକରିବେ, ପଦକ୍ଷେପ ଗ୍ରହଣ ନକରିବେ, ତେବେ ଆଜି ଭାରତ ଯେଉଁ ବିଶ୍ୱର ୫ମ ଅର୍ଥନୀତି ହେବାର ଗୌରବ ଲାଭ କରିଛି ସେତକ ମଧ୍ୟ ବେଶି ଦିନ ପର୍ଯ୍ୟନ୍ତ ତିଷ୍ଠି ରହିପାରିବନି । ଯେତେବେଳେ ଏ ଦିଗରେ କିଛି କରିବା ଆରମ୍ଭ ହେବ ସେତେବେଳକୁ ହାତ ପାହାନ୍ତରେ ଆଉ କିଛି ନଥିବ । ସବୁକିଛି ନଷ୍ଟ ହୋଇଯାଇଥିବ । ଯେତେ କଷ୍ଟ ସହି ଭାରତ ଆଜି ଆସି ଏହି ସ୍ଥିତିରେ ପହଞ୍ଚିଛି ସେସବୁ ବେକାର ହୋଇଯିବ । ଦେଶର ଅର୍ଥନୀତିକୁ ସୁଧାରିବା ପାଇଁ ଅର୍ଥନୈତିକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଆସିଛନ୍ତି, ସେଥିରେ ଦେଶବାସୀଙ୍କୁ ଅନେକ କିଛି ସହିବାକୁ ପଡ଼ିଛି । ଏବେ ଯଦି ସବୁକିଛି ପୁଣିଥରେ ମୂଳକୁ ପଳାଇଆସିବ, ସେଥିରେ ସମସ୍ତଙ୍କ ପରିଶ୍ରମ, କଷ୍ଟ ବୃଥା ପ୍ରମାଣିତ ହୋଇଯିବ । ଏବେ ସରକାରଙ୍କୁ ଆଗକୁ ଆସି କିଛି କରିବାକୁ ହେବ । ସରକାର ଯାହା କିଛି ବି ନିଷ୍ପତ୍ତି ନିଅନ୍ତୁ ନା କାହିଁକି ଆମ ସମସ୍ତଙ୍କୁ ଆଉ ପୂର୍ବ ସ୍ଥିତିକୁ ଫେରିବା ଗ୍ରହଣୀୟ ନୁହେଁ ।

## କବିତା କୋଣାର୍କ

### ଆସୁଛି ରକ୍ଷା ବନ୍ଧନ....

ଧ୍ରୁବ ଚରଣ ବେହେରା

ମୋ ହାତରେ ରାକ୍ଷୀ ବାନ୍ଧି ଦେବ ବୋଲି
କହିଛି ମୋ ସୁନା ଭଉଣୀ
ଏଥର ତାକୁ ମୁଁ ଦେବି ଉପହାର
ମନ ଲାଖି ଜାମା କିଣି ॥

ପଡ଼ିଥିବ ଝୋଟି ଟୁଆଁ ଟୁଇଁ ଚିତ୍ର
ଡୋରିମନ୍ ଥିବ ଚାହିଁ
ସିଞ୍ଚୋ କହୁଥିବ ଖନେଇଁ ଖନେଇଁ
ନିଞ୍ଜା ହଥୋଡିକୁ ନେଇ ॥

ନୋବିଦା ଜିଆନ୍ କିଉଁ ଯେ ସିଜୁକା
ସାଥେ କରୁଥିବେ ମଜା
ମୋଟୁ ମତ୍ଲୁର ଶଇଙ୍ଗଡ଼ା ଲୋଭର
ଥିବ ଛବି ସାଥେ ସଜା ॥

ମୋ ଟିକି ଭଉଣୀ ଭାରି ଅଭିମାନୀ
ଫୁଲର ପାଖୁଡ଼ା ପରି
ଦେଖିଲେ ତାହାର ଉଜଳ ଚାହାଁଣୀ
ଦିଶଇ ସେ କୁନି ପରୀ ॥

ସେନହ ମମତା ସଂପର୍କର ଡୋରି
ଭାଇ ଭଉଣୀଙ୍କ ପାଇଁ
ରାକ୍ଷୀ ଭଳି ଏକ ସୁତାଖିଅ ଟିଏ
ବନ୍ଧନେ ବାନ୍ଧି ଦିଅ ॥

ଶୁଭ ମନାସିକି ବାନ୍ଧିଦିଏ ରାକ୍ଷୀ
ଭଉଣୀ ଭାଇର ହାତେ
ସୁରକ୍ଷା କବଚ ପିନ୍ଧାଇଲି ଭାଇ
ସାହା ହେବୁ ସଦା ମୋତେ ॥

ପଡ଼ିଲେ ବିପଦ ଭୁଲିଯିବୁ ନାହିଁ
ଟିକି ଭଉଣୀ ମୁଁ ତୋର
ଜଗନ୍ନାଥ ପରି ସାହା ହେବୁ ମୋତେ
ସାକ୍ଷୀ ସେ ଶିରି ମନ୍ଦିର ॥

ବିଜୟ ତିଳକ ଦେଉଛି ମଥାରେ
ଦୀର୍ଘାୟୁ ମାଗୁଛି ତୋର
ସୁନା ଭାଇ ମୋର ଭୁଲି ତୁ ଯିବୁନି
ନକରିବୁ କେବେ ପର ॥

ମୁଖ ମିଠା କରି, ଫୁଲ ଚନ୍ଦନରେ
ପୁଜିହେବ ତୋ ପୟର
ମାଆ ଭଗବତୀ କରିବୁ କରୁଣା
ଦେବୁଲୋ ଅଭୟ ବର ॥

ପବିତ୍ର ବନ୍ଧନ ଆଗକୁ ଆସୁଛି
ଶୁଣ ମୋ ଭଉଣୀ ମାନେ
ଭାଇଙ୍କ ହାତରେ ବାନ୍ଧିଦେବ ରାକ୍ଷୀ
ଗହ୍ମା ପୂର୍ଣ୍ଣମୀର ଦିନେ ॥

ଆମ ସଂସ୍କୃତିର ବଡ଼ ପରମ୍ପରା
ଅଭୁଲା ଏହି ବନ୍ଧନ
ରାକ୍ଷୀ ବାନ୍ଧି ଦେଲେ ଭାଇଙ୍କର ହାତେ
ନିଶ୍ଚିତ ରହିବ ମାନ ॥


କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡ଼ଖଣ୍ଡ
ମୋ: ୮୩୨୮୯୩୦୫୫୪


# ଦି ଗ୍ରେଟ ଫ୍ରେଣ୍ଡସ-୨

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କର ଦୁଇ ବନ୍ଧୁ ହେରମାନ କେଲେନବାକ ଓ ସୋଞ୍ଜ ସୋଲସିନଙ୍କ କଥା ଆଗରୁ ବର୍ଣ୍ଣନା ହୋଇ ସାରିଛି । ଆଜି ଆଉ ଦୁଇ ଜଣ ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକା ବନ୍ଧୁ ହେନେରି ସୋଲମାନ ପୋଲକ ଓ ଜୋସେଫ ଡୋକଙ୍କ ବିଷୟରେ ବର୍ଣ୍ଣନା କରିବାକୁ ଯାଉଛି । ବିଶ୍ୱରେ ଅସଂଖ୍ୟ ଦେଶୀ ଓ ବିଦେଶୀ ବ୍ୟକ୍ତି ଗାନ୍ଧୀଙ୍କ ଜିବନୀ ଲେଖିବାର ସୌଭାଗ୍ୟ ପାଇଥିଲେ ମଧ୍ୟ ପ୍ରଥମ ଲେଖକର ଗୌରବ ଦକ୍ଷିଣ ଆଫ୍ରିକାର ଜୋସେଫ ଡୋକଙ୍କୁ ମିଳିଛି । ସେ ଗାନ୍ଧୀଙ୍କର ପରମ ବନ୍ଧୁ ଓ ପ୍ରସଂଶକ ଥିଲେ । ଇଂଲଣ୍ଡର ଡୋଭର ଠାରେ୧୮୬୧ ମସିହାରେ ଜନ୍ମ ହୋଇ ଜଣେ ପାଦ୍ରୀ ରୂପେ ଦକ୍ଷିଣ ଆଫ୍ରିକା ଆସିଥିଲେ । ନିରାମିଶ ଭୋଜନାଳୟରୁ ଗାନ୍ଧୀଙ୍କ ସହ ତାଙ୍କର ବନ୍ଧୁତା ହେଲା । ୧୯୦୮ ମସିହାରେ ସତ୍ୟାଗ୍ରହ ବେଳେ ଗାନ୍ଧୀ ଜଣେ ଆଫଗାନ ଉଦଭ୍ରାନ୍ତ ଦ୍ୱାରା ସାଂଘାତିକ ଆହତ ହେଲେ । ଭାରତୀୟ ବନ୍ଧୁ ମାନେ ତାଙ୍କୁ ହାସପାତାଳ ନେବାକୁ ସ୍ଥିର କଲେ । ମାତ୍ର ଡୋକ ଗାନ୍ଧୀ ଙ୍କୁ ନିଜ ଘରେ ରଖି ଯତ୍ନ ନେବାକୁ ଇଛା ପ୍ରକାଶ କଲେ । ନିଜ ପୁଅର କକ୍ଷରେ ଗାନ୍ଧୀଙ୍କୁ ରଖିଲେ । ତାଙ୍କ ପିଲା ମାନେ ଗାନ୍ଧୀଙ୍କ ସେବା କଲେ। ସକାଳୁ ବଗିଚାରୁ ଫୁଲ ଆଣି ରୁମ ସଜାଇଲେ । ସିତାର ରେ ଯୀଶୁଙ୍କ ଜଣାଣ ଗାନ କଲେ । ଅନେକ ବନ୍ଧୁ ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ତାଙ୍କ ଘରକୁ ଆସିଲେ । ସମସ୍ତଙ୍କ ଖବର ସେ ବୁଝିଲେ ।୧୯୦୯ ମସିହାରେ ସେ "ଏ ପାଟ୍ରିଅଟ ଇନ ସାଉଥ ଆଫ୍ରିକା" ନାମକ ଗାନ୍ଧୀଙ୍କର ଜିବନୀ ପ୍ରକାଶ କଲେ ।୧୯୧୪ ମସିହାରେ ମାନ୍ଦ୍ରାଜରୁ ଏହାର ଭାରତୀୟ ସଂସ୍କରଣ ପ୍ରକାଶ ହେଲା । ୧୯୧୩ ମସିହାରେ ରୋଡେସିଆରେ ମିଶନାରୀ କାର୍ଯ୍ୟରେ ଥିଲା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହେଲା । ସେ ଈଶ୍ୱରଙ୍କ ଛଡା କାହାକୁ ଡରୁ ନଥିଲେ। ତାଙ୍କ ମୃତ୍ୟୁରେ ଏହା ଥିଲା ଗାନ୍ଧୀଙ୍କ ବାର୍ତ୍ତା।

ହେନେରୀ ସୋଲେମନ ପୋଲକ: ପୋଲକ ପରମ ଗାନ୍ଧୀ ଭକ୍ତ ଓ ତାଙ୍କର ହନୁମାନ ଭଳି ଥିଲେ । ସେ ୧୮୮୨ ମସିହାରେ ଡୋଭର ଠାରେ ଜନ୍ମ ନେଇଥିଲେ । ୧୯୦୩ ମସିହାରେ ଭାଗ୍ୟ ଅନ୍ୱେଷଣରେ ଦକ୍ଷିଣ ଆଫ୍ରିକା ଆସି ୧୯୦୪ ମସିହାରେ ଏକ ନିରାମିଶାଷୀ ହୋଟେଲରେ ତାଙ୍କର ଗାନ୍ଧୀଙ୍କ ସହ ପରିଚୟ ହେଲା । ସେ ସେତେବେଳେ ଟ୍ରାନସଭାଲ କ୍ରିଟକସ ନାମକ ପତ୍ରିକାର ସଂପାଦକ ଥିଲେ । ଏହି ସମୟରେ ଜୋହେନସ ବର୍ଗ ଭାରତୀୟ ଖଣି ଶ୍ରମିକଙ୍କ ମଧ୍ୟରେ ପ୍ଲେଗ ରୋଗ ଦେଖା ହେଲା । ସେବା କରିବା ପାଇଁ ଗାନ୍ଧିଜୀ ସ୍ୱେଚ୍ଛାସେବୀ ମାନଙ୍କୁ ଆହ୍ୱାନ କଲେ ଓ ପୋଲକ ନିଜ ଚାକିରି ଛାଡି ଗାନ୍ଧୀଙ୍କ ପାଖକୁ ଚାଲି ଆସିଲେ । ଗାନ୍ଧୀଙ୍କ ଅନୁରୋଧରେ ସେ କିଛିଦିନ ଇଣ୍ଡିଆନ ଓପିନିଅନ ପତ୍ରୀକାର ସଂପାଦନା କଲେ । ଗାନ୍ଧୀ ନିଜେ ଦାୟିତ୍ୱ ନେଇ ସେ ଭଲ ପାଉଥିବା ମିଲିଙ୍କୁ ହେନେରୀଙ୍କ ସହ ବିବାହ କରାଇ ଦେଲେ ଓ ସେମାନଙ୍କୁ ନିଜ ଘରେ ରଖିଲେ । ପରେ ସମସ୍ତେ ଫିନିସ ଆଶ୍ରମରେ ରହିଲେ । ଗାନ୍ଧୀଙ୍କୁ ସେ ଜନରସ୍କିନଙ୍କ ଲିଖିତ ଅନ ଟୁ ଦି ଲାଷ୍ଟ (On to the last) ପୁସ୍ତକ ପଢିବାକୁ ଦେଇଥିଲେ୍। ତାହା ଗାନ୍ଧୀଙ୍କୁ ସଂପୂର୍ଣ୍ଣ ପ୍ରଭାବିତ କରିଥିଲା । ପରବର୍ତ୍ତୀ ଜୀବନରେ ସର୍ବୋଦୟ ଭାବନା ସେଥିରୁ ଜନ୍ମ ନେଇଥିଲା । ୧୯୦୯ ମସିହାରେ ଗାନ୍ଧୀଙ୍କ ବାର୍ତ୍ତା ନେଇ ସେ ଭାରତ ଆସି ଗୋଖେଲ ସମେତ ଅନେକ ନେତାଙ୍କୁ ଗାନ୍ଧୀଙ୍କ ସଂଗ୍ରାମ ଓ ମହାନତା ବିଷୟରେ କହିଥିଲେ । "How Indians are treated in South Afrika" ନାମକ ଏକ ବହି ଲେଖି ମାନ୍ଦ୍ରାଜର ନାଟସନଙ୍କ ଦ୍ୱାରା ତିନି ଖଣ୍ଡରେ ପ୍ରକାଶ କରିଥିଲେ ।୧୯୧୧ ରେ କଲିକତା କଂଗ୍ରେସ ଅଧିବେଶନରେ ଗାନ୍ଧୀଙ୍କ ତରଫରୁ ଚୁକ୍ତି ଭିତିକ ଶ୍ରମିକ ପ୍ରଥାର ବିଲୋପ ପାଇଁ ପ୍ରସ୍ତାବ ଦେଇଥିଲେ ଓ ତାହା ଗୃହିତ ହୋଇଥିଲା । ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଫେରିଲାପରେ ସେ ୧୯୧୬ ପର୍ଯ୍ୟନ୍ତ ସେଠାରେ ରହି ଇଂରେଜ ମାନଙ୍କ ସହ ହୋଇଥିବା ଚୁକ୍ତିର କାର୍ଯ୍ୟକାରୀ କରାଇଥିଲେ । ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ପ୍ରସ୍ଥାନ ପରେ୧୯୧୬ ମସିହାରେ ସେ ପରେ ନିଜ ଦେଶ କୁ ଫେରିଗଲେ । ଗାନ୍ଧୀଙ୍କ ବିଷୟରେ ସେ ଓ ତାଙ୍କ ସ୍ତ୍ରୀ ମିଳି ଦିଓଟି ବହି ଲେଖିଛନ୍ତି ।

ଗାନ୍ଧୀଙ୍କ ମୃତ୍ୟୁ ପରେ ଭାରତ ସରକାରଙ୍କ ନିମନ୍ତ୍ରଣରେ ୧୯୫୦ ମସିହାରେ ଭାରତ ଆସି ଗାନ୍ଧୀ ସ୍ମୃତିପୀଠ ମାନ ପରିଦର୍ଶନ କରିଥିଲେ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬


# ଓଡ଼ିଶାରେ କେତେ ସଫଳ ଜଳସେଚନ ବ୍ୟବସ୍ଥା ?

ଶରତ କୁମାର ରାଉତ



> ରାଜ୍ୟରେ ଜଳସେଚନର ଅବସ୍ଥା ବହୁ ଖରାପ ରହିଛି। ଗତ ୧୦ବର୍ଷ ମଧ୍ୟରେ ଜଳସେଚନ ବ୍ୟବସ୍ଥାରେ ଆଶା ଜନକ ବୃଦ୍ଧି ହୋଇନାହିଁ। ରାଜ୍ୟରେ ଫସଲ ହେଉଥିବା ମୋଟ ୮୭.୪୬ ଲକ୍ଷ ହେକ୍ଟର ଜମିରୁ ମାତ୍ର ୧୮.୭୯ ଲକ୍ଷ ହେକ୍ଟର ଜଳ ସେଚିତ ହୋଇ ପାରିଛି। ଅନ୍ୟ ପକ୍ଷରେ ଚାଷ ଉପଯୋଗୀ ୬୧.୮୦ ଲକ୍ଷ ହେକ୍ଟର ଜମି ମଧ୍ୟରୁ ୨୯.୧୪ ଲକ୍ଷ ହେକ୍ଟର ଉଚ୍ଚ ଜମି, ୧୭.୫୫ ଲକ୍ଷ ହେକ୍ଟର ମଧ୍ୟମ ଜମି ଓ ୧୫.୧୧ ଲକ୍ଷ ହେକ୍ଟର ନୀଚ ଜମି ରହିଛି। ପ୍ରାୟତଃ ଏହି ଜମିରେ ଆଶା ଜନକ ଫସଲ ସମ୍ଭବ ନୁହେଁ। ତଥାପି ଏହିସବୁ ଜମିରେ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ।

ଓଡ଼ିଶାର ଲୋକଙ୍କୁ ଜଣାନାହିଁ ଯେ, କେନ୍ଦ୍ରୀୟ ଅବହେଳା ସବୁବେଳେ ଓଡ଼ିଶା ପ୍ରଗତିରେ ବାଧକ ସାଜୁଛି। ଅନ୍ୟପକ୍ଷରେ ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା ଅର୍ଥ ପ୍ରାୟତଃ ବାଟମାରଣା ହେଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୫ରେ ରାଷ୍ଟ୍ରିୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିସନ କାର୍ଯ୍ୟକାରୀ ହେବା ପରଠାରୁ ରାଜ୍ୟରେ ଧୀରେଧୀରେ ସ୍ୱାସ୍ଥ୍ୟସେବାର ଉନ୍ନତି ହେଉଛି। ସର୍ବଶିକ୍ଷା ଯୋଜନାରେ ସ୍କୁଲ୍ ଘର ଗୁଡ଼ିକ କୋଠାରେ ପରିଣତ ହୋଇଛି। ପ୍ରାଥମିକ ଶିକ୍ଷା ବାବଦ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଛନ୍ତି। ମହିଳା ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଭାରତ ଏପରିକି ପୃଥିବୀର ସବୁଠୁ ବଡ଼ ଯୋଜନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ(ଅଙ୍ଗନବାଡ଼ୀ ସେବା) କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୭୨ ରୁ ଚାଲି ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତ୍ୟେକ ଗାଁ ରାସ୍ତା ପକ୍‌କା ସଡ଼କରେ ପରିଣତ ହୋଇଛି। ନିର୍ଣ୍ଣିତ କର୍ମନିଯୁକ୍ତି ଯୋଜନା ଦ୍ୱାରା ସାଧାରଣ ଗରିବ, ଶ୍ରମିକମାନେ କିଛି ମାତ୍ରାରେ ଉପକୃତ ହେଉଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାରଙ୍କ ୧ଟଙ୍କିଆ ଚାଉଳ ଯୋଜନା ଯଦିଓ କିଛି ଲୋକଙ୍କ ପାଇଁ ଅଶୀର୍ବାଦ ହୋଇଛି, ତଥାପି ଏହି ଯୋଜନା ସବୁ ଅନାହାର ପିଡ଼ିତଙ୍କ ପାଖରେ ପହଂଚି ପାରିନାହିଁ। ଯେଉଁ ଗତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକର ସଫଳତା ମିଳିବା କଥା, ତାହା ସମ୍ଭବ ହୋଇ ନାହିଁ। ଅନ୍ୟ କେତେକ ରାଜ୍ୟ ଭଳି ଆମ ରାଜ୍ୟରେ ଯଦିଓ ସବୁ ଯୋଜନା ଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହୋଇ ସାରନ୍ତାଣି।

ବାସ୍ତବକା ଦେଖାଗଲେ, ରାଜ୍ୟ ସରକାରଙ୍କ ଅଧିକାଂଶ ଯୋଜନା ଫେଲ୍ ମାରିଛି। କେତେକର ଲକ୍ଷ୍ୟ ସାଧନ ହୋଇନାହିଁ। ରାଜ୍ୟକୁ ଉନ୍ନତି ପଥରେ ଆଗେଇ ନେବା ଭଳି ଶାସନ ଦେଖିବାକୁ ମିଳିନାହିଁ। କେବଳ ମନମୁଖୀ ପ୍ରଚାର ଓ ନୂଆ ନୂଆ ଯୋଜନା ଘୋଷଣାରେ ସୀମିତ ରହି ଯାଇଛି ରାଜ୍ୟର ଉନ୍ନତି। କ'ଣ କ'ଣ ସମସ୍ୟା ରହିଛି ଓ ଏଠାରେ କେଉଁ ଯୋଜନା ଚାଲି ପାରିବ, ତାହା ପରିକ୍ଷା କରା ଯାଉନାହିଁ। କେବଳ ଖର୍ଚ୍ଚ ହେଉଛି। ଟଙ୍କିକିଆ ଚାଉଳ ଦେବା ଦ୍ୱାରା ଗରିବୀ କମିଛି କି? ଅପପୃଷ୍ଟି କମିଛି କି? ଶିଶୁ ଓ ମାତୃ ମୃତ୍ୟୁହାର କମିଛି କି? ବରଂ ଭାରତରେ ଗରିବୀରେ ଓଡ଼ିଶା ବହୁ ତଳେ ରହି ଥିବା ବେଳେ ପୁରୁଷ ଅପପୃଷ୍ଟିରେ ୧ମ, ଶିଶୁ ଅପପୃଷ୍ଟିରେ ଦ୍ୱିତୀୟ, ଶିଶୁ ମୃତ୍ୟୁହାରରେ ଦ୍ୱିତୀୟ, ମାତୃ ମୃତ୍ୟୁହାରରେ ୩ୟ, ମ୍ୟାଲେରିଆରେ ୨ୟ ଓ ମାରାତ୍ମକ ସଂକ୍ରାମକ ରୋଗରେ ୧ମ ସ୍ଥାନରେ ରହିଛି। ଆଉ କରଦାତାଙ୍କ ପଇସା ବରବାଦ୍ ହେଉଛି। କ୍ରମେ ସେମାନଙ୍କ ଅବସ୍ଥା ଦୟନୀୟ ହୋଇ ଚାଲିଛି। ଆହାର ଯୋଜନାରେ ପ୍ରକୃତରେ କିଏ ଖାଉଛି ଖାଦ୍ୟ? ଯାହା ପାଇଁ ଖାଦ୍ୟର ଆବଶ୍ୟକତା ରହିଛି ବା ଯିଏ ଅନାହାର, ଅର୍ଦ୍ଧାହାର ଓ ଅଳ୍ପାହାରରେ ଛଟପଟ ହେଉଛି ବା ମରୁଛି, ତା' ପାଖରେ ଆହାର ଯୋଜନା ପହଂଚୁଛି କି? ଔଷଧ ରେଖା ତଳେ ଥିବା ଲୋକଙ୍କ ପାଖରେ ନିରାମୟ ଯୋଜନା ପହଂଚୁଛି କି? ଏମିତି ଅନେକ ଯୋଜନାର ଲମ୍ବା ତାଲିକା ରହିଛି, ଯାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚୁ ନାହିଁ। ରାଜ୍ୟର ଚାଷୀମାନେ କଠିନ ପରିଶ୍ରମ କରି ଉତ୍ପାଦନ ବଢାଉ ଥିଲେ ମଧ୍ୟ ସେମାନଙ୍କର ଉନ୍ନତି ନାହିଁ, ବଢୁନାହିଁ ଆୟ। ତର୍ଜମା ହେଉଛି କି? ମଣିଷର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଅବସ୍ଥାର ପରିବର୍ତ୍ତନ ପାଇଁ ସମସ୍ତ ପ୍ରାକୃତିକ ସଂପଦର ଉପଯୁକ୍ତ ଉପଯୋଗ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ ବା କୃଷି ଉତ୍ପାଦନ ବୃଦ୍ଧି ଓ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି।

ରାଜ୍ୟରେ ଜଳସେଚନର ଅବସ୍ଥା ବହୁ ଖରାପ ରହିଛି। ଗତ ୧୦ବର୍ଷ ମଧ୍ୟରେ ଜଳସେଚନ ବ୍ୟବସ୍ଥାରେ ଆଶା ଜନକ ବୃଦ୍ଧି ହୋଇନାହିଁ। ରାଜ୍ୟରେ ଫସଲ ହେଉଥିବା ମୋଟ ୮୭.୪୬ ଲକ୍ଷ ହେକ୍ଟର ଜମିରୁ ମାତ୍ର ୧୮.୭୯ ଲକ୍ଷ ହେକ୍ଟର ଜଳ ସେଚିତ ହୋଇ ପାରିଛି। ଅନ୍ୟ ପକ୍ଷରେ ଚାଷ ଉପଯୋଗୀ ୬୧.୮୦ ଲକ୍ଷ ହେକ୍ଟର ଜମି ମଧ୍ୟରୁ ୨୯.୧୪ ଲକ୍ଷ ହେକ୍ଟର ଉଚ୍ଚ ଜମି, ୧୭.୫୫ ଲକ୍ଷ ହେକ୍ଟର ମଧ୍ୟମ ଜମି ଓ ୧୫.୧୧ ଲକ୍ଷ ହେକ୍ଟର ନୀଚ ଜମି ରହିଛି। ପ୍ରାୟତଃ ଏହି ଜମିରେ ଆଶା ଜନକ ଫସଲ ସମ୍ଭବ ନୁହେଁ। ତଥାପି ଏହିସବୁ ଜମିରେ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଜଳ ସଂପଦ ବିଭାଗର ବେପରୱା କାର୍ଯ୍ୟ ଯୋଗୁ ଆମ ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଆଗକୁ ବଢି ପାରୁନାହିଁ। ଏହି ବିଭାଗରେ ବ୍ୟାପକ ଦୁର୍ନୀତି, ଅନିୟମିତତା ଓ ନିମ୍ନ ମାନର କାର୍ଯ୍ୟ ଯୋଗୁ ଜଳସେଚନ ବ୍ୟବସ୍ଥା ମନ୍ଥର ଗତିରେ ଚାଲିଥିବା କୁହାଯାଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ କେତେକ ଅଧିକାରୀ ବିଭାଗକୁ ସୁନା ଅଣ୍ଡା ଦିଆ କୁକୁଡ଼ା ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସେହିପରି ବିଭିନ୍ନ ଡ଼ିଭିଜନ୍‌ରେ ମନମୁଖୀ କାର୍ଯ୍ୟ ଚାଲିଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି। ମୁଖ୍ୟତଃ ରାଜ୍ୟର କେନ୍ଦ୍ରୀୟ ମଣ୍ଡଳ ଅନ୍ତର୍ଗତ ଜଳସେଚନ ଡ଼ିଭିଜନ୍ ପ୍ରାଚୀ, ପୁରୀ ଓ ନୟାଗଡ଼, ପୂର୍ବାଂଚଳ ମଣ୍ଡଳ ଅନ୍ତର୍ଗତ କେନ୍ଦ୍ରାପଡ଼ା, ଯାଜପୁର ଓ ଜାରକା, ଦକ୍ଷିଣାଂଚଳ ମଣ୍ଡଳ ଅନ୍ତର୍ଗତ ଭଞ୍ଜନଗର, ଚିକିଟି, ଦକ୍ଷିଣାଂଚଳ ମଣ୍ଡଳ-୨ ଅନ୍ତର୍ଗତ ପାରଳାଖେମୁଣ୍ଡି, ବାରିପଦା ମଣ୍ଡଳ ଅନ୍ତର୍ଗତ ବାଲେଶ୍ୱର ଓ ବଲାଙ୍ଗୀର ମଣ୍ଡଳ ଅନ୍ତର୍ଗତ ବଲାଙ୍ଗୀର ଡ଼ିଭିଜନ୍‌ରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ସଂପୃକ୍ତ ଅଂଚଳରେ ଜଳସେଚନ ବ୍ୟବସ୍ଥା ପଙ୍ଗୁ ପାଲଟିଛି। ସେହିପରି କେତେକ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟରେ ବ୍ୟାପକ ଅନିୟମିତତା ଲାଗି ରହିଛି। ଏହି ପ୍ରକଳ୍ପ ଗୁଡ଼ିକ ରାଜ୍ୟବାସୀଙ୍କ ସ୍ୱାର୍ଥ ସାଧନ କରି ପାରୁନାହିଁ। ଏ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ରାଜ୍ୟବାସୀଙ୍କୁ ଜଳସେଚନର ଉପଯୁକ୍ତ ସେବା ମିଳିଲେ, ଅଧିକ ଫସଲ ଅମଳ ହୁଅନ୍ତା, ଚାଷୀ ଆର୍ଥିକ ସଶକ୍ତ ହୁଅନ୍ତେ ଓ ଚାଷୀ ଆତ୍ମହତ୍ୟା ହ୍ରାସ ପାଇ ପାରନ୍ତା। ଏହାଦ୍ୱାରା ମଧ୍ୟ ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ବ୍ୟାପକ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରନ୍ତା।

ଇତିମଧ୍ୟରେ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣ ସ୍ୱରୂପ ସାରା ରାଜ୍ୟରେ ଜଳସେଚନ କାର୍ଯ୍ୟର ତ୍ୱରାନ୍ୱିତ କରାଇବା ସହ ନିର୍ମାଣ ଜନିତ ବହୁ ସମସ୍ୟାର ସମାଧାନ କରାଇବାରେ ଲାଗିଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟ୍ଟକଳ ଚିଠା ଓ ବ୍ୟବସ୍ଥିତ ଢଙ୍ଗ ଓ ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟର ମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ଜଳସେଚନ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି।

କେତେଦିନ ପର୍ଯ୍ୟନ୍ତ ଆମର ଭାଗ୍ୟ ଆକାଶରେ ଘନଘୋର ଅନ୍ଧାର ଦେଖା ଦେଉଥିବ? କେତେଦିନ ପର୍ଯ୍ୟନ୍ତ ଓଡ଼ିଶାବାସୀ ପରିଚିତ ହୋଇ ରହିବେ ଭିକମଗା ଜାତି ହୋଇ? ତେଲେଙ୍ଗାନା ଗୋଟିଏ ନୂଆ ରାଜ୍ୟ ହୋଇ ମଧ୍ୟ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିଛି। ଦୁର୍ଭାଗ୍ୟର କଥା ଯେ, ଆମ ପାଖରେ ଗୁଗୁଲ୍ ମ୍ୟାପ୍ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟାପକ ସୁବିଧା ଥାଇ ମଧ୍ୟ ଏହି ୧୬-୧୭ ବର୍ଷ ଭିତରେ ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀରେ ୧୩ଟି ବ୍ୟାରେଜ୍ ଓ ୭ଟି ଡ୍ୟାମ୍ ତିଆରି ହୋଇଥିଲେ ହେଁ ଆମେ ଜାଣି ପାରିଲୁ ନାହିଁ। ଏଥିପାଇଁ ଆମ ରାଜ୍ୟ ସରକାର ଦାୟୀ ନୁହନ୍ତି କି? ଏହି ୨୦ବର୍ଷର ଶାସନ ଭିତରେ ଓଡ଼ିଶାର ଉନ୍ନତି ପାଇଁ କିଛି ଉନ୍ନତି ହୋଇଛି କି?? ବରଂ ରାଜ୍ୟ ଶାସନ ଏକ ଅନ୍ଧକାର ଗଳି ଦେଇ ଗତି କରୁଥିବା ମନେ ହେଉଛି। ରାଜ୍ୟ ବିକାଶରେ କେଉଁଠି ପ୍ରତିବନ୍ଧକ ରହିଛି, ସେଗୁଡ଼ିକ ଖୋଜା ଯାଉନାହିଁ। କାହା ପାଇଁ କେଉଁ ଯୋଜନା ଦରକାର ଏବଂ ସେହି ଯୋଜନା କିପରି ଶହେ ଭାଗ ସଫଳ ହେବ, ସେଥିପ୍ରତି ସରକାରଙ୍କର ଆଦୌ ଆନ୍ତରିକତା ନାହିଁ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର, ମୋ-
୯୩୩୭୩୬୯୪୪୮

# ଗର୍ଭାବସ୍ଥାରେ ତ୍ୱଚାର ଯତ୍ନ



ଗର୍ଭାବସ୍ଥାରେ ଶରୀରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ । ଶରୀରର ଓଜନ ବଢ଼ିବା, ତ୍ୱଚାରେ ପରିବର୍ତ୍ତନ ଆଦି ଘଟିଥାଏ । ଅନେକ ମହିଳାଙ୍କର ଭୁଲ ଧାରଣ ରହିଥାଏ କି ସେହି ସମୟରେ ସେମାନେ ନିଜର ତ୍ୱଚା ଏବଂ ଶରୀରର ସୁନ୍ଦରତା ବଢ଼େଇ ପାରିବେ ନାହିଁ । ଏପରି ଭାବିବା ସମ୍ପୂର୍ଣ୍ଣ ଭୁଲ । କାରଣ ଗର୍ଭାବସ୍ଥାରେ ଚାହିଁଲେ ମହିଳାମାନେ ନିଜକୁ ସୁନ୍ଦର କରିପାରିବେ ଏବଂ ସଜେଇ ହୋଇ ପାରିବେ । ଏହି ସମୟରେ ତ୍ୱଚାର କିପରି ଯତ୍ନ ନେଇହେବ, ସେ ବିଷୟରେ ତ୍ୱଚାର କିପରି ଯତ୍ନ ନେଇହେବ, ସେ ବିଷୟରେ କିଛି ସୂଚନା...

ଗର୍ଭାବସ୍ଥା ଦ୍ୱାରା ନାରୀମାନଙ୍କ ଶରୀରରେ ପରିବର୍ତ୍ତନ ହୋଇଥାଏ । ଯାହା ଦ୍ୱାରା କେତେକଙ୍କ ଚେହେରାରେ ଅନେକ ଉଜ୍ଜ୍ୱଳତା ଆସିଯାଇଥାଏ । ଯେଉଁ କାରଣରୁ ତାଙ୍କୁ ତ୍ୱଚା ସମ୍ବନ୍ଧିତ କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ଷ୍ଟ୍ରେଚ ମାକ୍ସ, କୁଣ୍ଡେଇ ହେବା, ବ୍ରଣ, ପେଗମେଟେସନ ଏବଂ ପ୍ରସବ ପରେ ତ୍ୱଚା ଢ଼ିଲା ପଡ଼ିଯାଇଥାଏ । ଯାହାଦ୍ୱାରା କେତେକ ସମସ୍ୟା ଦେଖାଯାଇଥାଏ । ଏପରି ରୂପେ ତ୍ୱଚାର ଦେଖାଶୁଣା କିପରି କରାଯିବ ତାହା ବିଷୟରେ ଜାଣି ରଖନ୍ତୁ କେତେକ କଥା....



### ଷ୍ଟ୍ରେଚମାର୍କ:

ଭ୍ରୂଣର ବିକାଶ ସହିତ ପେଟର ଚର୍ମ ଗୁଡ଼ିକ ଟାଣି ଓଟାରି ହୋଇଥାଏ । ଯାହାଦ୍ୱାରା ତ୍ୱଚାର ଆଭ୍ୟନ୍ତରୀଣ ଅଂଶରେ ଥିବା ଇଲାଷ୍ଟିକ ଫାଇବର ଭାଙ୍ଗିଯାଇଥାଏ । ଏହି କାରଣରୁ ଷ୍ଟ୍ରେଚମାର୍କ ଦେଖାଯାଏ । ଏଥିପାଇଁ ବିଶେଷଜ୍ଞମାନଙ୍କ ମତ ଅନୁସାରେ ଗର୍ଭାବସ୍ଥାରେ ଯେଉଁ ମହିଳାମାନଙ୍କର ଓଜନ ବଢ଼ିଯାଇଥାଏ । ସେମାନଙ୍କର ଏହି ସମସ୍ୟା ଅଧିକ ରହିଥାଏ । ଗର୍ଭାବସ୍ଥା ଦ୍ୱାରା ୧୧ରୁ ୧୨କିଲୋ ଓଜନ ବଢ଼ିବା ତ ବହୁତ ସାମାନ୍ୟ ହୋଇଥାଏ କିନ୍ତୁ କେତେକ ମହିଳାଙ୍କର ଓଜନ ୨୦ରୁ ଅଧିକ ମଧ ବଢ଼ିଯାଇଥାଏ । ଯାହାଫଳରେ ତ୍ୱଚା ପ୍ରଶସ୍ତ ହୋଇଥାଏ । ଯାହା ଦ୍ୱାରା ଷ୍ଟ୍ରେଚ ମାର୍କ ହେବାର ଅଧିକ ସମ୍ଭାବନା ବଢ଼ିଯାଇଥାଏ । ଏହାର କାରଣ ଆନୁବଂଶିକ ମଧ ହୋଇପାରେ । ଯେଉଁ ସ୍ତ୍ରୀମାନଙ୍କର ଗର୍ଭାବସ୍ଥାରେ ଷ୍ଟ୍ରେଚ ମାର୍କ ହେବାର ଅଧିକ ସମ୍ଭାବନା ବଢ଼ିଯାଇଥାଏ । ଏହାର କାରଣ ଆନୁବଂଶିକ ମଧ ହୋଇପାରେ । ଯେଉଁ ସ୍ତ୍ରୀମାନଙ୍କର ଗର୍ଭାବସ୍ଥାରେ ଷ୍ଟ୍ରେଚ ମାକସ ପଡ଼ିଯାଇଥାଏ । ସେମାନଙ୍କର ପିଲାମାନଙ୍କୁ ମଧ ଭବିଷ୍ୟତରେ ଏପରି ହେବାର ଆଶଙ୍କା ଅନେକ ରହିଥାଏ । ୧୦ରୁ ୮ଜଣ ମହିଳାମାନଙ୍କୁ ଏହି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । କମ ସମୟରେ ପେଟ ଯଦି ଅଧିକ ବଢ଼ିଥାଏ ତେବେ ଷ୍ଟ୍ରେଚମାର୍କ୍ ଅଧିକ ପଡ଼ିଥାଏ । ଏହା ଗର୍ଭାବସ୍ଥାର ୬କିମ୍ବା ୭ମାସ ମଧରେ ଅଧିକ ପଡ଼ିଥାଏ । ପ୍ରସବ ପରେ ପେଟରେ ପଡ଼ିଥିବା ଏହି ଷ୍ଟ୍ରେଚମାର୍କ ଧୀରେଧୀରେ ହାଲୁକା ହୋଇଯାଇଥାଏ । କିନ୍ତୁ ସମ୍ପୂର୍ଣ୍ଣ ରୂପେ ଉଭେଇନଥାଏ ।






### ଷ୍ଟ୍ରେଚମାର୍କ ଦୂର କରିବା ଉପାୟ:

ପେଟରେ ପଡ଼ିଥିବା ଏହି ଷ୍ଟ୍ରେଚମାର୍କକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ବଜାରରେ କ୍ରିମ ଉପଲବ୍ଧ ହେଲାଣି । ମଶ୍ଚରାଇଜର କିମ୍ବା ଭିଟାମିନ ଇ ଯୁକ୍ତ କ୍ରିମ ଲଗାଇ ଏହାକୁ କମ କରାଯାଇପାରେ । କାରଣ ଏହାଦ୍ୱାରା ତ୍ୱଚାରେ ନମନିୟତା ବଜାଇ ରଖେ ।

### ମୁହଁରେ ବ୍ରଣ:

ଗର୍ଭାବସ୍ଥା ସମୟରେ ମୁଖରେ ବ୍ରଣ ଏବଂ ନାଲିଦାଗ, କେତେକ ଚିହ୍ନ ଅନେକ ସମୟରେ ମୁହଁରେ ବାହାରିବାର ଦେଖାଯାଇଥାଏ । ଯାହା ମୁହଁର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ । ପ୍ରଜେଷ୍ଟ୍ରନ ଏବଂ ଏଷ୍ଟ୍ରୋଜନର ଅତ୍ୟଧିକ ସ୍ରାବ କାରଣରୁ ସୀବମର ଉତ୍ପାଦନ ବଢ଼ିଯାଇଥାଏ । ଯାହା ଦ୍ୱାରା ତ୍ୱଚାର ଲୋମ ଛିଦ୍ର ବନ୍ଦ ହୋଇଯାଇଥାଏ ।

ଏହାଦ୍ୱାରା ମୁହଁରେ ବ୍ରଣ ବାହାରିଯାଇଥାଏ । ଯଦି ଏହାର ଉଚିତ ରୂପେ ଉପଚାର କରାନଯାଏ ତେବେ ପ୍ରସବ ପରେ ମଧ ଏହା ରହିଯାଇଥାଏ । ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ବିନା ମନ ଇଚ୍ଛା କୌଣସି ଘରୋଇ ଉପଚାର କରନ୍ତୁ ନାହିଁ । ଏଥିପାଇଁ ଆଣ୍ଟି ବାୟୋଟିକର ସେବନ କରିବା ଉଚିତ ନୁହେଁ ।



### କୁଣ୍ଡେଇ ହେବା:

ଗର୍ଭାବସ୍ଥାରେ ପେଟ ବଢ଼ିବା କାରଣରୁ ମାଂସପେଶୀ ଗୁଡ଼ିକ ଟାଣି ହୋଇଥାଏ । ତ୍ୱଚା ଅଧିକ ଚଉଡ଼ା ହୋଇଥାଏ ତ ଏହା ଦ୍ୱାରା ବେଶି କୁଣ୍ଡେଇ ହେବାର ସମସ୍ୟା ଦେଖାଯାଇଥାଏ । ଏହି କୁଣ୍ଡେଇରୁ ବର୍ତ୍ତିବା ପାଇଁ ଏଥିରେ ଭଲ ହେବ କି କୋଲାମାଇନ ଲୋଶନ କିମ୍ବା ହେବି କ୍ରିମ ଯୁକ୍ତ ମଶ୍ଚରାଇଜର ଲଗାନ୍ତୁ । ଯଦିଅଧିକ କୁଣ୍ଡେଇ ହେବା ଅନୁଭୁତ ହୋଇଥାଏ ତେବେ ଡାକ୍ତରଙ୍କୁ ଦେଖାନ୍ତୁ । ଏହା ଗର୍ଭାବସ୍ଥାରେ ଲିଭରରେ କୌଣସି ଗଡ଼ବଡ଼ କାରଣରୁ ମଧ ହୋଇପାରେ । ଯାହାକୁ କୋଲେଷ୍ଟ୍ରାଲ କୁହାଯାଇଥାଏ । ଯାହା କାରଣରୁ ସମୟ ପୂର୍ବ ପ୍ରସବର ଭୟ ବଢ଼ିନପାରେ ।

### ମେଲାସ୍ମୋ:

ଏହା ଗର୍ଭାବସ୍ଥା ଦ୍ୱାରା ତ୍ୱଚାର ବଡ଼ ଗମ୍ଭୀର ସମସ୍ୟା ସାମ୍ନାକୁ ଦେଖାଯାଇଥାଏ । ଯାହାକୁ ପ୍ରେଗନେନସି ମାସ୍କ ମଧ କୁହାଯାଇଥାଏ । ଏହାଦ୍ୱାରା ତ୍ୱଚାର ସ୍ଥାନ ସ୍ଥାନରେ ପେଗମେଣ୍ଟେସନ ହୋଇଥାଏ ଏବଂ ତ୍ୱଚାରେ ଲାଲ ରଙ୍ଗର ଏକ ଦାଗ ପଡ଼ିଯାଇଥାଏ । ତେଣୁ ସୂର୍ଯ୍ୟଙ୍କର ପ୍ରଖର କିରଣରୁ ବଞ୍ଚନ୍ତୁ । ବାହାରକୁ ଯିବା ସମୟରେ ସନସକ୍ରିମ ଲଗାଇ ହିଁ ଘରୁ ବାହାରକୁ ବାହାରନ୍ତୁ ।

### ବ୍ୟାୟାମ:

ଗର୍ଭବତୀ ମହିଳାମାନେ ଚାହିଁଲେ ନିଜର ତ୍ୱଚାକୁ ଏବଂ ସ୍ୱାସ୍ଥ୍ୟକୁ ସୁନ୍ଦର ଓ ସତେଜ ରଖିବା ପାଇଁ କେବଳ କ୍ରିମ କିମ୍ବା ମଶ୍ଚରାଇଜରର ବ୍ୟବହାର କଲେ କୌଣସି ଲାଭ ନାହିଁ । ଗର୍ଭବତୀ ହୋଇ ମଧ ସେମାନେ ନିଜର ତ୍ୱଚା ଏବଂ ଶରୀରକୁ ଏକ ପରଫେଟ୍ ଲୁକ ଦେବା ସହିତ ପ୍ରସବ ସମୟରେ ବିଶେଷ ଯନ୍ତ୍ରଣା ମଧ ଭୋଗିବାକୁ ପଡିନଥାଏ । ଏଥିପାଇଁ ଏହି ମହିଳାମାନଙ୍କୁ ନିୟମିତ ବ୍ୟାୟାମ ଏବଂ ଯୋଗ କରିବା ଉଚିତ । ବିଶେଷ କରି ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ପ୍ରକାର ବ୍ୟାୟାମ ଏବଂ ଯୋଗ ରହିଛି ଯାହାକୁ କରି ସେମାନେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁନ୍ଦର ତ୍ୱଚା ପାଇ ପାରିବେ ।

## ଭିଟାମିନ - ଡି ସତର୍କତା

ନେଦରଲ୍ୟାଣ୍ଡର ଏକ ନାମକରା କମ୍ପାନୀରେ ଗତ ଅଢ଼େଇବର୍ଷ ମଧରେ ୯୭ଜଣ କର୍ମଚାରୀ ହୃଦଘାତର ଶିକାର ହୋଇଥିଲେ । କମ୍ପାନୀ ମୁଖ୍ୟ ଏହାକୁ ସହଜରେ ଗ୍ରହଣ କ ନକରି ତୁରନ୍ତ ବିଶେଷଜ୍ଞଙ୍କୁ ଡକାଇ ଗବେଷଣା କରିଥିଲେ । ବିଶେଷଜ୍ଞମାନେ ୧୧ମାସ ଭଲଭାବରେ ପରୀକ୍ଷା କରିବା ପରେ ତଥ୍ୟ ପ୍ରକାଶ କରିଥିଲେ ଯେ ଏହି କମ୍ପାନୀର ଅଧିକାଂଶ କମଚାରୀ ଭିଟାମିନ - ଡି ଅଭାବଜନିତ ରୋଗରେ ଆକ୍ରାନ୍ତ । ସେଥିପାଇଁ ସେମାନେ ହୃଦଘାତର ଶିକାର ହେଉଛନ୍ତି । କମ୍ପାନୀର କକ୍ଷଗୁଡ଼ିକ ଏଭଳି ଭାବେ ନିର୍ମିତ ଯେ କୌଣସି ସ୍ଥାନରେ ବିନ୍ଦୁଏ ମଧ ସୂର୍ଯ୍ୟକିରଣ ପ୍ରବେଶ କରିନଥାଏ । କର୍ମଚାରୀମାନେ ଶିତ ତାପନିୟନ୍ତ୍ରିତ କାରରେ ଆସିବା ସହ ଏହି କକ୍ଷରେ କାମ କରି ଘରକୁ ଫେରିଥାନ୍ତି । ଅଧିକ ପରିମାଣରେ ଭିଟାମିନ -ଡିର ଅଭାବ କାରଣରୁ କର୍ମଚାରୀମାନେ ହୃଦଘାତର ଶିକାର ହୋଇଥିବାର ବିଶେଷଜ୍ଞ ପ୍ରକାଶ କରିଥିଲେ । ଏହି ନାମକରା କମ୍ପାନୀ ଏବେ ନିଜ ନୂତନ କାର୍ଯ୍ୟାଳୟକୁ ଏଭଳି ଭାବେ ନିର୍ମାଣ କରିଛି ଯେ ଦିନମାନ ଏଠାରେ ସୂର୍ଯ୍ୟରଶ୍ମି ପଡ଼ିଥାଏ । ଏହା ସହ ପ୍ରତ୍ୟେକ କକ୍ଷକୁ ନିବୁଜ ନ କରି ସୂର୍ଯ୍ୟକିରଣ ପ୍ରବେଶ କଲାଭଳି ଆକାରରେ ନିର୍ମାଣ କରାଯାଇଛି ।




### ବିଶେଷଜ୍ଞଙ୍କ ମତରେ...




ଦୈନିକ ସକାଳ ୭ଟାରୁ୮ଟା ସମୟ ମଧରେ ସୂର୍ଯ୍ୟକିରଣ ସମ୍ମୁଖରେ ଯେ କୌଣସି କାର୍ଯ୍ୟକରିବା ଶରୀର ପାଇଁ ହିତକାରୀ । କିଛି ବର୍ଷ ପୂର୍ବେ ଭାରତରେ ହୃଦଘାତର ଶିକାର କେବଳ ଧନୀ ବର୍ଗର ଲୋକେ ହେଉଥିଲେ । କାରଣ ସେମାନଙ୍କ ବିଳାସମୟ ଜୀବନଯାପନ ସହ ଦିନ ରାତି ଶୀତତାପ ନିୟନ୍ତ୍ରିତ କକ୍ଷରେ ରହିବା ଓ ଖରାରେ ବାହାରକୁ ନ ଆସିବା ଅନ୍ୟତମ ମୁଖ୍ୟ କାରଣ ଥିଲା । ଆଜିକାଲି ଭାରତରେ ଜୀବନଶୈଳୀ ବଦଳୁଥିବାରୁ ସାଧାରଣ ବର୍ଗର ଲୋକେ ମଧ ଭିଟାମିନ -ଡି ଅଭାବଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ରୋଗରେ ଆକ୍ରାନ୍ତ ହେଲେ ହୃଦଘାତ ହେବାର ଆଶଙ୍କା ସର୍ବାଧିକ ।

## ପୁରୁଣା ଜିନିଷ ନଷ୍ଟ ହେବନି

ପୁରୁଣା ଜିନିଷ ସତରେ ଅମୂଲ୍ୟ । ଘରେ ବେକାର ପଡ଼ି ରହୁଥିବା ଜିନିଷଗୁଡ଼ିକୁ ନଫିଙ୍ଗି ସୁନ୍ଦର କାମରେ ଲଗାଇପାରିବେ । ପ୍ରାୟ ପ୍ରତ୍ୟେକ ଘରେ କିଛି ନା କିଛି ଜିନିଷ ଅଦରକାରୀ ଭାବେ ପଡ଼ିଥାଏ । ଏହାକୁ ବ୍ୟବହାର କରି ଘର ସଜାଇପାରିବେ ।

- ପ୍ରତ୍ୟେକଙ୍କ ଘରେ ପୁରୁଣା ବାକ୍ସ ରହିଥିବ । ଏହାକୁ ଡ୍ରଇଂ ରୁମରେ ଟେବୁଲ ପରି ରଖିପାରିବେ କେବଳ ବାକ୍ସକୁ ଡ୍ରଇଂ ରୁମର କାନ୍ଥ ସହିତ ମେଳ ହେଉଥିବା ପରି ରଙ୍ଗ ଦେଇଦେଲେ ଏହାର ସୌନ୍ଦର୍ଯ୍ୟ ବଢ଼ିଯିବ ।
- ପୁରୁଣା ବାକ୍ସର ଆକାର ଦେଖି ଏହାକୁ ଖଟ ପାଖରେ ଛୋଟ ଟେବୁଲ ପରି ରଖିପାରିବେ । ଆଜିକାଲି ଖଟ ସାମାନାରେ ଟେବୁଲ ରଖିବାର ଶୈଳୀ ପ୍ରଚଳିତ ଥିବାରୁ ପୁରୁଣା ବାକ୍ସକୁ କିଛି ଡିଜାଇନରେ ସଜାଇ ଏପରି ରଖିହେବ ।
- କୁକୁର ବିଲେଇ ପରି ପୋଷାଜନ୍ତୁ ପାଳିଥିଲେ ସେମାନଙ୍କ ପାଇଁ ବି ପୁରୁଣା ବାକ୍ସକୁ ସଜାଇ ଘର କରାଯାଇପାରେ ।

## ଖାଦ୍ୟ ସମ୍ପର୍କିତ ସଚେତନତା

- କଦଳୀ ଦୈନିକ ଖାଇବା ଭଲ । ହେଲେ ଖାଲିପେଟରେ କଦଳୀ ଖାଇଲେ ପେଟରେ ମ୍ୟାଗ୍ନେସିୟମ, କ୍ୟାଲସିୟମର ପରିମାଣ ବୃଦ୍ଧି ପାଇ ଜ୍ୱଳନ ହୋଇଥାଏ ।
- ରାତିରେ ସେଓ ନ ଖାଇବା ଉଚିତ । ସେଓ ଖାଇବା ଦ୍ୱାରା ରାତିବେଳା ଏହା ହଜମ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଉଥିବାର ଗବେଷକଙ୍କ ମତ ।
- ସକାଳେ ୧ଗିଲାସ ପାଣି ପିଇବା ପରେ ହିଁ ଗ୍ରୀନ ଟି ପିଇବା ଭଲ । ଖାଲିପେଟରେ ଏହା ପିଇଲେ ଶରୀରରେ ଏସିଡ ମାତ୍ରା ବୃଦ୍ଧିପାଏ ।
- ରାତିରେ କଫି ପିଇଲେ ନିଦ ଭଲଭାବରେ ହୁଏ ନାହିଁ । ଏହା ପିଇଲେ ଶରୀରରେ ଜଳର ମାତ୍ରା କମ ହୋଇଥାଏ ।
- ହରଡ଼ ଡାଲି, ବୁଟଡାଲି, ମୁଗ ଡାଲି ଇତ୍ୟାଦି ନାନାଦି ପ୍ରକାରର ଡାଲିକୁ ରାତିବେଳା ନ ଖାଇବା ଉଚିତ । ଏହା ଠିକ ଭାବରେ ହଜମ ହୁଏନାହିଁ ।
- ଖାଲିପେଟରେ ଖିର ପିଇବା ମଧ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏଥିରେ ମହଜୁଦ ଥିବା ସ୍ୟାଚୁରେଟେଡ ଫୁଡ ପ୍ରୋଟିନ ଇତ୍ୟାଦି ମାଂସପେଶୀ ଦୁର୍ବଳ କରିଥାଏ ।
- ସନ୍ଧ୍ୟାବେଳେ ଅଣ୍ଡା ଖାଇବା ଉଚିତ କିନ୍ତୁ ରାତିରେ ଅଣ୍ଡା ଖାଇଲେ ଏହା ହଜମ ଭଲଭାବେ ହୁଏ ନାହିଁ ।

## ହାତ ଓ ପାଦର ଯତ୍ନ

ସାଧାରଣତଃ ମହିଳା ଓ ଯୁବତୀମାନେ ମୁହଁ ଉପରେ ଅଧିକ ଧ୍ୟାନ ଦେଇ ଶରୀରର ଅନ୍ୟ ଅଙ୍ଗକୁ ଅଣଦେଖା କରିଥାନ୍ତି । ଏହି ଦିନେ ହାତ ଓ ପାଦର ବିଶେଷ ଯତ୍ନ ନେବା ମଧ ଜରୁରୀ ।



- ଘିକୁଆଁରୀ ରସରେ ବାଦାମ ତେଲ ମିଶାଇ ଦୈନିକ ରାତିରେ ଶୋଇବା ପୂର୍ବରୁ ହାତ ଓ ପାଦରେ ଲଗାନ୍ତୁ । ସକାଳୁ ଉଠି ଧୋଇନେବେ ।
- ୪ ଚାମଚ ଦହିରେ ୧ଚାମଚ ଗୋଲାପ ଜଳ ମିଶାଇ ସ୍ନାନ ପୂର୍ବରୁ ହାତ ଓ ପାଦରେ ପ୍ରତ୍ୟହ ମାଲିସ କରିବା ଉଚିତ । ଏହା ଏକ ଉତ୍ତମ ଶୀତଦିନିଆ ରୂପ ଚର୍ଯ୍ୟା ।
- ପଇଡ଼ ପାଣିରେ କିଛି ବୁନ୍ଦା ମହୁ ମିଶାଇ ହାତ ଓ ପାନରେ ଲଗାଇ ପରେ ଧୋଇଦେଲେ ରଙ୍ଗ ସଫା ହେବା ସହ ଏହା ମଏଶ୍ଚରାଇଜର ପରିକାମ କରିଥାଏ ।
- ୩ଚାମଚ ବେସନରେ ଚିମୁଟାଏ ହଳଦୀ ଗୁଣ୍ଡ, ୨ବୁନ୍ଦା, ଲେମ୍ବୁରସ ଓ ପାଣି ଅଳ୍ପ ମିଶାଇ ପେଷ୍ଟ କରି ହାତ ଓ ପାଦରେ ପ୍ରତ୍ୟହ ଶୀତଦିନେ ଲଗାନ୍ତୁ । ୧୫ ମିନିଟ ପରେ ଏହି ପ୍ୟାକ ଧୋଇନେବା ଉଚିତ ।

## ୧୬୦ଫୁଟ ଉପରେ ବସି ଖାଇବାର ମଜା



ପ୍ରତି କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଲୋକମାନଙ୍କୁ କିଛି ନିଆରା କରି ଦେଖାଇବା ପାଇଁ ପ୍ରେରଣା ଯୋଗାଉଛି । ଯେକୌଣସି ବ୍ୟବସାୟ ହେଉନା କାହିଁକି ଗ୍ରାହକଙ୍କୁ ଆକୃଷ୍ଟ କରିବା ସକାଶେ ସମସ୍ତେ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି । ରୋଷ୍ଟେରାଣ୍ଟରେ ଉନ୍ନତମାନର ଖାଦ୍ୟ ସାଙ୍ଗକୁ ଭିନ୍ନ ଶୈଳୀରେ ଏହାକୁ ପରଷିବା ପାଇଁ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି ନୋଏଡାର ଏକ ରେଷ୍ଟୁରାଣ୍ଟ ମାଲିକ ନିଖିଲ କୁମାର । 'ଫ୍ଲାଇଁଡାଇନିଂ ଆଟ୍ ନୋଏଡ଼ା' ନାମରେ ସେ ଏକ ରେଷ୍ଟୁରାଣ୍ଟ ଖୋଲିଛନ୍ତି , ଯେଉଁଠି ଗ୍ରାହକମାନେ ଭୂପୃଷ୍ଠରୁ ୧୬୦ ଫୁଟ ଉପରେ ଡାଇନିଂରେ ବସି ଖାଇବାର ମଜା । ରେଷ୍ଟୋରାଣ୍ଟର ମ୍ୟାନେଜିଂ ଡାଇରେକ୍ଟର ନିଖିଲ କୁହନ୍ତି, ଥରେ ଦୁବାଇ ଯାଇଥିବା ବେଳେ ସେଠାରେ ସେ ଏଭଳି ଫ୍ଲାଇଂ ଡାଇନିଂ ବିଷୟରେ ଜାଣିବାକୁ ପାଇଥିଲେ । ଏହାପରେ ଭାରତରେ ଏଭଳି ରେଷ୍ଟୁରାଣ୍ଟ ଆରମ୍ଭ କରିବାକୁ ମନସ୍ଥ କରିଥିଲେ । କିନ୍ତୁ ଲୋକଙ୍କ ସୁରକ୍ଷା ଓ ଅନୁଭବକୁ ଆହୁରି ଉତ୍କୃଷ୍ଟ କରି ଗଢ଼ିତୋଳିବା ପାଇ ରେଷ୍ଟୁରାଣ୍ଟ ତିଆରି କରିବାକୁ ୨ବର୍ଷ ସମୟ ଲାଗିଗଲା ବୋଲି ନିଖିଲ କହିଛନ୍ତି । ସେ ଆହୁରି କୁହନ୍ତି, ଏଠାରେ କାମ କରୁଥିବା ଲୋକମାନଙ୍କୁ ଜର୍ମାନୀରୁ ଆସିଥିବା ପ୍ରଶିକ୍ଷକମାନେ ଟ୍ରେନିଂ ଦେଇଛନ୍ତି । କ୍ରେନ ସାହାଯ୍ୟରେ ଏହି ଡାଇନିଂ ଟେବୁଲକୁ ଉପରକୁ ନିଆଯାଏ । ତା ପୂର୍ବରୁ ସମସ୍ତେ ଠିକ ଭାବେ ସିଟ ବେଲ୍ଟ ଲଗାଇଛନ୍ତି କି ନାହିଁ ସେ ନେଇ ୩ଥର ଯାଞ୍ଚ କରାଯାଏ । ସୁରକ୍ଷା ପାଇଁ ଲଗାଇଯାଇଥିବା ସମସ୍ତ ଉପକରଣ ଜର୍ମାନୀର ଏକ ସାର୍ଟିଫାଏଡ କମ୍ପାନୀରୁ ଟେଷ୍ଟ କରାଯାଇଛି । ତଥାପି ସୁରକ୍ଷା ଦୃଷ୍ଟିରୁ ଗର୍ଭବତୀ ଓ ଛୋଟ ପିଲାମାନଙ୍କୁ ୪ଫୁଟ ଉପରକୁ ଯିବାକୁ ଦିଆଯାଏ ନାହିଁ ।

## ଧୂମପାନ ତ୍ୟାଗର ସରଳ ଉପାୟ

- ଧୂମପାନ ନୀରବ ଘାତକ ପରିକାମ କରିଥାଏ । ସର୍ବେକ୍ଷଣରୁ ପ୍ରକାଶିତ ଯେ ପ୍ରତି ୨୦ଜଣରେ ୯ଜଣ ଲୋକ ଧୂମପାନ ଅଭ୍ୟାସ ଛାଡ଼ିବା ପାଇଁ କେବଳ ପ୍ରତିଶ୍ରୁତି କରିଥାନ୍ତି, ବାସ୍ତବରେ ଏହି ଅଭ୍ୟାସକୁ ସେମାନେ ତ୍ୟାଗ କରିପାରନ୍ତି ନାହିଁ । ତେବେ ଏଥିରୁ ନିବୃତ୍ତ ହେବା ପାଇଁ ଜନୈକ ବିଶେଷଜ୍ଞ ସରଳ ଉପଚାରମାନ ଏକ ସୋସିଆଲ ସାଇଟ ଜରିଆରେ ସାଧାରଣ ଲୋକଙ୍କୁ ଅବଗତ କରାଇଛନ୍ତି ।
- ଧୂମପାନ କରିବାକୁ ଇଚ୍ଛା ହେଲେ ଲେମ୍ବୁ ପାଣିରେ ଚିମୁଟାଏ କଳାଲୁଣ ମିଶାଇ ପିଅନ୍ତୁ । ଏଥିରେ ମହଜୁଦ ଥିବା ସଲଫର ଧୂମପାନର ଇଚ୍ଛାକୁ ହ୍ରାସ କରେ । ନିୟମିତ ଭାବରେ ଏହି ଉପାୟ କରିବା ଲାଭପ୍ରଦ ।
- ଅଁଳା ଖଣ୍ଡକୁ ଲୁଣ ମିଶାଇ କିଛିଦିନ ଖରାରେ ଶୁଖାଇ ରଖିବେ । ଧୂମପାନର ଇଚ୍ଛା ହେଲେ ଏହାକୁ ଚୋବାଇବା ଉଚିତ । ଏଥିରେ ଥିବା ଭିଟାମିନ ସି ଧୂମପାନ କରିବାର ଇଚ୍ଛାକୁ ନିୟନ୍ତ୍ରଣ କରୁଥିବାର ବିଶେଷଜ୍ଞଙ୍କ ମତ।
- ସିଗାରେଟ୍ ପିଇବାକୁ ଇଚ୍ଛା ହେଲେ ଡାଲଚିନି ଖଣ୍ଡେ ପାଟିରେ ପକାନ୍ତୁ । ପ୍ରତ୍ୟହ ଏହି ଅଭ୍ୟାସ କଲେ ଧୂମପାନରୁ ଶୀଘ୍ର ମୁକ୍ତି ମିଳେ ।



# ୨୦୨୨ ଡିସେମ୍ବର ସୁଦ୍ଧା ଭାରତୀୟ ରେଳବାଇ ସବୁ ୱାଗନକୁ ଆରଏଫ୍ଆଇଡି ଦ୍ୱାରା ଟ୍ୟାଗ କରିବ

## ଏ ପର୍ଯ୍ୟନ୍ତ ୨୩ ହଜାର ୱାଗନ ଆରଏଫ୍ ?ଆଇଡି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଛି

ନୂଆଦିଲ୍ଲୀ, ୨୫/୭ (ନି.ପ୍ର.): ଭାରତୀୟ ରେଳବାଇ ଦେଶର ସବୁ ରେଳ ୱାଗନକୁ ୨୦୨୨ ସୁଦ୍ଧା ରେଡିଓ ଫ୍ରିକ୍ୱେନ୍ସି ଆଇଡେଂଟିଫିକେସନ (ଆରଏଫ୍ ?ଆଇଡି ଟ୍ୟାଗ) ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବାରେ ଲକ୍ଷ୍ୟ ରଖିଛି । ଏହି ସମୟ ସୁଦ୍ଧା ସବୁ ରେଳ ୱାଗନରେ ରେଡିଓ ଫ୍ରିକ୍ୱେନ୍ସି ବ୍ୟବସ୍ଥା ଖଞ୍ଜାଯାଇ ସହଜରେ ଏହାର ସ୍ଥିତି ନିର୍ଦ୍ଧାରଣ କରିହେବ । ରେଳବାଇର ଏକ ବିରାଟ ଓ ବ୍ୟାପକ ବ୍ୟବସ୍ଥାରେ କେଉଁ ୱାଗନ କେଉଁଠି ରହିଲା ତାହାକୁ ଠାବ କରିବାରେ ଏହି ପଦ୍ଧତି ବିଶେଷ ସହାୟକ ହେବ । ବର୍ତ୍ତମାନ ସୁଦ୍ଧା ୨୩ ହଜାର ୱାଗନ ଆରଏଫ୍ ?ଆଇଡି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଛି । ଏବେ ଏହି କାର୍ଯ୍ୟ ମଧ୍ୟ ଜାରି ରହିଛି; କିନ୍ତୁ କରୋନା ମହାମାରୀ ଯୋଗୁଁ କାମ ଶିଥିଳ ହୋଇପଡିଛି । ୨୦୨୨ ସୁଦ୍ଧା ଦେଶର ସବୁ ରେଳ ୱାଗନରେ ଆରଏଫ୍ ?ଆଇଡି ଲଗାଯାଇ ତାକୁ ଟ୍ୟାଗିଂ କରାଯିବ । ଏବେ ଭାରତୀୟ ରେଳବାଇ ୱାଗନ ଚିହ୍ନଟ ଓ ଗଣତି କାର୍ଯ୍ୟ ମଣିଷଙ୍କ ଦ୍ୱାରା କରାଯାଉଛି । ମଣିଷ ଏହି କାର୍ଯ୍ୟ କରୁଥିବାରୁ ଏଥିରେ ଭୁଲ ହେବାର ସମ୍ଭାବନା ରହିଛି । ଆରଏଫ୍ ?ଆଇଡି ବ୍ୟବସ୍ଥା ଉପଯୋଗ କରାଗଲେ ପ୍ରତ୍ୟେକ ୱାଗନ, ଇଞ୍ଜିନ, କୋଚ୍ ? କେଉଁଠି କିଭଳି ଅବସ୍ଥାରେ ଅଛି ତାହା ନିର୍ଭୁଲଭାବେ ଜଣାପଡିବ । ଇଞ୍ଜିନଗୁଡିକରେ ମଧ୍ୟ ଆରଏଫ୍ ?ଆଇଡି ଟ୍ୟାଗ ଲଗାଯିବ । ବିଭିନ୍ନ ଷ୍ଟେସନ ଏବଂ ରେଳପଥ ପାର୍ଶ୍ୱର୍ରେ ଟ୍ରାକ୍ ? ସାଇଡ୍ ? ରିଡ୍ ?ର ଲଗାଯିବ । ଏହି ରିଡ୍ ?ର ଦୁଇ ମିଟର ଦୂରରୁ ଇଞ୍ଜିନ, ଡବା ଓ କୋଚ୍ ?ରେ ଖଞ୍ଜାଯାଇଥିବା ଟ୍ୟାଗରୁ ତଥ୍ୟ ସଂଗ୍ରହ କରି ତାହାକୁ କେନ୍ଦ୍ରୀୟ କମ୍ପ୍ୟୁଟରକୁ ପଠାଇବ । ଏହା ଫଳରେ ସବୁ ଚଳନଶୀଳ ଟ୍ରେନର ଇଞ୍ଜିନ ଓ ବଗିର ଗତିବିଧିକୁ ମଧ୍ୟ ଠାବ କରାଯାଇପାରିବ । ଆରଏଫ୍ ?ଆଇଡିର ପ୍ରଚଳନ ପରେ ୱାଗନ, ଇଞ୍ଜିନ ଏବଂ କୋଚର ବାସ୍ତବ ସଂଖ୍ୟା ସେସବୁ ଅଭାବ ଓ ଅନ୍ୟାନ୍ୟ ପ୍ରସଙ୍ଗଗୁଡିକୁ ଠିକ୍ ?ଭାବେ ଅନୁଧ୍ୟାନ କରି ସମାଧାନ କରାଯାଇପାରିବ । ଏହା ମଧ୍ୟ ତ୍ରୁଟିଶୂନ୍ୟ ଭାବେ ଶୀଘ୍ର କାର୍ଯ୍ୟକାରୀ ହୋଇପାରିବ ।

### ସମ୍ବଲପୁରରେ କୋଭିଡ୍ ପରିଚାଳନା ପାଇଁ ଆଇଏଏସ୍ ଅଧିକାରୀଙ୍କୁ ମିଳିଲା ଦାୟିତ୍ୱ

ଭୁବନେଶ୍ୱର, ୨୫/୭ (ନି.ପ୍ର.): ଆଇଏଏସ୍ ଅଧିକାରୀ ଚଂଚଳ ରଣାଙ୍କୁ ସମ୍ବଲପୁର ଜିଲ୍ଲାରେ କୋଭିଡ୍ ୧୯ ପରିଚାଳନା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ଶ୍ରୀ ରଣା ସମ୍ବଲପୁର ଜିଲ୍ଲାପାଳଙ୍କୁ କୋଭିଡ୍ ପରିଚାଳନାରେ ସହଯୋଗ କରିବେ । ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୧୪ ବ୍ୟାଚ୍ ର ଆଇଏଏସ୍ ଶ୍ରୀ ରଣା ବର୍ତ୍ତମାନ ମୟୁରଭଂଜ ଜିଲ୍ଲାର ପିଡ଼ି ଡିଆରଡିଏ ଭାବେ କାର୍ଯ୍ୟରତ ଅଛନ୍ତି ।

# ଜୟପୁର ପୌରାଂଚଳ, ୪ ଦିନ ସଟ୍ ଡାଉନ

ଜୟପୁର, ୨୫/୭ (ନି.ପ୍ର.): ଜୟପୁର ପୌରାଂଚଳକୁ ୪ ଦିନ ସଟଡାଉନ ଘୋଷଣା କରାଯାଇଛି । ଗତ ୧୫ ଦିନ ମଧ୍ୟରେ ଜୟପୁର ସହରରେ ଦିନକୁ ଦିନ କୋରନା ଆକ୍ରାନ୍ତଙ୍କ ସଖ୍ୟା ବଢି ଚାଲିଛି । ଆକ୍ରାନ୍ତଙ୍କ ସଂଖ୍ୟା ୬୫ କୁ ପାର୍ କରିଥିବା ବେଳେ ୧୫ରୁ ଅଧିକ ସାହି କଂଟେନମେଂଟ ଯୋନ ମଧ୍ୟରେ ରହିଛି । ଏସବୁ ମଧ୍ୟରେ ପ୍ରଶାସନ ତରଫରୁ ଘର ଘର ବୁଲି ସର୍ଭେ ପାଇଁ ନିଷ୍ପତି ହୋଇଛି । ଯାହାର ଲକ୍ଷଣ ଥିବ ସେମାନଙ୍କୁ କୋଭିଡ୍ କେୟାର ହୋମରେ ରଖି ଚିକିତ୍ସା କରାଯିବାକୁ ସ୍ଥିର ହୋଇଛି । ଏଥି ନିମନ୍ତେ ଜୟପୁର ପୌରପାଳିକାକୁ ୪ ଦିନ ପାଇଁ ସଟ୍ ଡାଉନ ଘୋଷଣା କରାଯାଇଛି । ୨୪ ତାରିଖ ସନ୍ଧ୍ୟା ୬ ଟା ଠାରୁ ୨୮ ତାରିଖ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ସଟଡାଉନ ଘୋଷଣା କରିଛନ୍ତି ଜିଲାପାଳ । ଏହି ଅବଧି ମଧ୍ୟରେ ସମସ୍ତେ ଘରେ ରହିବେ ଏବଂ ଘର ଘର ବୁଲି ପ୍ରଶାସନ ତରଫରୁ ସମସ୍ତଙ୍କର କୋଭିଡ ଟେଷ୍ଟିଂ କରାଯିବ । ଏନେଇ ଆଜି ଶିକ୍ଷୟତ୍ରୀ, ଅଙ୍ଗନବାଡୀ, ଆଶା କର୍ମୀଙ୍କୁ ତାଲିମ ଦିଆଯାଇଛି । ୯୮ଟି ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମରେ ଶିକ୍ଷୟତ୍ରୀ, ଅଙ୍ଗନବାଡୀ, ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଛି । ଏହି ଟିମ୍ କୁ ତଦାରଖ କରିବା ପାଇଁ ୧୪ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ପୌରାଂଚଳର ୨୮ଟି ଓାର୍ଡରେ ୧୯ ହଜାରରୁ ଅଧିକ ଘରେ ଏହି ସର୍ଭେ କରାଯିବ । ଯାହାର ଲକ୍ଷଣ ଥିବ ତାକୁ କୋଭିଡ୍ କେୟାର ହୋମରେ ରଖାଯାଇ ସ୍ୱାବ ପରୀକ୍ଷା କରାଯାଇ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯିବ ।

# ଜିଲ୍ଲାପାଳଙ୍କ କୋବିଡ଼୍ କେୟାର ସେଣ୍ଟର ଓ ହସ୍‌ପିଟାଲ ପରିଦର୍ଶନ

ଭଦ୍ରକ, ୨୫/୭ (ହି.ସ.) - ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଜି ଜିଲ୍ଲାର ବିଭିନ୍ନ କୋବିଡ କେୟାର ସେଣ୍ଟର, ଟିଏମ୍‌ସି ଓ ଜିଲ୍ଲା କୋବିଡ ହସ୍‌ପିଟାଲ ପରିଦର୍ଶନ କରି ଅନ୍ତେବାସୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ବିଶେଷ ଭାବେ ଜିଲ୍ଲା କୋବିଡ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତଙ୍କ ଖାଦ୍ୟପେୟ ସଂପର୍କରେ ପଚାରି ବୁଝିବା ସହିତ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରନ୍ଧାଖାଦ୍ୟକୁ ମଧ୍ୟ ଦେଖିଥିଲେ । ଜିଲ୍ଲାପାଳ ଡ. ଦାସ ଓଲଙ୍ଗ ସ୍ଥିତ କୋବିଡ କେୟାର ସେଣ୍ଟରକୁ ଯାଇ ସେଠାକାର ପରିବେଶ ଦେଖି ବେଶ୍ ସନ୍ତୋଷ ପ୍ରକଟ କରିଥିଲେ । ଧାମନଗର ଦୋବଲ ମୁସ୍‌ଲିମ୍‌ସାହିର ଜଣେ ସଂଖ୍ୟାଲଘୁ ଅଙ୍ଗନୱାଡି କର୍ମୀ ସକିଲା ବେଗମ ଓ ତାଙ୍କ ପରିବାର ସଦସ୍ୟ ମାସ୍କ ତିଆରି କରି ଗରିବ ଲୋକଙ୍କୁ ମାଗଣାରେ ବଣ୍ଟନ କରୁଥିବା ନେଇ ସନ୍ତୋଷ ପ୍ରକଟ କରିଥିଲେ । ଜିଲ୍ଲାପାଳ ଡ. ଦାସ ଜିଲ୍ଲାର ସମସ୍ତ ଟିଏମସି, କୋବିଡ କେୟାର ସେଣ୍ଟରରେ ରହୁଥିବା ଅନ୍ତେବାସୀମାନଙ୍କର ଯେପରି କୌଣସି ଅସୁବିଧା ନ ହେଉ, ସେ ନେଇ ନୋଡାଲ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ସହିତ ଅତିରକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜନସ୍ୱାସ୍ଥ୍ୟ, ସରପଞ୍ଚ, ବିଡିଓ ମଧ୍ୟ ସାମିଲ ହୋଇଥିଲେ ।

# ଆଖୁନାଳର ଚେକ୍ ଡ୍ୟାମ୍ ଆଗେଇ ପାରୁନି : ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା, ୨୫/୭ (ନି.ପ୍ର.): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତରୁ ବାହାରିଥିବା ଆଖୁଆନାଳ ସୁପ୍ତ ଅବସ୍ଥାରେ ପଡି ରହିଛି । ଏହି ନାଳ ଉପରେ ଶହଶହ ସଂଖ୍ୟାରେ ଜନସାଧାରଣ ଚାଷ କାର୍ଯ୍ୟରେ ଉପକୃତ ହେଉଥିଲେ । ଦୀର୍ଘ ବର୍ଷ ହେବ ଏହି ନାଳରୁ ପୁନଃରୁଦ୍ଧାର ନ ହୋଇ ଏହା ସମ୍ପୂର୍ଣ୍ଣଭାବେ ଦଳ ମାଡି ଯିବା ସହିତ ବହୁ ସ୍ଥାନରେ ଏହା ଶୁଖି ଗଲାଣି । ଯାହାକି ଲୋକଙ୍କ କାମରେ ଆସୁ ନ ଥିଲା । ଏନେଇ ସ୍ଥାନୀୟ ଜନସାଧାଣ ବହୁବାର ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ । ହେଲେ କୌଣସି ସୁଫଳ ମିଳି ନ ଥିଲା । ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଏହି ଅଂଚଳକୁ ଆସିଥିବା ବିଧାୟିକା ପ୍ରାର୍ଥୀ ସୁନନ୍ଦା ଦାସ ଏଠାକୁ ନିର୍ବାଚନ ପ୍ରଚାରରେ ଭୋଟ ଭିକ୍ଷା ପାଇଁ ଆସିଥିଲେ । ଏବଂ ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ନିକଟରେ ଅଭିଯୋଗ କରିଥିଲେ । ନିର୍ବାଚନ ପରେ ଏହାର ପୁନଃରୁଦ୍ଧାର ହେବ ବୋଲି ପ୍ରତିଶୃତି ଦେଇଥିଲେ । ବିଜୟୀ ହେବା ପରେ ଜୁନ ମାସ ୨୦୧୯ ମସିହାରେ ବିଧାୟିକା ଶ୍ରୀମତୀ ଦାସ ଏହାର ପୁନଃରୁଦ୍ଧାର ହେବାର ପ୍ରତିଶୃତି ପାଳନ ନିମନ୍ତେ ବନ୍ଧଡିହ ପଂଚାୟତସ୍ଥ ଜୟସୁଙ୍ଗୁଡା ଗ୍ରାମ ନିକଟସ୍ଥ ସପ୍ତେଶ୍ୱର ମନ୍ଦିର ନିକଟରେ ପଂହଚି ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ତାଙ୍କ ସହିତ ଡ୍ରେନେଜ ସବ୍‌ଡିଭିଜନ ନଂ ୧ ଯାଜପୁର ଉପ-ବିଭାଜନ ଯନ୍ତ୍ରୀ ଅଭିରାମ ବେହୁରିଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ । ତୁରନ୍ତ ଏହି ଆଖୁଆ ନାଳ ଉପରେ ଓଡିଶା ସରକାରଙ୍କ ପକ୍ଷରୁ ଆର୍ଥିକ ବର୍ଷ ୨୦୧୯-୨୦ ବର୍ଷରେ ବ୍ୟୟ ବରାଦ କରାଯାଇଥିଲା । ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଜନ ଅଧିନରେ ଏହି ନାଳ ଉପରେ ଏକ ଚେକ୍ ଡ୍ୟାମ କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ୧ବର୍ଷରୁ ଉର୍ଦ୍ଧ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଡ୍ୟାମ ନିର୍ମାଣ ସରିପାରି ନାହିଁ । ଏହି ଚେକ୍ ଡ୍ୟାମ କାର୍ଯ୍ୟରେ ବ୍ୟତିକ୍ରମ ହେଉଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଫଳକ ଥାଇ ମଧ୍ୟ ଏହି ଚେକ୍ ଡ୍ୟାମ ସମ୍ପର୍କରେ କିଛି ସୂଚନା ନ ଥିବାରୁ ସାଧାଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଚେକ୍ ଡ୍ୟାମର କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଏବଂ ଏହାର ବ୍ୟୟ ଅଟକଳର ତାଲିକା ନ ଥିବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ମାଣ ସମୟରେ ଅନେକ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ଏହି ଏବେ ଅଧପନ୍ତରିଆ ହୋଇରହିଛି । ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି । କେବେ ଏହି କାମ ସରିବା ନେଇ ଅନିଶ୍ଚତା ଘେରକୁ ଚାଲିଯାଇଛି । ତୁରନ୍ତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ସୂଚନାମୁତାବକଏହି ନାଳଟି ବ୍ରହ୍ମବରଦାଠାରୁ ବାହାରି ଗମ୍ଭୁଠାରେ ବିରୂପା ନଦୀରେ ଏହା ଲୀନ ହୋଇଛି । ଏହି ନାଳ ଉପରେ ବ୍ରହ୍ମବରଦା ସମତେ ବନ୍ଧଡିହ, ଗୋଲକୁଣ୍ଡ, ବାଲିଆ, ଧାରପୁର, ସାହୁପଡା, ରତ୍ନଗିରି, ଅମଠପୁର, ମହାକାଳପଡା ଆଦି ପଂଚାୟତ ପ୍ରଭାହିତ ହୋଇ ଶେଷରେ ଗମ୍ଭୁ ପଂଚାୟତଠାରେ ବିରୂପା ନଦୀରେ ମିଶିଛି । ଏହି ନାଳ ପାଣିରେ ୧୦ରୁ ଉର୍ଦ୍ଧ ପଂଚାୟତର ଶତାଧିକ ଚାଷୀ ଉପକୃତ ହେଉଥିଲେ । ପାଣି ଅଭାବରୁ ଏହି ଚାଷ ଜମି ସବୁ ପଡିଆ ପଡିଥିଲା । ଏହାର ପୁନଃରୁଦ୍ଧାରେ ହେଲେ ଶତାଧିକ ଚାଷୀଙ୍କ ଉପକାର ଆସିବ ବୋଲି ଜଣାପଡିଛି ।

# ଭୁବନ ଏନଏସି ରେ ଘରକୁ ଘର ବୁଲି ସର୍ଭେ ଆରମ୍ଭ

ଭୁବନ, ୨୫/୭ (ନି.ପ୍ର.): ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳ ଗ୍ରାମର କରୋନା ସଂକ୍ରମିତ ଦୁଇଭାଇ ଗତ ୧୫ ତାରିଖ ଦିନ ସ୍ୱାବ ଦେଇ ଭୁବନ ବଜାରରେ ମାର୍କେଟିଂ କରି ବିଭିନ୍ନ ଦୋକାନୀ ଙ୍କ ସଂପର୍ଶରେ ଆସିଥିବା କାରଣରୁ ଗତ ୨୦ ତାରିଖ ଠାରୁ ୭ଟି ବ୍ୟବସାୟ ପ୍ରତିଷ୍ଠାନ,ଗୋଟିଏ ବ୍ୟାଙ୍କ ଓ ଗୋଟିଏ ପେଟ୍ରୋଲ ପମ୍ପ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଛି । ଭୁବନ ଏନଏସି ରେ ମୋଟ ୬୭ ଜଣଙ୍କୁ ଚିହ୍ନଟ କରାଯାଇ ଗତକାଲି ସେମାନଙ୍କର ସ୍ୱାବ ଟେଷ୍ଟ କରାଯାଇଛି । ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଏନଏସି କୁ ଦୁଇଦିନ ସଟଡାଉନ କରି ଆଜିଠାରୁ ଅଙ୍ଗନବାଡି କର୍ମୀ , ହେଲପର ମାନେ ଘରକୁ ଘର ବୁଲି ସର୍ଭେ ଆରମ୍ଭ କରିଛନ୍ତି । ଏନଏସି କର୍ମଚ୍ୱରୀ ମାନେ ଏଥିରେ ସହଯୋଗ କରୁଛନ୍ତି । ସର୍ଭେ ଫର୍ମାଟରେ ପରିବାର ସଦସ୍ୟ ଙ୍କ ନାମ,ବୟସ ଏବଂ କୌଣସି ସଦସ୍ୟ ଥଣ୍ଡା,ଜ୍ୱର,କାଶ,ଛିଙ୍କ ଓ କଫ ଜନିତ ରୋଗରେ ପୀଡିତ ଅଛନ୍ତି କି ନାହିଁ ସେ ସଂପର୍କରେ ତଥ୍ୟ ଉଲ୍ଲେଖ କରୁଛନ୍ତି । ଆସନ୍ତା କାଲି ମଧ୍ୟ ଘରକୁ ଘର ବୁଲି ସର୍ଭେ କରାଯିବ ବୋଲି ସୂଚନା ମିଳିଛି ।

# ରାଷ୍ଟ୍ରପତି ପୁରସ୍କାର ପାଇଁ ଧାମନଗର ମାଟିରୁ ୩ ଜଣ ସ୍ୱାଧୀନତା ସଂଗ୍ରାମୀ ମନୋନୀତ

ଭଦ୍ରକ, ୨୫/୭ (ହି.ସ.) - ପରାଧୀନ ଭାରତକୁ ସ୍ୱାଧୀନତା ଆଣିବାରେ ଯେଉଁମାନେ ନିଜ ଲୁହ ଲୋହୁ ଢାଳି ସମଗ୍ର ଭାରତବାସୀଙ୍କୁ ସ୍ୱାଧୀନତା ଆଣି ଦେଇଥିଲେ । ସେମାନେ ହେଉଛନ୍ତି ଏ ମାଟିର ବୀରପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀ ଯେଉଁମାନଙ୍କ ପାଇଁ ଗର୍ବ ଅନୁଭବ କରେ ଏ ଓଡ଼ିଶା ମାଟି । ସେହି ଦେଶପ୍ରେମୀ ମାନଙ୍କର ତ୍ୟାଗ ବଳିଦାନକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ତରଫରୁ ଆସନ୍ତା ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ରାଷ୍ଟ୍ରପତି ପକ୍ଷରୁ ପୁରସ୍କୃତ ହେବାକୁ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ଭଦ୍ରକ ଜିଲାର ଧାମନଗର ବ୍ଲକ୍‌ରୁ ତିନିଜଣ ସଂଗ୍ରାମୀଙ୍କୁ ପୁରସ୍କୃତ କରାଯିବ । ସେମାନେ ହେଲେ ଧୁଷୁରୀ ପଂଚାୟତର ରାମହରି ଗୋସ୍ୱାମୀ, ଗୌରୀଶ୍ୟାମ ଗୋସ୍ୱାମୀ ଓ ବୟାଙ୍ଗଡିହ ପଂଚାୟତ କମାରବନ୍ଧର ବ୍ରଜକିଶୋର ରାଉତଙ୍କୁ ପୁରସ୍କୃତ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କରୋନା କଟକଣା ପାଇଁ ଏହି ପୁରସ୍କୃତ ଉତ୍ସବ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ବାତିଲ କରାଯାଇଛି । ସେ ଦୃଷ୍ଟିରୁ ଭଦ୍ରକ ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ ଦ୍ୱାରା ଅଗଷ୍ଟ ୯ ତାରିଖରେ ମନୋନୀତ ସ୍ୱାଧୀନତା ସଂଗ୍ରାମୀଙ୍କ ବାସଭବନକୁ ଯାଇ ରାଷ୍ଟ୍ରପତିଙ୍କ ପୁରସ୍କାର ପ୍ରଦାନ କରିବା ସହ ସଂଗ୍ରାମୀ ମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ କେନ୍ଦ୍ର ସରକାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ସାରା ଓଡ଼ିଶାରେ ରାଷ୍ଟ୍ରପତି ୧୦ ଜଣଙ୍କୁ ମନୋନୀତ କରିଥିବାବେଳେ ଭଦ୍ରକ ଜିଲା ଧାମନଗର ବ୍ଲକ୍‌ର ସହୀଦ ପବିତ୍ର ମାଟିରୁ ତିନି ଜଣ ସ୍ୱାଧୀନତା ସଂଗ୍ରାମୀ ମନୋତୀ ହେଇଥିବାରୁ ଧାମନଗର ଅଂଚଳ ପାଇଁ ଗର୍ବ ଗୌରବର ବିଷୟ ପାଲଟିଛି ।

# କନ୍ଧମାଳ ଜିଲ୍ଲାସିର୍ଲା ଜଙ୍ଗଲରେ ମାଓ ଏନକାଉଣ୍ଟର ଘଟଣାର ସମୀକ୍ଷା କଲେ ପୋଲିସ ଡିଜି

କନ୍ଧମାଳ, ୨୫/୭ (ନି.ପ୍ର.): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅର୍ନ୍ତଗତ ସିର୍ଲା ପଂଚାୟତରେ ଥିବା ସପେଲି ଜଙ୍ଗଲରେ ଗୁରୁବାର ପୋଲିସ ଏନକାଉଣ୍ଟର ଜଣେ ମହିଳା ମାଓବାଦୀଙ୍କ ସମେତ ୨ ଜଣ ମାଓବାଦୀଙ୍କ ମୃତ୍ୟୁ ଏବଂ ବିପୁଳମାଓ ସାମଗ୍ରୀ ଜବତ ଘଟଣାପରେ ଆଜି ପୋଲିସ ଡିଜିଅଭୟଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ମାନେ ହ୍ୟାଲିକ୍ୟାପ୍ଟର ଯୋଗେ ଫୁଲବାଣୀ ମାଦିକୁନ୍ଦା ପୋଲିସ ପଡିଆରେ ପଂହଚିଥିଲେ । ଗତକାଲି ସଂନ୍ଧ୍ୟାପ୍ରାୟ ୫ଟା ସମୟରେ ହୋଇଥିବା ଏନକାଉଣ୍ଟରରେ ଜବାନ ମାନଙ୍କ ମଧ୍ୟରୁ କେହି ଆହତ ହୋଇନଥିବାବେଳେଆହୁରି ଅଧିକ ମାଓବାଦୀଙ୍କର ମୃତାହତର ଆଶଙ୍କା ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଘଟଣାରେ ଗୁଳି ବିନିମୟ ପରେ ସେଠାରେ କରାଯାଇଥିବା ସର୍ଚ୍ଚଅପରେସନରେ ପୋଲିସ ବାହୀନି ଘଟଣାସ୍ଥଳରୁ ଗୋଟିଏ ଇନସାସ୍ ରାଇଫଲ, ଗୋଟିଏ କାରବାଇନ୍ ମେସିନ୍, ଦୁଇଟି ଦେଶୀ ବନ୍ଧୁକ କିଛି ମାଗାଜିନ ଓ ଅଫୁଟା ଗୁଳି ସମେତ ଅନେକ ମାଓ ବ୍ୟବହୃତ ସାମଗ୍ରୀ ଜବତ କରିଛି । ଚଳିତମାଷରେ ୧୯ ଦିନ ମଧ୍ୟରେ ପୋଲିସ ଜବାନ ମାନଙ୍କରଏହା ତୃତୀୟ ଏନକାଉଣ୍ଟର ଏବଂ ଏହି ୩ ଦିନରେ ପୋଲିସ ଜବାନ ମାନେ ୭ ଜଣ ମାଓବାଦୀଙ୍କୁ ଏନକାଉଣ୍ଟର କରିବାସହିତ ବିପୁଳ ପରିମାଣରେ ମାଓ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିବାରେ ସଫଳ ହୋଇଛନ୍ତି ଏହାର ପରିଣାମରେ ଜିଲାରେ ମାଓ ସଂଗଠନ ଦୁର୍ବଳ ହେବାରେ ଲାଗିଛି ତେଣୁ କନ୍ଧମାଳ ପୋଲିସ ଓ ସୁରକ୍ଷା କର୍ମୀଙ୍କ ମନୋବଳ ବଢାଇବା ପାଇଁଡିଜି ଅଭୟ ଫୁଲବାଣୀରେ ପଂହଚି କନ୍ଧମାଳ ଆରକ୍ଷୀଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ପୋଲିସ ଏସଓଜି ଓ ଡିଭିଏଫ ଜବାନଙ୍କସଫଳତା ପାଇଁ ପ୍ରଶଂସା କରିଥିଲେ । ଗତ ୧୯ ଦିନ ମଧ୍ୟରେ ୩ ମହିଳା ମାଓବାଦୀଙ୍କ ସମେତ ୭ ଜଣ କ୍ୟାଡରମାଓବାଦୀଙ୍କୁ ଏନକାଉଣ୍ଟର କରି ଥିବାରୁ ଡିଜି ଅଭୟ ଏହା ଏକ ପୋଲିସର ବଡ ସଫଳତା ବୋଲି କହିଛନ୍ତି । ସେହିପରି ଦିନକୁ ଦିନ ରାଜ୍ୟରେ ମାଓବାଦୀଙ୍କ ସଂଖ୍ୟା ପୂର୍ବାପେକ୍ଷା ହ୍ରାସ ପାଇବାରେ ଲାଗିଛି । ରାଜ୍ୟର ବହୁତ କମ୍ ସ୍ଥାନରେ କମ୍‌ସଂଖ୍ୟକ ମାଓବାଦୀ ରହିଛନ୍ତି । ସେଥିମଧ୍ୟରୁ ଓଡିଆ କ୍ୟାଡର ମାଓବାଦୀଙ୍କ ସଂଖ୍ୟା ୧୦ପ୍ରତିଶତରୁ ବି କମ୍ ଥିବାବେଳେ ଛତିଶଗଡର ମେନିପୁର ଅଂଚଳର ଅଧିକାଂଶ ମାଓକ୍ୟାଡର ମାନେ ଜିଲାରେ ସକ୍ରୀୟଅଛନ୍ତି ବୋଲି ଡିଜି କହିଥିଲେ । ସେଥିପାଇଁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁଆହ୍ୱାନ ଦେଇଥିଲେ । ସରକାରଙ୍କର ସରେଣ୍ଡର୍ ପଲିସି ଅନୁଯାୟୀ ସମସ୍ତ ପ୍ରକାର ଆର୍ଥିକ ସହାୟତା ଓ ଅନୁଦାନପ୍ରଦାନ କରାଯିବା ସହିତ ସେମାନଙ୍କୁ ସମାଜରେ ଥଇଥାନ ପାଇଁ ସମସ୍ତ ବ୍ୟବସ୍ଥା ରହିଛି ବୋଲି ଡିଜି କହିଥିଲେ । ଗତବର୍ଷ ୧୩ ଓଡିଆ କ୍ୟାଡରମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଚଳିତ ବର୍ଷ ପାଖାପାଖି ୧୯ ଜଣ କ୍ୟାଡର ମାଓବାଦୀ ରାଜ୍ୟରେ ଆତ୍ମସମର୍ପଣ କରିସାରିଲେଣି ବୋଲି ସେ ଆହୁରି ସୂଚନା ଦେଇଥିଲେ । ସେହିପରି ଦକ୍ଷିଣାଂଚଳ ଡିଆଇଜିସତ୍ୟବ୍ରତ ଭୋଇ ଗତକାଲି ଏନକାଉଣ୍ଟରରେ ନିହତ ହୋଇଥିବା ୨ ମାଓବାଦୀଙ୍କ ପରିଚୟ ମିଳିନଥିବା ବେଳେଅତିଶିଘ୍ର ସେମାନଙ୍କର ପରିଚୟ ମିଳିଯିବ ବୋଲି ସୂଚନା ଦେଇଥିଲେ । ସେହିପରି କନ୍ଧମାଳ ଜିଲ୍ଲାକୁ ମାଓ ମୁକ୍ତଜିଲ୍ଲା କରିବା ପାଇଁ ପୋଲିସର ଉଦ୍ୟମ ଜାରୀ ରହିବ ବୋଲି ସେ ସୂଚନା ଦେଇଥିଲେ । ସେହିପରି ଗତ ୫ ଓ୬ ତାରିଖ ଦିନ ସେହି ଜଙ୍ଗଲରେ ପୋଲିସ ଏନକାଉଣ୍ଟରରେ ୨ ମହିଳା ମାଓବାଦୀଙ୍କ ସମେତ ୫ ଜଣ ହାର୍ଡକୋରମାଓବାଦୀଙ୍କ ମୃତ୍ୟୁ ଘଟିଥିଲା । ସେତେବେଳେ ମଧ୍ୟ ଡିଜି ଏଠାକୁ ଆସିଥିଲେ । ଗତ ୧୯ ଦିନ ମଧ୍ୟରେ ୭ମାଓବାଦୀଙ୍କୁ ଏନକାଉଣ୍ଟର କରିଛି କନ୍ଧମାଳ ପୋଲିସ । ଯାହାକି ପୋଲିସର ଏହା ବଡ ସଫଳତା । କନ୍ଧମାଳପୋଲିସ ଏସପି ଭିନିତ ଅଗ୍ରୱାଲ, ଡିଭିଏଫ ଓ ଏସଓଜି ଜବାନଙ୍କୁ ଏହି ସଫଳତା ପାଇଁ ପ୍ରଶଂସା କରିଥିଲେଡିଜି । ମାଓବାଦୀ ମାନେ ବନ୍ଧୁକ ଛାଡି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଅପିଲ କରିଛନ୍ତି ଡିଜି ଅଭୟ ।କନ୍ଧମାଳ ଜିଲ୍ଲାକୁ ମାଓମୁକ୍ତ ଜିଲ୍ଲା କରିବା ଲାଗି କନ୍ଧମାଳ ପୋଲିସ ବର୍ତମାନ ପଦକ୍ଷେପ ନେବାରେ ଲାଗିଛି ।ଆଜି ଡିଜିଙ୍କ ସହିତ ଏହି ଗସ୍ତରେ ଡାଇରେକ୍ଟର ଇଣ୍ଟେଲିଜେନ୍ସ ଆର.କେ ଶର୍ମା, ଆଇ.ଜି ଅପରେସନ ଅମିତାଭଠାକୁର, ଡିଆଇଜିସତ୍ୟବ୍ରତ ଭୋଇ, ଅନିରୁଦ୍ଧ ସିଂ, ଅନୁପ ସାହୁଙ୍କ ସମତେ କନ୍ଧମାଳ ଏସପି ଭିନିତଅଗ୍ରାୱାଲଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ମନେ ଉପସ୍ଥିତ ଥିଲେ ।

# ବହୁ ପ୍ରତିକ୍ଷୀତ ହରିଦାସପୁର-ପାରାଦ୍ୱୀପ ରେଳପଥରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ ଟ୍ରେନ୍ ଗଡିଲା

ପାରାଦ୍ୱୀପ, ୨୫/୭ (ନି.ପ୍ର.): ବହୁ ପ୍ରତିକ୍ଷୀତ ହରିଦାସପୁର-ପାରାଦ୍ୱୀପ ରେଳପଥରେ ଆଜି ପରୀକ୍ଷାମୂଳକ ଭାବେ ବିଦ୍ୟୁତ ଟ୍ରେନ୍ ଗଡିଛି । ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଏହି ବିଦ୍ୟୁତଚାଳିତ ପାସେଞ୍ଜର୍ ଟ୍ରେନ୍ ଟି ହରିଦାସପୁର ଷ୍ଟେସନରୁ ଛାଡିଥିଲା । ଏହି ପାସେଞ୍ଜର୍ ଟ୍ରେନ୍ ଟି ନିର୍ଦ୍ଧାରୀତ ସମୟରେ ପାରାଦ୍ୱୀପରେ ପହଂଚିଛି । ରାସ୍ତାରେ ବିଶେଷ କିଛି ତ୍ରୁଟୀ ପରିଲକ୍ଷିତ ହୋଇନଥିବା ଜଣାପଡିଛି । ରାସ୍ତାରେ ରେଲୱେର ସ୍ୱତନ୍ତ୍ର ଟିମ୍ ଏହାର ତଦାରଖ କରିଥିଲେ । ପ୍ରକଳ୍ପର ଜେନେରାଲ ମ୍ୟାନେଜର ପ୍ରତାପ ମହାନ୍ତି ଓ ପଦସ୍ଥ ଅଧିକାରୀ ମାନେ ହରିଦାସପୁର ଠାରେ ଉପସ୍ଥିତ ଥିଲେ । ଏହି ଟ୍ରାକ୍ କୁ ଅଧିକ ତଦାରଖ କରିବା ପାଇଁ ରେଳ ବିଭାଗର ଟେକନିକାଲ ସ୍ୱତନ୍ତ୍ର ଟିମ୍ ପାରାଦ୍ୱୀପରେ ଆସି ପହଂଚିଛନ୍ତି । ମାସକ ମଧ୍ୟରେ ଏହି ରେଳ ପ୍ରକଳ୍ପର ଉଦଘାଟନ ହେବ ବୋଲି କହିଛନ୍ତି ପ୍ରକଳ୍ପର ଜେନେରାଲ ମ୍ୟାନେଜର ଶ୍ରୀ ମହାନ୍ତି । ଅନ୍ୟପକ୍ଷରେ ଏହି ବହୁ ପ୍ରତିକ୍ଷୀତ ରେଳପଥରେ ଆଜି ପରୀକ୍ଷାମୂଳକ ଭାବେ ଟ୍ରେନ୍ ଚାଲିବା ସଫଳ ହୋଇଥିବାରୁ ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ପ୍ରଧାନମନ୍ତ୍ରୀ, ରେଳ ମନ୍ତ୍ରୀ ଓ ପଦସ୍ଥ ଅଧିକାରୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ମରଣଯନ୍ତା ପାଲଟିଛି ୩୫୩ ନଂ ଜାତୀୟ ରାଜପଥ

ନୂଆପଡା, ୨୫/୭ (ନି.ପ୍ର.): ନୂଆପଡା ଜିଲ୍ଲା ଖଡିଆଳ ସହରର ରାଜା ଆର୍ତ୍ତ୍ରାଣ ହାଇସ୍କୁଲ ସମ୍ମୁଖରେ ଜାତୀୟ ରାଜପଥକୁ ମରାମତୀକରାଯାଉନଥିବାରୁ ରାଜପଥ ମରଣାଯନ୍ତା ପାଲଟିଛି । ଫଳରେ ଯାତାୟତରେ ଅନେକ ଅସୁବିଧା ଦେଖା ଦେଉଥିବାବେଳେ ଅନେକ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ସୂଚନା ମିଳିଛି । ଗତ ୫-୬ ବର୍ଷ ପୂର୍ବେ ୩୫୩ ନଂଜାତୀୟ ରାଜପଥର ଉନ୍ନତିକରଣ ଆରମ୍ଭ କରାଯାଇଥିଲା । ହେଲେ ଏହି ଜାତୀୟ ରାଜପଥ ଆଜି ପର୍ଯ୍ୟନ୍ତ ଶେଷହୋଇପାରୁନଥିବା ବେଳେ ରାଜପଥର ଅନେକ ସ୍ଥାନରେ ନିର୍ମାଣ ନହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି । ଯାହାଫଳରେ ଯାତାୟତରେ ଅନେକଅସୁବିଧା ଦେଖାଦେଉଛି ।

# ଦୁର୍ଘଟଣାରେ ମୃତ ବସ କର୍ମଚାରୀଙ୍କୁ ଶ୍ରଦ୍ଧାଳି

ବାରିପଦା, ୨୫/୭ (ନି.ପ୍ର.): ଗତ୨୨ ତାରିଖ ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ୪୯ ନମ୍ବର ଜାତୀୟପଥର ଚଢେଇଭୋଳ ନିକଟରେ ବାଇକକୁ ପଛପଟୁ ଅଏଲ ଟ୍ୟାଙ୍କର ଧକ୍କାଦେବା ଫଳରେ ଘଟିଥିବା ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ ଦୁଇ ବାଇକ୍ ଆରୋହୀ । ଦୁଇ ବାଇକ୍ ଆରୋହୀଙ୍କ ମଧ୍ୟରୁ ସୁରିଆ ବେହେରା ଥିଲେ ଜଣେ ବସ୍ କର୍ମଚାରୀ । ତାଙ୍କର କଟକ ଯିବା ବାଟରେ ରାସ୍ତାରେ ମୃତ୍ୟୁ ଘଟିଥିଲା । ୨୩ ତାରିଖ ସକାଳେ ତାଙ୍କ ମର ଶରୀର କରିଆରେ ପହଂଚିବାପରେ ସହରରେ ଶୋକର ଛାୟା ଖେଳିଯାଇଥିଲା । ଏହି ଦିବଂଗତ ବସ କର୍ମଚାରୀ ସୁରିଆ ବେହେରା ଙ୍କୁ ଶେଷ ଦର୍ଶନ ଓ ଶଦ୍ଧାଳି ଜ୍ଞାପନପାଇଁ ତାଙ୍କ ମରଶରୀରକୁ କରିଆ ବସଷ୍ଟାଣ୍ଡକୁ ନିଆଯାଇଥିଲା ।



ସେଠାରେ କରିଆ ବସ ମାଲିକ ସଙ୍ଘର ସମ୍ପାଦକ ଶ୍ରୀ ଅରୁଣ କୁମାର ଅଗରୱାଲ, ଅନ୍ୟ କର୍ମକର୍ତା ସର୍ବଶୀ ମହେଶ୍ୱର ସାହା, ନିରନ କୁମାର ଦାସ (ଲାଲ୍‌ଟୁ), କୃଷ୍ଣ ଗୋପାଳ(ପୋଲ୍‌ଟୁ) ଦାସ, ବରିଷ୍ଠ ବସ୍‌ମାଲିକ ସୀତାରାମ୍ ଅଗରୱାଲ, ଯୋଗେନ୍ଦ୍ର ପୃଷ୍ଟି ଏବଂ ଅନ୍ୟ ବସ୍ ମାଲିକମାନେ ଏବଂ ବସ୍ କର୍ମଚାରୀ ମାନେ ଉପସ୍ଥିତ ହୋଇ ସୁରିଆଙ୍କ ମର ଶରୀରକୁ ଶେଷଦର୍ଶନ କରିବାସହ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ବସ୍ ମାଲିକ ସଙ୍ଘର କର୍ମକର୍ତା ମାନେ ସୁରିଆଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହିତ ଆର୍ଥୀକ ସହାୟତା ପ୍ରଦାନ କରିଥିଲେ । ସୁରିଆଙ୍କୁ କଟକ ପଠାଇବା ବ୍ୟବସ୍ଥା ସାଙ୍ଗକୁ ମର ଶରୀରକୁ ଆଣି ସତ୍କାର କରିବା ପର୍ଯ୍ୟନ୍ତ ସବୁଥିରେ ବସ୍ ମାଲିକ ସଙ୍ଘ ସହଯୋଗ କରିଥିବାର ପ୍ରକାଶ । ସୁରିଆ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବସ୍ କର୍ମଚାରୀ ଥିଲେ ।

# ଏକାଧିକ ବାର ପ୍ଲାଜମା ଦାନ କରିପାରିବେ କରୋନାରୁ ସୁସ୍ଥ ବ୍ୟକ୍ତି

## ପ୍ଲାଜମା ଥେରାପି ପରେ ସୁସ୍ଥ ହୋଇ ଫେରିଲେ କଟକର ୪୮ ବର୍ଷୀୟ ମହିଳା

ଭୁବନେଶ୍ୱର, ୨୫/୭ (ନି.ପ୍ର.): କୋଭିଡ ରୋଗର ଚିକିତ୍ସାରେ ପ୍ଲାଜମା ଥେରାପି ଆମ ରାଜ୍ୟରେ ଉତ୍ସାହଜନକ ସଫଳତା ଆଣିଛି । ଆନନ୍ଦର କଥା ଯେ ଏହି ଚିକିତ୍ସା ପଦ୍ଧତି ଦ୍ୱାରା କଟକର ଜଣେ ୪୮ ବର୍ଷୀୟା ମହିଳା ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏହା ଡାକ୍ତର ଓ ରୋଗୀମାନଙ୍କ ମଧ୍ୟରେ ଆଶା ସଂଚାର କରିଛି । ଗତ ସପ୍ତାହରୁ ରାଜ୍ୟରେ ପ୍ଲାଜମା ଥେରାପି ଆରମ୍ଭ ହୋଇଛି । କଟକର ଏସସିବି ଓ ରାଉରକେଲାର ଆଇଜିଏଚ ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା ହେବା ସହ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରରେ ପ୍ଲାଜମା ଥେରାପି ଆରମ୍ଭ ହୋଇଛି । ଭୁବନେଶ୍ୱର ଓ ବ୍ରହ୍ମପୁରରେ ମଧ୍ୟ ପ୍ଲାଜମା ବ୍ୟାଙ୍କ କରାଯିବାକୁ ସ୍ଥିର କରା ଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିବେଦନ କ୍ରମେ କୋଭିଡରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ମାନେ ପ୍ଲାଜମା ଦାନ ପାଇଁ ଆଗେଇ ଆସୁଛନ୍ତି । ଜଣେ କୋବିଡରୁ ସୁସ୍ଥ ହେବାର ଚାରି ସପ୍ତାହ ପରେ ପ୍ଲାଜମା ଦାନ କରି ପାରିବେ । ଜଣେ ବ୍ୟକ୍ତି ଚାହିଁଲେ ଏକାଧିକ ବାର ପ୍ରତି ଦୁଇ ସପ୍ତାହରେ ଥରେ ପ୍ଲାଜମା ଦେଇ ପାରିବେ । ଗୋଟିଏ ୟୁନିଟ ପ୍ଲାଜମା ଦ୍ୱାରା ଦୁଇ ଜଣଙ୍କର ଚିକିତ୍ସା କରା ଯାଇ ପାରିବ ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ : ବୀଣାପାଣି ମହାନ୍ତିଙ୍କୁ ଅତିବଡ଼ି ସମ୍ମାନ

ଭୁବନେଶ୍ୱର ,୨୫।୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଶନିବାର ଦିନ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର-୨୦୧୯ ମସିହା ନିମନ୍ତେ ପ୍ରଥିତଯଶା କଥାକାର, ଔପନାସିକା ବୀଣାପାଣି ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୂର୍ବାହ୍ନରେ ତାଙ୍କ କଟକସ୍ଥ ବାସଭବନରେ ତାଙ୍କୁ ମାନପତ୍ର, ଉତରୀୟ ସହିତ ଏକ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନପୂର୍ବକ ସମ୍ମାନିତ କରିଛନ୍ତି । ଏହି ଅବସରରେ ଏକାଡେମୀର ସଚିବ ଶ୍ରୀମତୀ ସୁଚିସ୍ମିତା ମନ୍ତ୍ରୀ ପ୍ରଶସ୍ତିପତ୍ର ପାଠ କରିଥିଲେ। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଔପନ୍ୟାସିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନ୍ୟ ଲେଖକ/ ଲେଖିକାମାନଙ୍କୁ ସାରସ୍ୱତ ସାଧିକା ବୀଣାପାଣି ମହାନ୍ତିଙ୍କ ଭଳି ଆପଣା ଲେଖନୀ ଚାଳନାକୁ ତୀବ୍ର କରିବାକୁ ଆହ୍ୱାନ ଜଣାଇଥିଲେ। ଲେଖିକା ବୀଣାପାଣି ମହାନ୍ତି ତାଙ୍କ ପୁରସ୍କାର ପ୍ରାପ୍ତି ପ୍ରତିକ୍ରିୟାରେ କହିଥିଲେ ଯେ ଏହା ମୋ ପାଇଁ ଗର୍ବର ବିଷୟ ଯେ ସଂସ୍କୃତି ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଏବଂ କଟକ ଜିଲ୍ଲାପାଳ ମୋର ବାସଭବନରେ ମୋତେ ସମ୍ବର୍ଦ୍ଧିତ କରିଛନ୍ତି । ମୁଁ ଏହି ସମ୍ମାନକୁ ସାଦରେ ଗ୍ରହଣ କରୁଛି । ସେ ଉତ୍କଳ ଲେଖିକା ସଂଘ ପାଇଁ ସରକାରୀ ସୁବିଧା ଯୋଗାଇଦେଲେ ସଦସ୍ୟାମାନେ ଅଧିକ ଉପକୃତ ହେବା ସହ ଲେଖାପ୍ରତି ଉତ୍ସାହିତ ହୁଅନ୍ତେ ବୋଲି କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ ଯେ ପରିସ୍ଥିତି ସ୍ୱାଭାବିକ ରହିଥିଲେ, ରବୀନ୍ଦ୍ରମଣ୍ଡପଠାରେ ଏକ ଭବ୍ୟ ସମାରୋହରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥାନ୍ତା କିନ୍ତୁ ସମୟକୁ ଆଖିରେ ରଖି ଏହାକୁ ନିରାଡମ୍ବର ଭାବେ ପ୍ରଦାନ କରାଯାଉଛି। ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ ବୀଣାପାଣିଙ୍କୁ କଥାସାହିତ୍ୟର ପାଟଦେଈ ବୋଲି ଉଲ୍ଲେଖ କରି ତାଙ୍କର ସୁନାମ କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶର ସାହିତ୍ୟ କ୍ଷେତ୍ରରେ ରହିଛି ବୋଲି କହିଥିଲେ । କଟକ ଜିଲ୍ଲାପାଳ ଶ୍ରୀ ଭବାନୀ ଶଙ୍କର ଚଇନି ମଧ ଉପସ୍ଥିତ ଥିଲେ । ଏହି ଅବସରରେ ଏକାଡେମୀ ପକ୍ଷରୁ ପ୍ରକାଶିତ ୧୭ଟି ପୁସ୍ତକ ଏବଂ ତ୍ରୈମାସିକ ମୁଖପତ୍ର 'କୋଣାର୍କ' ଲୋକାର୍ପିତ ହୋଇଥିଲା । ଏହି ପୁସ୍ତକଗୁଡ଼ିକ ହେଲା-'ଓଡ଼ିଶାର ଲୋକସଂସ୍କୃତି ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ'(ସୁନୀଲ ରଥ), 'ପ୍ରଜ୍ଞାଦୀପ୍ତ ସାରସ୍ୱତ ସାଧକ ଧନେଶ୍ୱର ମହାପାତ୍ର' (ଗୋବିନ୍ଦ ଚନ୍ଦ୍ର ଚାନ୍ଦ), 'ଉମାଶଙ୍କର ପଣ୍ଡା' (ସୁଶୀଲ କୁମାର ବାଗ୍) 'ସନ୍ଥକବି ଅଭିରାମ ପରମହଂସ' (ବିଜୟାନନ୍ଦ ସିଂହ), 'ଚନ୍ଦ୍ର ମୋହନ ପରିକ୍ରମା' (ସଂ-ଅରବିନ୍ଦ ଗିରି), 'ଭାରତୀୟ ନୃତ୍ୟକଳା' (ଧୀରେନ୍ଦ୍ରନାଥ ପଟ୍ଟନାୟକ), 'ଆଂଚଳିକ ଲୋ ।କ ଗୀତ, ଲୋ ।କବାଣୀ ଓ କାହାଣୀ' (ସଂ- କଣ୍ଟୁପାଣି ସାମନ୍ତ, ରଘୁନାଥ ରଥ, ରାଜେନ୍ଦ୍ର ଷଡ଼ଙ୍ଗୀ, ପ୍ରଶାନ୍ତ ମହାନ୍ତି), 'ମାଦଳା ପାଞ୍ଜି' (ସଂ- ଆର୍ତବଲ୍ଲଭ ମହାନ୍ତି), 'ନଦୀର ଦ୍ୱୀପ', (ହିନ୍ଦୀ: ଅଜ୍ଞେୟ, ଭାଷାନ୍ତର: ରାଧାକାନ୍ତ ମିଶ୍ର), 'ବାଘ', (ହିନ୍ଦୀ: କେଦାରନାଥ ସିଂହ, ଭାଷାନ୍ତର: ଇପ୍ସିତା ଷଡ଼ଙ୍ଗୀ), 'ଓଡ଼ିଶାରେ ଶ୍ରୀଚୈତନ୍ୟ' (ମୂଳ ରଚନା ସାରଦା ଚରଣ ମିତ୍ର, ଭାଷାନ୍ତର: ସୋମା ଚାନ୍ଦ), 'ରଥ ସପ୍ତକ' (ମୂଳ ଓଡ଼ିଆ: ଚନ୍ଦ୍ରଶେଖର ରଥ, ହିନ୍ଦୀ ଭାଷାନ୍ତର: ମମତା ଖଣ୍ଡେଇ), 'ନାକଟା ଚିତ୍ରକର' (ମୂଳ ଓଡ଼ିଆ: ଫତୁରାନନ୍ଦ, ହିନ୍ଦୀ ଭାଷାନ୍ତର: ଅଜୟ କୁମାର ପଟ୍ଟନାୟକ), 'ଅନ୍ଧିଗଳି' (ମୂଳ ଓଡ଼ିଆ: ଅଖିଳ ମୋହନ ପଟ୍ଟନାୟକ, ହିନ୍ଦୀ ଭାଷାନ୍ତର: ରବୀନ୍ଦ୍ରନାଥ ମିଶ୍ର), 'ଦାଦିବୁଢ଼ା' (ମୂଳ ଓଡ଼ିଆ: ଗୋପୀନାଥ ମହାନ୍ତି, ହିନ୍ଦୀ ଭାଷାନ୍ତର: ଡକଫର ଶଙ୍କରଲାଲ ପୁରୋହିତ', 'ଲଛମା' (ମୂଳ ଓଡ଼ିଆ: ଫକୀର ମୋହନ ସେନାପତି, ଇଂରାଜୀ ଭାଷାନ୍ତର: ବସନ୍ତ କୁମାର ତ୍ରିପାଠୀ ଓ ପଲ୍ ସେଂଟ ପେରି), 'ଆଧୁନିକ ଓଡ଼ିଆ କାବ୍ୟଧାରା: ନବଜାଗରଣ ଯୁଗ'(ନରେନ୍ଦ୍ର ନାଥ ମିଶ୍ର) ଏବଂ ଏକାଡେମୀର ତ୍ରୈମାସିକ ପତ୍ରିକା 'କୋଣାର୍କ' ୧୯୫ତମ ସଂଖ୍ୟା । ସ୍ୱନକ୍ଷତ୍ର ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଲିଖିତ ଶୁଭେଚ୍ଛା ବାର୍ତା ପ୍ରଦାନ କରିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର, ଅତିବଡ଼ି ପୁରସ୍କାର ପ୍ରାପ୍ତ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, କବି ରମାକାନ୍ତ ରଥ,ଏକାଡେମୀର ପୂର୍ବତନ ସଭାପତି ମନୋରମା ମହାପାତ୍ର, ସାତକଡ଼ି ହୋତା, କବି ହୁସେନ୍ ରବି ଗାନ୍ଧୀ,ଏକାଡେମୀର ପୂର୍ବତନ ଉପସଭାପତି ଶ୍ରୀନିବାସ ଉଦ୍‌ଗାତା, ପୂର୍ବତନ ଉପସଭାପତି ତଥା ସଚିବ ଚନ୍ଦ୍ରଶେଖର ଦାସବର୍ମା, ପୂର୍ବତନ ସଚିବ ରାଜକିଶୋର ମିଶ୍ର, ପୂର୍ବତନ ସଚିବ ତଥା ବିଶିଷ୍ଟ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ପୂର୍ବତନ ସଚିବ ଜୟନ୍ତୀ ରଥ ଏବଂ ସମାଲୋଚକ କୈଳାସଚନ୍ଦ୍ର ଟିକାୟତରାୟ, କବି ପ୍ରତିଭା ଶତପଥୀ, ଗୌରହରି ଦାସ ଓ ସୁସ୍ମିତା ବାଗ୍‌ଚୀ ପ୍ରମୁଖ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ବାର୍ତା ପ୍ରଦାନ କରିଛନ୍ତି ।

## କନ୍ଧମାଳରେ ବ୍ୟାଙ୍କ କର୍ମଚାରୀ ଲିଙ୍କରେ ଅଧିକ ସଂକ୍ରମିତ

କନ୍ଧମାଳ,୨୫।୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କରୋନା ପଜିଟିଭଙ୍କ ସଂଖ୍ୟା ୩ଶହ ପାର ହୋଇଯାଇଥିବା ବେଳେ ମାସ୍କ ନପିନ୍ଧି ବ୍ୟାଙ୍କ କାମ କରିବା ସାମାଜିକ ରକ୍ଷା ନକରିବା ଓ ଛୁଟିରେ ଗାଁକୁ ଯିବା ଆସିବା କରିବା ଏବେ ମହଙ୍ଗା ପଡିଛି ବ୍ୟାଙ୍କ କର୍ମଚାରୀଙ୍କୁ। ଗତ ୧୦ ଦିନ ହେଲା ଫୁଲବାଣୀ ସମେତ ସମଗ୍ର ଜିଲ୍ଲାରେ ଥିବା ବିଶେଷ କରି ଷ୍ଟେଟବ୍ୟାଙ୍କର ଅର୍ଦ୍ଧାଧିକ କର୍ମଚାରୀ ଏବେ କରୋନା ଭୁତାଣୁକୁ ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଜିଲାର ଅଧିକାଂଶ ସଂକ୍ରମିତ ହୋଇଥିବା ଜଣାପଡିଛି ସେଥିପାଇଁ ଜିଲାର ସମସ୍ତ ବ୍ୟାଙ୍କ ଶାଖା ଗୁଡିକ ୧୫ ଦିନ ହେଲାଣି ବନ୍ଦ ରହିଛି। ପ୍ରଥମେ ଫୁଲବାଣୀ ସହରର ଜଣେ ଜିଲା ସ୍ତରୀୟ ବ୍ୟାଙ୍କ ଅଧିକାରୀଙ୍କର କରୋନା ପଜିଟିଭ ବାହାରିବା ପରେ ଖଜୁରୀପଡା ବ୍ୟାଙ୍କ ପରେ ଜି.ଉଦୟଗିରି ଓ କୋଟଗଡ ବ୍ୟାଙ୍କ କର୍ମଚାରୀଙ୍କ କରୋନା ପଜିଟିଭ ଚିହ୍ନଟ ହେବାରେ ଲାଗିଛି।

# ଜିଲ୍ଲାରେ କରୋନା ଆକ୍ରାନ୍ତ ୫ଶହ ପାର

## ୧୬ ହଜାର ୪୧ ନମୁନା ପରୀକ୍ଷା, ଆକ୍ଟିଭ କେଶ ୧୫୦

ଭଦ୍ରକ,୨୫।୭ (ନି.ପ୍ର): ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ପାର ହୋଇଛି। ସର୍ବମୋଟ ୧୬ ହଜାର ୪୧ ଜଣଙ୍କ ନମୁନା ପରୀକ୍ଷା ପରେ ପଜିଟିଭ୍ କେଶ ବାହାରିଛି ୫୧୨। ନୂତନ ଭାବେ ୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେଏବେ ଜିଲ୍ଲାରେ ଆକ୍ଟିଭ କେଶ ରହିଛି ୧୫୦। ଯେତେବେଳେ କି ୧୮ ଜଣ ନୂତନ ସୁସ୍ଥଙ୍କୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ପହଞ୍ଚିଛି ୩୬୦। ନୂତନ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୧୦ଜଣ କ୍ୱାରେଣ୍ଟାଇନ ସେଣ୍ଟରରୁ ବାହାରିଥିବା ବେଳେ ୧୮ଜଣ ଲୋକାଲ କଣ୍ଟାକ୍ଟ। କ୍ୱାରେଣ୍ଟାଇନ ସେଣ୍ଟରରୁ ବାହାରିଛନ୍ତି । ଆକ୍ରାନ୍ତମାନଙ୍କ ମଧ୍ୟରୁ ୨ଜଣ ବନ୍ତ ବ୍ଲକ କେନ୍ଦୁଆପଦା ନୋଡାଲ ହାଇସ୍କୁଲ ଟିଏମ୍‌ସିରୁ, ଜଣେ ଧାମନଗର ବ୍ଲକ ଗୋବିନ୍ଦପୁର କେ.ଜି. ହାଇସ୍କୁଲ ଟିଏମ୍‌ସିରୁ, ୩ଜଣ ଧାମନଗର ବ୍ଲକ ଖପରପଦା ହାଇସ୍କୁଲ ଟିଏମ୍‌ସିରୁ, ଧୁଷୁରୀ ମୁରଲୀଧର ହାଇସ୍କୁଲ ଟିଏମ୍‌ସିରୁ ୩ଜଣ, ଭଦ୍ରକ ବ୍ଲକର ଜଳଙ୍ଗା ୟୁ.ଏନ. ହାଇସ୍କୁଲ ଟି.ଏମ୍.ସି.ରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନୁରୂପ ଭାବେ ଲୋକାଲ କଣ୍ଟାକ୍ଟରେ ଭଦ୍ରକ ପୌରପାଳିକାର ୭ ନଂ ୱାର୍ଡ ଗବସାହି ଗ୍ରାମରୁ ୨ଜଣ, ୧୫ ନଂ ୱାର୍ଡ କଦମବେଢା ପୁଲିସ କଲୋନୀରୁ ଜଣେ, ୩ ନଂ ୱାର୍ଡ ନୂଆପୋଖରୀ ଗ୍ରାମରୁ ଜଣେ, ୯ ନଂ ୱାର୍ଡ ଫ୍ରେଣ୍ଡସ କଲୋନୀରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଧାମନଗର ବ୍ଲକର କୋଠାର ବଡପୋଖରୀ ଗ୍ରାମରୁ ଜଣେ, ଅସୁରାଳୀ ହସନପୁର ଗ୍ରାମରୁ ଜଣେ, ବନ୍ତ ବ୍ଲକର ରାମପୁର ପଞ୍ଚାୟତ ରାମପୁର ଗ୍ରାମରୁ ଜଣେ, ଭଦ୍ରକ ବ୍ଲକ ରାନ୍ଦିଆ ପଞ୍ଚାୟତର ରାନ୍ଦିଆ ଗ୍ରାମରୁ ୩ଜଣ, ଚରମ୍ପା ଏରେଇଁ ଗ୍ରାମରୁ ଜଣେ, ବେନ୍ତାଳ ପଞ୍ଚାୟତ କେଶପୁର ଗ୍ରାମର ଜଣେ, ତିହିଡି ବ୍ଲକ ପାଳିଆପିନ୍ଧା ଗ୍ରାମରୁ ଜଣେ ଭଦ୍ରକରେ ରହୁଥିବା ବାଲେଶ୍ୱର ଜିଲ୍ଲା ବର୍ଡ୍ଣା ଗ୍ରାମର ଜଣେ, ଜଣେ ଭୁବନେଶ୍ୱର ସମ୍ ହସ୍ପିଟାଲରୁ ଆକ୍ରାନ୍ତ ବାହାରିଛନ୍ତି, ତାଙ୍କ ଘର ଭଦ୍ରକ ବ୍ଲକ ସାହାଡା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ହୋଇଥିବା ବେଳେ ୨ଜଣଙ୍କର ଏସ୍‌ସିବି ମେଡିକାଲରୁ ଚିକିତ୍ସାପାଇଁ ଯାଇ ପଜିଟିଭ ବାହାରିଛି। ଜିଲ୍ଲାପାଳ ଡ. ଜ୍ଞାନ ଦାସ ଧାମନଗର ବ୍ଲକର କେ.ଜି. ହାଇସ୍କୁଲ, ଖପରପଦା ହାଇସ୍କୁଲ, ମୁରଲୀଧର ହାଇସ୍କୁଲକୁ କଣ୍ଟେନମେଣ୍ଟଜୋନ ଘୋଷଣା କରିଥିବା ବେଳେ ଗୋବିନ୍ଦପୁର ପଞ୍ଚାୟତ, ଖପରପଦା ପଞ୍ଚାୟତ, ଧୁଷୁରୀ ପଞ୍ଚାୟତକୁ ବଫରଜୋନ ଘୋଷଣା କରିଛନ୍ତି। ବନ୍ତ ବ୍ଲକ କେନ୍ଦୁଆପଦା ନୋଡାଲ ସ୍କୁଲ କଣ୍ଟନମେଣ୍ଟଜୋନ ଓ କେନ୍ଦୁଆପଦା ପଞ୍ଚାୟତ ବଫରଜୋନ। ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ବଫରଜୋନ, ଫ୍ରେଣ୍ଡସ କଲୋନୀ କଣ୍ଟେନମେଣ୍ଟଜୋନ, ଭଦ୍ରକ ବ୍ଲକର ଏରେଇଁ ଗ୍ରାମ ଓ ୫ ନଂ ୱାର୍ଡ କଣ୍ଟେନମେଣ୍ଟ ଜୋନ, ୪ ନଂ ୱାର୍ଡ ଏରେଇଁ ଗ୍ରାମ ବଫରଜୋନ, ରାନ୍ଦିଆ ପଞ୍ଚାୟତର ବିଶ୍ୱାଳସାହି, ରାନ୍ଦିଆ ତଳସାହି, ରାନ୍ଦିଆ ଉପରସାହି, ୱାର୍ଡ ନଂ୧୨,୧୩,୧୪ କଣ୍ଟେନମେଣ୍ଟଜୋନ ଓ ରାନ୍ଦିଆ ବଜାର ବଫରଜୋନ, ବନ୍ତ ବ୍ଲକର ରାମପୁର ପଞ୍ଚାୟତ ବଫରଜୋନ ଓ ଅଳଉତି ଗ୍ରାମ କଣ୍ଟେନମେଣ୍ଟଜୋନ, ଧାମନଗର ବ୍ଲକର ହସନପୁର ଗ୍ରାମ, କୋଠାର ଗ୍ରାମ କଣ୍ଟେନମେଣ୍ଟଜୋନ ଓ ଅସୁରାଳୀ, କୋଠାର ପଞ୍ଚାୟତ ବଫରଜୋନ ଘୋଷିତ ହୋଇଛି। ତିହିଡି ବ୍ଲକର ପାଳିଆବିନ୍ଧା ଗ୍ରାମ ୱାର୍ଡ ନଂ ୧୦, ୧୪ କଣ୍ଟେନମେଣ୍ଟଜୋନ ଓ ପାଳିଆବିନ୍ଧା ପଞ୍ଚାୟତ ବଫରଜୋନ ଘୋଷଣା ହୋଇଛି। ଏହା ବ୍ୟତୀତ ଭଦ୍ରକ ପୌରପାଳିକାର ୭ ନଂ ୱାର୍ଡ, ଗବସାହି, ୱାର୍ଡ ନଂ ୧୫, କଦମବେଢା, ୱାର୍ଡ ନଂ ୩, ନୂଆପୋଖରୀ, ବନସାହି ଉତ୍ତରବାଡ ଗ୍ରାମ, ଭଣ୍ଡାରିପୋଖରୀ ଦକ୍ଷିଣବାଡ ପଞ୍ଚାୟତ ପୂର୍ବରୁ କଣ୍ଟେମେଣ୍ଟଜୋନ କଟକଣା ବଳବତ୍ତର ରହିଥିବାରୁ ସେଠାରେ କଟକଣାକୁ ବଢାଇ ଦିଆଯାଇଛି।

# ୪୩ତମ ସଂସ୍କୃତି ଚର୍ଚ୍ଚା : ପାଞ୍ଜି ଆଚାର ସଂହିତା ଓ ବିଶ୍ୱାସର ଜ୍ୟୋତିସ୍ତମ୍ଭ'

ଭୁବନେଶ୍ୱର,୨୫।୭ (ନି.ପ୍ର): ପାଞ୍ଜି ବା ପଞ୍ଜିକା ବା ପଂଚାଙ୍ଗ- ବେଦାଙ୍ଗ ଜ୍ୟୋତିଷ ବା ଜ୍ୟୋତିର୍ଗଣିତର ଅଂଶବିଶେଷ। ପାଞ୍ଜି ଏକ ପ୍ରକାର ଆଚାରସଂହିତା। ଏହା ବିଶ୍ୱାସର ଜ୍ୟୋତି ସ୍ତମ୍ଭ ଏବଂ ପବିତ୍ର ଗ୍ରନ୍ଥ। ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀ ଜଗନ୍ନାଥଙ୍କ ର ସକଳ ନୀତିକାନ୍ତି, ମନ୍ଦିରର ପ୍ରତ୍ୟେହ ପାଞ୍ଜିରେ ଉଲ୍ଲିଖିତ ସମସ୍ତ ବିବରଣୀ ପ୍ରଭୁଙ୍କ ନିକଟରେ ପଠନ କରାଯାଏ ଏବଂ ମୁଖ୍ୟ ୧୨ ଯାତ୍ରା ସହିତ ଆଉ ପ୍ରାୟ ଶହେଟି ଉପଯାତ୍ରା ପାଞ୍ଜିର ନିର୍ଦ୍ଦିଷ୍ଟ ଦିନ ଓ ମୁହୂର୍ତ୍ତକୁ ନେଇ ପାଳନ କରାଯାଏ ବୋଲି ବିଶିଷ୍ଟ ଗବେଷକ ତଥା ବିଦ୍ୱାନ ପ୍ରଫେସର ରାଜ କିଶୋର ମିଶ୍ର ଉଲ୍ଲେଖ କରିଛନ୍ତି । ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାରରେ ୪୩ତମ 'ସଂସ୍କୃତି ଚର୍ଚ୍ଚା' ଇଂଟରନେଟ୍ ର ଦୃଶ୍ୟଶ୍ରାବ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । 'ଓଡ଼ିଶାରେ ପାଞ୍ଜିର ସାଂସ୍କୃତିକ ଓ ଧର୍ମୀୟ ପ୍ରଭାବ' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରି ପ୍ରଫେସର ମିଶ୍ର କହିଲେ ଯେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଓଷା, ବିବାହ, ବ୍ରତ, ଦେବତା ଓ ଦେବୀ ପୀଠମାନଙ୍କରେ ପୂଜାପାର୍ବଣ, ସୂର୍ଯ୍ୟ ପରାଗ, ଚନ୍ଦ୍ର ଗ୍ରହଣ, ରାଶିନକ୍ଷତ୍ର ଇତ୍ୟାଦିର ଶୁଭ ଲ ଗ୍ନ ପାଞ୍ଜି ମାଧ୍ୟମରୁ ହିଁ ପାଇଥାନ୍ତି । ପାଞ୍ଜିକୁ ଅଧିକ ତଥ୍ୟଭିତିକ ଓ ବିଶ୍ୱସଯୋଗ୍ୟ କରିବାକୁ ହେଲେ ଆଧୁନିକ ବିଜ୍ଞାନର ସହାୟତା ନେବା ଉଚିତ। ଭୁବନେଶ୍ୱରସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍, ଇସ୍ରୋ, ନାସାର ଆଲମନାକ୍ ପ୍ରଭୃତିର ସହାୟତା ନେଇ ଗଣିତଜ୍ଞ, ପଣ୍ଡିତ ଓ ପାରମ୍ପରିକ ଜ୍ୟୋତିର୍ଗଣିତ ବିଶାରଦଙ୍କ ଦିଗ୍‌ଦର୍ଶନକୁ ପାଥେୟ କରିବାକୁ ପଡ଼ିବ ବୋଲି ମତ ପ୍ରଫେସର ମିଶ୍ର ମତବ୍ୟକ୍ତ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଓଡ଼ିଶା ହେଉଛି ପ୍ରଭୁ ଜଗନ୍ନାଥଙ୍କ ଦେଶ । ଓଡ଼ିଶାରେ ଅନେକ ପଞ୍ଜିକା ରହିଛି ତନ୍ମଧ୍ୟରୁ କୋହିନୂର ପଞ୍ଜିକା ଅନ୍ୟତମ । ସର୍ବପୁରାତନ ପାଞ୍ଜି ମାଦଳା ପାଞ୍ଜି। ଜଗନ୍ନାଥ ମନ୍ଦିର ଓ ସଂସ୍କୃତିର କ୍ରମବିକାଶ, ଇତିହାସ ମାଦଳା ପାଞ୍ଜିରେ ସନ୍ନିବେଶିତ ରହିଛି । ଓଡ଼ିଆମାନଙ୍କର ଜୀବନ ଚର୍ଚ୍ଚା, ବିଭିନ୍ନ ଯାତ୍ରା ଓ ଉତ୍ସବ ଜଗନ୍ନାଥଙ୍କ ଘୋଷଯାତ୍ରା, କୃଷିକାର୍ଯ୍ୟ, ସାଂସ୍କୃତିକ ଏବଂ ଧର୍ମୀୟ ଚେତନାର ମୂଳଧାର ହେଉଛି ପାଞ୍ଜି। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଶ୍ରୀ ବିଜୟ କୁମାର ନାୟକ କହିଲେ ଯେ ପାଞ୍ଜି ଆମର ସାଂସ୍କୃତିକ ଏବଂ ଧର୍ମୀୟ ପରମ୍ପରା ସହିତ ଜଡ଼ିତ । ପାଞ୍ଜି ମାଧ୍ୟମରେ ଓଡ଼ିଶାର ବିବିଧ ପରମ୍ପରା ଯଥା ସାଂସ୍କୃତିକ ଜୀବନଧାରାର ବିକାଶ, ପର୍ବପର୍ବାଣି ଆଦିର ସୂଚନା ମିଳିଥାଏ । ଶେଷରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସତ୍ୟବାଦୀ ଓ କଣାସ ଅଂଚଳର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଏସପିଙ୍କୁ ଭେଟିଲେ ବିଜେପି ନେତା

ପୁରୀ,୨୫।୭ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣାସ ଅଂଚଳରେ ବିଧାୟକଙ୍କ ପ୍ରରୋଚନାରେ ଖୁଲମଖୁଲା ଦାଦାଗିରି ଚାଲିଛି ବୋଲି ୪ ଜଣ ବିଜେପି ନେତା ଏସପି ଅଖିଳେଶ୍ୱର ସିଂଙ୍କୁ ଭେଟି ଜଣାଇଛନ୍ତି। ବିଜେପିର ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ସତ୍ୟବାଦୀ ଅଂଚଳର ବିଜେପି ନେତା ଓମପ୍ରକାଶ ମିଶ୍ର ପ୍ରମୁଖ ଏସପିଙ୍କୁ ଭେଟିଥିଲେ । ସେମାନେ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କଣାସ ବଜାରରେ ଦିନ ଦ୍ୱିପ୍ରହରରେ ମଦ ମାଫିଆ ଓ ବାହୁବଳୀମାନେ ଖୁଲମଖୁଲା ବିଜେପି ନେତା ଓ ସ୍ଥାନୀୟ ବ୍ୟବସାୟୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି। କଣାସ ଥାନାରେ ଏନେଇ ଅଭିଯୋଗ କଲେ ମଧ ପୁଲିସ ନୀରବ ରହୁଛି। ଗତ ୧୦ ତାରିଖ ରାତି ୧୧ଟାରେ ଜଣେ ବାହୁବଳୀ ଯିଏକି ପୂର୍ବରୁ ଗୋଟିଏ ହତ୍ୟାକାଣ୍ଡରେ ଜଡ଼ିତ ରହି କଣାସ ଅଂଚଳର ଶଶାଙ୍କ ପ୍ରଧାନ, ରୂପକ ପ୍ରଧାନ, ବଳିଆ ପ୍ରଧାନ ଓ ଗଣେଷ ପ୍ରଧାନଙ୍କୁ ଗୋଡାଇ ଗୋଡାଇ ହାଣିଥିବା ଅଭିଯୋଗ ହୋଇଥିଲେ ମଧ ପୁଲିସ ନୀରବ ରହିଛି। ସେହିପରି ସତ୍ୟବାଦୀ ଥାନା ଅନ୍ତର୍ଗତ ଶୁକଳ ଗ୍ରାମର ଏକ ସାମ୍ବାଦିକଙ୍କୁ ବିଧାୟକଙ୍କ ସମର୍ଥକ ଜଳନ୍ଧର ସେଠୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲେ ମଧ ଥାନା ନୀରବ ରହିଛି। ସତ୍ୟବାଦୀ ଗଡବଳରାମପୁର ପଚାଂୟତର ଏକ କେନାଲ କାମ ନିମ୍ନମାନର ହୋଇଥିବା ସ୍ଥାନୀୟ ଅଂଚଳର ଲୋକମାନେ ବିରୋଧ କରିବାରୁ ସେମାନଙ୍କୁ ଗାଳିଗୁଲଜ ଓ ଧମକ ମିଳିବା ସହ ଗୋଡହାତ ଭାଙ୍ଗିଦେବା ପାଇଁ ନେତା ଫୋନ୍ ଜରିଆରେ କହିଥିବା ସୋସିଆଲ ମିଡିଆରେ ପ୍ରଚାରିତ ହୋଇଛି । ସତ୍ୟବାଦୀ, କଣାସ, ବଳଙ୍ଗା ଓ ଗଡିଶାଗଦା ଥାନା ଅଂଚଳରେ ରାଜନୈତିକ ଆକ୍ରୋଶକୁ ନେଇ ବିଧାୟକଙ୍କ ଇଙ୍ଗିତରେ ବିଜେପି କର୍ମୀମାନଙ୍କୁ ଆକ୍ରମଣ କରାଯାଉଛି ବୋଲି ନେତାମାନେ ଅଭିଯୋଗ କରିଥିଲେ। ସେ ସଂପର୍କରେ ନୂତନ ଭାବେ ଯୋଗଦେଇଥିବା ଏସପି ଶ୍ରୀ ସିଂଙ୍କୁ ଆଇନ ଶୃଙ୍ଖଳା ସମ୍ପର୍କରେ ସମୀକ୍ଷା କରିବା ପାଇଁ କହିଥିଲେ।

# କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

କେନ୍ଦ୍ରାପଡ଼ା,୨୫।୭ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ପ୍ରକଳ୍ପ ଗୁଡିକର ଭୂମି ପୂଜନ ଓଶିଳାନ୍ୟାସ କରିଥିଲେ। କଲେଜର କ୍ୟାଂଟିନ୍ ର ଆଧୁନିକ ପ୍ରଣାଳୀରେ ନବୀକରଣ କରା ଯିବା ସହ ମୁଖ୍ୟ ଫାଟକର ସୁଦୃଶ୍ୟ ପରିବର୍ତନ କରାଯିବ। ଏହା ସହ କଲେଜ ପରିସର ରେ ଥିବା ବିଲୁପ୍ତ ପ୍ରାୟ ପୁଷ୍କରିଣୀର ପୁନରୁଦ୍ଧାର କରାଯାଇ ବ୍ୟବହାର ଯୋଗ୍ୟ ଓ ସୌନ୍ଦର୍ଯ୍ୟ କରାଯିବାର ଯୋଜନା ରହିଛି। କଲେଜର ମୁଖ୍ୟ ଫାଟକ ପାଖରୁ ମୁଖ୍ୟ ଭବନ ପର୍ଯ୍ୟନ୍ତ ଥିବା ପ୍ରବେଶ ପଥକୁ ପ୍ରଶସ୍ତି କରଣ କରାଯିବାର ଯୋଜନା ରହିଛି। କଲେଜ ର ଏହି ନବୀକରଣ ଓ ଉନ୍ନୟନ ମୂଳକ କାର୍ଯ୍ୟରେ ପ୍ରାୟ ୨୯ ଲକ୍ଷ ଟଙ୍କା ବ୍ୟୟ କରାଯିବ। ବିଧାୟକଙ୍କ ଲ୍ୟାଡ୍ ଫଣ୍ଡ୍ ଅନୁଦାନ ଓ ପୌରସଂସ୍ଥା ର ଆର୍ଥିକ ସହାୟତାର ବ୍ୟୟରେ କଲେଜର ରୂପାନ୍ତରଣ କରାଯିବ।ଏହାସହ କଲେଜ ପରିସରରେ ଏକ ଆଧୁନିକ ଶୈଳୀର ବିଜ୍ଞାନାଗାର ଓଆଦିବାସୀ ଛାତ୍ର ଛାତ୍ରୀଙ୍କ ପାଇଁ ଆବାସ ନିର୍ମାଣ କରିବା ପ୍ରସ୍ତାବ ରାଜ୍ୟ ସରକାଙ୍କ ବିଚାରାଧିନ ରହିଛି ବୋଲି ବିଧାୟକ ଶ୍ରୀ ବେହେରା ସୂଚନା ଦେଇଥିଲେ। କେନ୍ଦ୍ରାପଡା ମହାବିଦ୍ୟାଳୟ ସମେତ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀଣ ବିକାଶ ଘଟାଇବା ଉଦ୍ୟମ ଅବ୍ୟାହତ ରହିଛି ବୋଲି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଧାୟକ ସୂଚନା ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## କୋଭିଡ୍ ଯୋଦ୍ଧା...

ଏହା ପରେ ଡ଼ାକ୍ତରଖାନା କର୍ମଚାରୀ ମାନେ ତାଙ୍କୁ ଡ଼ାକ୍ତରଖାନା ବାହାର ପଡ଼ିଆରେ ପକାଇ ଦେଇଥିଲେ । ଏପରିକି କରୋନା ଭୟରେ ମୃତ ରବିନ୍ଦ୍ରଙ୍କ ଶବ ନିକଟକୁ ତାଙ୍କ ପରିବାର ଲୋକେ ମଧ ଆଜି ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ଯାଇନଥିଲେ । ଫଳରେ ଦୀର୍ଘ ସମୟ ଧରି ତାଙ୍କ ମୃତଦେହ ସେଠାରେ ପଡି ରହିଥିବା ଦେଖିବାକୁ ମିଳିଥିଲା । ପରେ ସ୍ଥାନୀୟ ଦୁଇ ଜଣ ସାମ୍ବାଦିକ ପିପି କିଟ୍ ପିନ୍ଧି ଶବକୁ ଉଠାଇବାକୁ ଯିବା ବେଳେ ତାଙ୍କ ପୁଅ ଓ ମେଡ଼ିକାଲ କର୍ମଚାରୀ ମାନେ ଆସି ଘଟଣାସ୍ଥଳରେ ପହଂଚିଥିଲେ । ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ବ୍ରିଜେଶ ରାୟଙ୍କ ନିକଟରେ ଖବର ପହଂଚିବା ପରେ ସେ ସ୍ଥାନୀୟ ଏସଡ଼ିପିଓଙ୍କୁ ସେଠାକୁ ପଠାଇଥିଲେ । ଏହାପରେ ମୃତ ପୋଲିସ ଅଧିକାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଯାଇଛି । ମଧ୍ୟାହ୍ନରେ ଗଞ୍ଜାମ ଏସପି ଶ୍ରୀ ରାୟ କୋଦଳା ଡ଼ାକ୍ତରଖାନାରେ ପହଂଚି କରୋନା ଯୋଦ୍ଧାଙ୍କୁ ପୁଷ୍ପଗୁଚ୍ଛ ଦେଇ ପୋଲିସ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ଏହି ସମୟରେ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀ ଏବଂ ଆଖପାଖ ଥାନାର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହା ପରେ ମୃତ ପୋଲିସ ଅଧିକାରୀଙ୍କ ମରଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି । ଶବ ବ୍ୟବଚ୍ଛେଦ ପରେ କୋଭିଡ୍ ନିୟମକୁ ପାଳନ କରି ଶବ ସତ୍କାର କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

## ରାଜ୍ୟରେ ଗୋଟିଏ...

ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୫୬୦ ଟି ନୂଆ ମାମଲା ସାମନାକୁ ଆସିଛି। ଅନୁଗୁଳ ଜିଲ୍ଲାରେ ୬ , ବାଲେଶ୍ୱର ଜିଲ୍ଲାରେ ୨୩ ଜଣ, ବରଗଡ ଜିଲ୍ଲାରେ ୧୪, ଭଦ୍ରକ ଜିଲ୍ଲାରେ ୨୮ , ବଲାଙ୍ଗୀର ଜିଲ୍ଲାରେ ୯. କଟକ ଜିଲ୍ଲାରେ ୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦେବଗଡ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୯୦, ଜଗତସିଂହପୁର ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୨୩, ଝାରସୁଗୁଡା ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୧. କନ୍ଧମାଳ ଜିଲ୍ଲାରେ ୩୯, କେନ୍ଦ୍ରାପଡା ଜିଲ୍ଲାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରେ ୨୪ , ଖୋର୍ଦ୍ଧା ଜିଲ୍ଲାରେ ୧୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୩୦ ଜଣ ନୟାଗଡ ଜିଲ୍ଲାରେ ୩୮, ନୂଆପଡା ଜିଲ୍ଲାରେ ୪, ପୁରୀ ଜିଲ୍ଲାରେ ୯୦, ରାୟଗଡା ଜିଲ୍ଲାରେ ୬୫ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋନପୁର ଜିଲ୍ଲାରେ ୧ ତଥା ସୁନ୍ଦରଗଡ ଜିଲ୍ଲାରେ ୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାଜ୍ୟରେ ଆଉ ଦଶ...

ଓ ବାଲେଶ୍ୱରର ୨-୨ ଜଣ ତଥା ଝାରସୁଗୁଡା, ଗଜପତି ଓ ରାୟଗଡା ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାର ୫୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ରୋଗରେ ପୀଡିତ ଥିଲେ। ସେହିପରି ଏହି ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମଧ୍ୟ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ଗଜପତି ଜିଲ୍ଲାର ଜଣେ କରୋନା ସଂକ୍ରମିତ ୩୭ ବର୍ଷୀୟ ପୁରୁଷ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ। ବାଲେଶ୍ୱର ଜିଲ୍ଲାର ଜଣେ ୩୭ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେହିପରି ଗଂଜାମ ଜିଲ୍ଲାର ୩୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟ ବୟସ୍କ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଝାରସୁଗୁଡା ଜିଲ୍ଲାର ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଗଂଜାମ ଜିଲ୍ଲାର ଆଉ ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲ୍ଲାର କରୋନା ଆକ୍ରାନ୍ତ ହୋଇଥିବା ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ଡାଇବେଟିସ ଓ ମେଦ ବହୁଳତା ରୋଗରେ ପୀଡିତ ଥିଲେ। ରାୟଗଡା ଜିଲ୍ଲାର ଜଣେ ୪୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ପଶ୍ଚିମବଙ୍ଗକୁ...

୦୨୨୪୬/୦୨୨୪୫ ଯଶୋବନ୍ତପୁର-ହାଓଡ଼ା-ଯଶୋବନ୍ତପୁର ଦୁରନ୍ତ ସ୍ୱତନ୍ତ୍ର ଟ୍ରେନ ଯଶୋବନ୍ତପୁର ଠାରୁ ୨୮ ତାରିଖ ଦିନ ଏବଂ ହାଓଡ଼ା ଠାରୁ ୨୯ ତାରିଖ ଦିନ ଯାତ୍ରା ବାତିଲ କରିବ। ଅନ୍ୟପକ୍ଷରେ ଆଂଶିକ ବାତିଲ ହୋଇଥିବା ଟ୍ରେନ୍ ମଧ୍ୟରେ ୦୨୭୦୩/୦୨୭୦୪ ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା ଫଲକନାମା ଏକ୍ସପ୍ରେସ ୨୯ ଜୁଲାଇ ଦିନ ଉଭୟ ଦିଗରୁ ଭୁବନେଶ୍ୱର ଓ ହାଓଡ଼ା ମଧ୍ୟରେ ବାତିଲ ରହିବ। ଜୁଲାଇ ୨୮ ତାରିଖ ଦିନ ସିକନ୍ଦରାବାଦ ରୁ ଛାଡ଼ିବାକୁଥିବା ୦୨୭୦୪ ସିକନ୍ଦରାବାଦ-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ଭୁବନେଶ୍ୱର ଓ ହାଓଡ଼ା ମଧ୍ୟରେ ୨୯ ତାରିଖ ଦିନ ବାତିଲ ରହିବ। ସେହିପରି ଜୁଲାଇ ୨୯ ତାରିଖ ଦିନ ହାଓଡ଼ା ରୁ ଛାଡ଼ିବାକୁଥିବା ୦୨୭୦୩ ହାଓଡ଼ା-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ ହାଓଡ଼ା ଓ ଭୁବନେଶ୍ୱର ମଧ୍ୟରେ ବାତିଲ ରହିବ ଏବଂ ଏହା ହାଓଡ଼ା ପରିବର୍ତେ ଭୁବନେଶ୍ୱର ଠାରୁ ଛାଡି ସିକନ୍ଦରାବାଦ କୁ ଯାତ୍ରା କରିବ। ପଶ୍ଚିମ ବଙ୍ଗ ମଧ୍ୟରେ ଦୁଇଟି ଟ୍ରେନ ପାଇଁ ୨୯ ତାରିଖ ଦିନ ରହଣି ଅପସାରଣ କରାଯାଇଛି। ୦୨୮୦୧/୦୨୮୦୨ ଭୁବନେଶ୍ୱର-ନୂଆ ଦିଲ୍ଲୀ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଉଭୟ ପାର୍ଶ୍ୱରୁ ୨୯ ଜୁଲାଇ ଦିନ ପୁରୁଲିଆ ଠାରେ ରହଣି କରିବ ନାହିଁ। ସେହିପରି, ୦୨୮୨୩/୦୨୮୨୪ ଭୁବନେଶ୍ୱର-ନୂଆ ଦିଲ୍ଲୀ-ଭୁବନେଶ୍ୱର ଏସି ସ୍ୱତନ୍ତ୍ର ଟ୍ରେନ ଉଭୟ ପାର୍ଶ୍ୱରୁ ୨୯ ଜୁଲାଇ ଦିନ ହିଜଲୀ ଠାରେ ରହଣି କରିବ ନାହିଁ ।

## ୮ ଶହ ଟପିଲା...

ସେହିପରି ୧୮ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ବସ୍ତାରୁ ୩ଜଣ, ସିମୁଳିଆରୁ ୩ ଜଣ, ସୋରରୁ ୨ ଜଣ, ରେମୁଣା ବ୍ଲକର ହରିପୁର ଅଞ୍ଚଳରୁ ୩ ଜଣ ଅଛନ୍ତି। ସେହିପରି ବାଲେଶ୍ୱର ପୌରାଞ୍ଚଳର ଆଜିମାବାଦ ଅଞ୍ଚଳର ୬୨ ବର୍ଷର ପୁରୁଷ ଓ ମୋତିଗଞ୍ଜ ଅଞ୍ଚଳର ୪୬ ବର୍ଷର ପୁରୁଷ କରୋନା ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଲକ୍ଷଣ ନଥିବା ସଂକ୍ରମିତ ଘରେ ରହି ଚିକିତ୍ସିତ ହେବା ନିମନ୍ତେ ସରକାରଙ୍କ ପକ୍ଷରୁ ନିୟମ କରିଥିଲେ ବି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଜିଟିଭ୍ ଚିହ୍ନଟ ବ୍ୟକ୍ତିଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଲକ୍ଷ୍ୟ ରଖାଯାଇଛି।

## କେନ୍ଦ୍ରୀୟ ଯୋଜନାକୁ ...

ଠାରୁ ୧ ଟଙ୍କା ଆଦାୟ କରି ଟଙ୍କିକିଆ ଚାଉଳ ଦେଉଛନ୍ତି ବୋଲି ଘୋଷଣା କରିଥିଲେ । କିନ୍ତୁ ଏହି ହିତାଧିକାରୀଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇଥିବା କାରଣରୁ ଅନେକ ସ୍ଥାନରେ ଭୂତ ନାଁରେ ଚାଉଳ ହଡପ କରାଯାଉଛି । ମେ ୨୪ ରେ ୨୦୧୮ରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଓଡିଶାର ଜନସଂଖ୍ୟା ୪ କୋଟି ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶାଇ ହିତାଧିକାରୀଙ୍କ ସଂଖ୍ୟା ୩୩ ଲକ୍ଷରୁ ୪୪ଲକ୍ଷ ବୃଦ୍ଧି କରିବା ପାଇଁ କହିଥିଲେ। ରାଜ୍ୟସରକାର ଅକ୍ଟୋବର ୨ ତାରିଖରୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ଆରମ୍ଭ କଲେ । କିନ୍ତୁ ଏହାର ତାଲିକାକୁ ଏଯାବତ ସର୍ବସାଧାରଣ ପ୍ରକାଶ କଲେ ନାହିଁ। ଏଥିରୁ ସ୍ପଷ୍ଟ ଯେ ରାଜ୍ୟସରକାର କେବଳ କେନ୍ଦ୍ରୀୟ ଯୋଜନାକୁ ହଡପ କରି ନିଜେ କରୁଛନ୍ତି ବୋଲି ଡିଣ୍ଡିମ ପିଟି ଓଡିଶାବାସୀଙ୍କୁ ବିଭ୍ରାନ୍ତି କରାଇଛନ୍ତି। ରାଜ୍ୟସରକାର କରୋନା ମହାମାରୀ ସମୟରେ ରାଜ୍ୟସରକାରଙ୍କ ନିଜସ୍ୱ ଖାଦ୍ୟସୁରକ୍ଷା ଯୋଜନାରେ ଯେତିକି ଲୋକ ଯୋଡିହୋଇଛନ୍ତି ସେମାନଙ୍କୁ କେନ୍ଦ୍ର ସରକାର ଚାଉଳ ଓ ଡାଲି ଯୋଗାଇଦେଇଛନ୍ତି । କେନ୍ଦ୍ରସରକାର ରାଜ୍ୟସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ମାଗଣାରେ ୮ ମାସ ପାଇଁ ୫ କିଲୋ ଚାଉଳ ଓ ୧ କିଲୋ ଡାଲି ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ରାଜ୍ୟସରକାରଙ୍କ ୱେବସାଇଟରେ ୬ ଲକ୍ଷ ପ୍ରବାସୀ ଶ୍ରମିକ ପଂଜୀକରଣ କରିଛନ୍ତି ଏବଂ ୫ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଓଡିଶାକୁ ଫେରିଛନ୍ତି। ସେମାନଙ୍କୁ ମଧ କେନ୍ଦ୍ର ସରକାର ଚାଉଳ ଓ ଡାଲି ଯୋଗାଇ ଦେଉଛନ୍ତି। ତେବେ ରାଜ୍ୟସରକାର ଚାଉଳ ଓ ଡାଲି କାହାକୁ ଦେବେ ଏବଂ ସେମାନେ କିଏ ଏହାର ଉତର ରାଜ୍ୟସରକାର ରଖନ୍ତୁ। ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଖାଦ୍ୟ ପହଂଚି ପାରୁନଥିବାବେଳେ ରାଜ୍ୟସରକାର ମିଥ୍ୟା କହି ମାଗଣାରେ ଚାଉଳ ଦେବେ କହି ବାହା ବାହା ମାରୁଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

## ଲିଙ୍ଗ ନିରୂପଣ...

ତେବେ କେତେକ କ୍ଷେତ୍ରରେ ବୈଠକରେ ନିଆଯାଉଥିବା ନିଷ୍ପତି ଅନୁଯାୟୀ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ପରିସ୍ଥିତିରେ ସୁଧାର ହୋଇ ପାରୁ ନ ଥିବା ନେଇ ଗୃହରେ ଉପସ୍ଥିତ ସଦସ୍ୟ-ସଦସ୍ୟାମାନେ ମତ ରଖିଥିଲେ। ପ୍ରତି ମାସରେ ଏଭଳି ବୈଠକ କରିବା ସହ ବୈଠକରେ ହେଉଥିବା ନିଷ୍ପତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଲିଙ୍ଗ ନିରୂପଣ ଅଧିନିୟମର ଖିଲାପ କରୁଥିବା କ୍ଲିନିକମାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ସେଗୁଡିକର ଅଚାନକ ପରିଦର୍ଶନ, ଆବଶ୍ୟକ ସ୍ଥଳେ ଜରିମାନା ଏବଂ କ୍ଲିନିକ କର୍ତୃପକ୍ଷ ତଥା ଡାକ୍ତରଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଲାଗି ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ଉପଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏଡିପିଏଚଓ ଡା. ପରେଶ ଚନ୍ଦ୍ର ନନ୍ଦୀ, ଭେଷଜ ବିଶେଷଜ୍ଞ ଡା. ସୁଶାନ୍ତ ମହାରଣା, ସମାଜସେବୀ ଡା. ମୀରା ପତି, ଡଃ ଶୁଭଶ୍ରୀ ଲେଙ୍କା, ଶିଶୁ ରୋଗ ବିଶେଷଜ୍ଞ ଡା. ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ଏ.କେ.ଷଡଙ୍ଗୀ, ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁ, ଏନଏଚଏମ ଆସିଷ୍ଟାଂଟ ମ୍ୟାନେଜର ସନ୍ତୋଷ କୁମାର ବେହେରା ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟରେ ...

ମୟୁରଭଂଜ ଜିଲ୍ଲାରେ ୫୩୧. ନବରଙ୍ଗପୁର ଜିଲ୍ଲାରେ ୧୮୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ନୟାଗଡ ଜିଲ୍ଲାରେ ୪୫୮, ନୂଆପଡା ଜିଲ୍ଲାରେ ୧୦୬, ପୁରୀ ଜିଲ୍ଲାରେ ୫୮୬, ରାୟଗଡା ଜିଲ୍ଲାରେ ୪୮୭. ସମ୍ବଲପୁର ଜିଲ୍ଲାରେ ୨୪୭. ସୁବର୍ଣ୍ଣପୁର ଜିଲ୍ଲାରେ ୬୯ ଓ ସୁନ୍ଦରଗଡ ଜିଲ୍ଲାରେ ୧୦୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଭୁବନେଶ୍ୱରରେ ଦିନକୁ ହେବ ୧୪ ଶହ ନମୁନା ପରୀକ୍ଷା : ବସ୍ତି ପାଇଁ ସ୍ୱତନ୍ତ୍ର ରଣନୀତି

ଭୁବନେଶ୍ୱର ,୨୫।୭ (ନି.ପ୍ର): ଏଣିକି ବିଏମସି ଦିନକୁ ୧୪ ଶହ ନମୁନା ପରୀକ୍ଷା କରାଯିବ। ଏହାସହ ବିଏମସି ବସ୍ତି ଅଂଚଳରେ ସ୍ୱତନ୍ତ୍ର ନଜର ରଖିଛି। କାରଣ ବସ୍ତି ଅଂଚଳକୁ ନେଇ ସମସ୍ତଙ୍କର ଆଶଙ୍କା ରହିଛି। ତେଣୁ ବସ୍ତି ଅଂଚଳ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି କରାଯାଇଛି। ସ୍ୱତନ୍ତ୍ର ଟିମ୍ ଲୋକଙ୍କର ସ୍ଥିତି ପରଖୁଛନ୍ତି। ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରୁଛନ୍ତି। ଆମେ ବସ୍ତି ଅଂଚଳରେ କଣ୍ଟେନମେଂଟ ଜୋନ କରୁଛୁ। ବୟସ୍କମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ଲାନ କରାଯାଇଛି ବୋଲି ଭୁବନେଶ୍ୱର କୋଭିଡ ପର୍ଯ୍ୟବେକ୍ଷକ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ କହିଛନ୍ତି। ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ବହୁବିଧ ରୋଗରେ ଆକ୍ରାନ୍ତ ଓ ବରିଷ୍ଠ ନାଗରିକଙ୍କ ଲାଗି ଆମେ ସଚେତକ ଆପ୍ କରିଛୁ। କୋଭିଡ ସ୍ଥିତି କ'ଣ, ପାଖରେ କେଉଁ ଡାକ୍ତର ଅଛନ୍ତି। ଲୋକଙ୍କୁ ଏସବୁ ତଥ୍ୟ ଉପଲବ୍ଧ କରାଉଛୁ। ସଚେତକ ଆପ୍ ଡାଉନଲୋଡ କରନ୍ତୁ। ସଚେତକ ଆପରୁ ଲୋକଙ୍କୁ ଉପକାର ମିଳୁଛି। ଏହି ଆପ୍ ମାଧ୍ୟମରେ ୱାର୍ଡରେ କେତେ ଆକ୍ରାନ୍ତ ଅଛନ୍ତି, ତାହା ଜଣାପଡୁଛି। ସମସ୍ତେ ସଚେତକ ଆପ୍ ଡାଉନଲୋଡ କରିବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି। ପ୍ରାୟ ୧୦ ହଜାର ଲୋକ 'ସଚେତକ' ଆପ୍ ଡାଉନଲୋଡ଼ କରିଛନ୍ତି। ବିଏମସି ଅଧିନରେ ଥିବା ୬୭ଟି ୱାର୍ଡରେ ସଚେତକ ଟିମ୍ ଅଛନ୍ତି। ସେମାନେ ନିରନ୍ତର କାମ କରୁଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱରରେ ହୋମ ଆଇସୋଲେସନକୁ ଗୁରୁତ୍ୱ ଦିଆଯାଉଛି। ଏଥି ପାଇଁ ବିଏମସି ପକ୍ଷରୁ ଅନୁମତି ପ୍ରଦାନ କରାଯାଉଛି। ଏବେ ବିଏମସି ଅଂଚଳରେ ୧୬୭ ଜଣ ଲୋକ ହୋମ ଆଇସୋଲେସନରେ ଅଛନ୍ତି। ସେହିଭଳି କୋଭିଡ୍ କେୟାର ସେଂଟରଗୁଡ଼ିକରେ ୧୫୦୦ ବେଡ୍ ବଢ଼ାଇବାର ଯୋଜନା ଚାଲିଛି। ଏବେ ୬ଟି ସ୍ଥାନରେ ୮୭୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ହୋମ୍ କରାଯାଇଛି।

# ଜୁଲାଇ ମାସ ଶେଷ ସପ୍ତାହଅନ୍ତ ସଟ୍‌ଡାଉନ୍

## ଆଗାମୀ କରୋନା କଟକଣାକୁ ନେଇ ଉତ୍ସୁକତା




ବାଲେଶ୍ୱର,୨୫।୭ (ନି.ପ୍ର): ସମ୍ପ୍ରତି ଦେଶରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଥମେ ଲକ୍ ଡାଉନ୍ ଓ ଅନ୍‌ଲକ୍-୧ପରେ ଚଳିତ ଜୁଲାଇ ମାସ ପହିଲାରୁ ଆରମ୍ଭ ହୋଇଥିଲା ଅନଲକ୍-୨। ତେବେ ଏଥିରେ କେନ୍ଦ୍ର ସରକାର କଟକଣା କିଛି କୋହଳ କରିଥିବା ବେଳେ ଓଡ଼ିଶାରେ ବାଲେଶ୍ୱର ସମେତ ଏକାଧିକ କରୋନା ପ୍ରବଣ ଜିଲ୍ଲାରେ ପୂର୍ବପରି ସପ୍ତାହ ଅନ୍ତ ଦୁଇଦିନିଆ ସଟ୍ ଡାଉନ୍ ବଳବତ୍ତର ରଖାଯାଇଥିଲା। ଆଜି ଥିଲା ଅନଲକ୍-୨ର ଶେଷ ସପ୍ତାହ ଅନ୍ତ ସଟ ଡାଉନର ପ୍ରଥମ ଦିନ। ବାଲେଶ୍ୱର ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି। ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରିଥିଲେ। ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିବା ସହ ଯାଞ୍ଚ ବି କରୁଥିଲେ। ଅନ୍ୟ ପକ୍ଷରେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲା। ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖୁଛନ୍ତି। ମୋଟ୍ ଉପରେ ସଚେତନ ଜିଲ୍ଲାବାସୀଙ୍କ ସହଯୋଗରୁ ବାଲେଶ୍ୱରରେ ଅନଲକ୍-୨ର ତୃତୀୟ ସପ୍ତାହ ପ୍ରଥମ ଦିନ ସଟ୍ ଡାଉନ୍ ବାଲେଶ୍ୱରରେ ବେଶ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ତେବେ ଜୁଲାଇ ମାସର ଅନଲକ୍-୨ ଅବଧି ଶେଷ ହୋଇ ଆସୁଥିବା ବେଳେ କରୋନା ସଂକ୍ରମଣ ବୃଦ୍ଧି ପାଇ ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ଅଗଷ୍ଟ ମାସରେ ସରକାରଙ୍କ କରୋନା କଟକଣା କଣ ରହିବ ତାହାକୁ ନେଇ ସାଧାରଣରେ ଉତ୍ସୁକତା ପରିଲକ୍ଷିତ ହୋଇଛି। ଦୀର୍ଘଦିନରୁ ବନ୍ଦ ରହିଥିବା ଶିକ୍ଷାନୁଷ୍ଠାନ, ସଭାଗୃହ ଓ ସିନେମାହଲ ପ୍ରଭୃତି ଚାଲୁ ହେବ କି ନାହିଁ, ତାହାକୁ ନେଇ ଉଠିଛି ପ୍ରଶ୍ନବାଚୀ। ତେବେ ବଢୁଥିବା କରୋନା ସଂକ୍ରମଣ ରୋକିବା ପାଇଁ ସବୁ ମହଲରୁ ସତର୍କତା ଅବଲମ୍ବନ ସହ ସାମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି।

# ବସ୍ତି ଅପେକ୍ଷା ଅଣବସ୍ତି ଅଂଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଧିକ : ବିଏମସି କମିସନର

ଭୁବନେଶ୍ୱର,୨୫।୭ (ନି.ପ୍ର): ବସ୍ତି ତୁଳନାରେ ଅଣବସ୍ତି ଅଂଚଳରେ କରୋନା ଭାଇରସ ଅଧିକ କାୟା ବିସ୍ତାର କରିଛି। ବସ୍ତି ଅଂଚଳରେ ଏବେ ମୋଟ ୨୦୧ ଜଣ ସଂକ୍ରମିତ ଠାବ ହୋଇଛନ୍ତି। କିନ୍ତୁ ଅଣବସ୍ତି ଅଂଚଳରୁ ୬୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବସ୍ତି ଅଂଚଳରେ ଅଳ୍ପ ସମୟ ମଧ୍ୟରେ କରୋନା ବିସ୍ତାର ଲାଭ କରିବାର ଆଶଙ୍କା ରହିଛି। ତେଣୁ ଏଥି ପାଇଁ ଆମର ଟିମ୍ ସତର୍କ ରହିଛନ୍ତି ବୋଲି ଭୁବନେଶ୍ୱର ମହାନଗର ନିଗମ କମିସନର ପ୍ରେମଚନ୍ଦ୍ର ଚୌଧୁରୀ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ବିଏମସି କମିସନର କହିଛନ୍ତି, ନିକଟରେ ମହିଷାଖାଲରେ ଏକକାଳୀନ ବହୁ ସଂଖ୍ୟାରେ ଲୋକ ସଂକ୍ରମିତ ଜଣାପଡ଼ିବା ପରେ କଂଟେନମେଂଟ ଜୋନ କରାଯାଇଛି। ଏଠାରେ ଶିବିର ଲଗାଇ ଟେଷ୍ଟିଂ କରାଯିବା ପରେ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜିର ଦିନରେ ଭୁବନେଶ୍ୱରରେ ୪ଟି କଂଟେନମେଂଟ ଜୋନ୍ କରାଯାଇଛି। ଭୁବନେଶ୍ୱରରେ ୮୦ ପ୍ରତିଶତରୁ ଅଧିକ ଆକ୍ରାନ୍ତ ଲକ୍ଷଣହୀନ ବିଏମସି କମିସନର କହିଛନ୍ତି। ଗୋଟିଏ ଶିକ୍ଷାଂଚଳରୁ ୬୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗାଇଡ୍ ଲାଇନ୍ ଭଙ୍ଗ କରିଥିବାରୁ ସମ୍ପୃକ୍ତ ଶିକ୍ଷକୁ ୭ ଦିନ ପାଇଁ ବନ୍ଦ ରଖାଯାଇଛି। ନିକଟରେ ଥିବା ୪ ଟି ଶିକ୍ଷକୁ ମଧ୍ୟ ୭ ଦିନ ପାଇଁ ବନ୍ଦ ରଖାଯାଇଛି। ଭୁବନେଶ୍ୱର ମହାନଗର ନିଗମର କମିଶନର କହିଛନ୍ତି ଯେ ମହାନଗର ଅଂଚଳରେ କୋଭିଡ୍ ଚିକିତ୍ସା ନିମନ୍ତେ ସମୁଦାୟ ୮୫ ଆଇସିୟୁ ଶଯ୍ୟା ସହିତ ୩୩୨୧ ଶଯ୍ୟାବିଶିଷ୍ଟ ସୁବିଧା ଉପଲବ୍ଧ ଅଛି। ସହରର ବିଭିନ୍ନ ସ୍ଥାନରେ ମୋଟ ୮୭୦ଟି ଶଯ୍ୟାବିଶିଷ୍ଟ ୬ଟି କୋଭିଡ୍ କେୟାର ହୋମ୍, ପଟିଆଠାରେ ୬୦ ଶଯ୍ୟାବିଶିଷ୍ଟ ଉତ୍ସର୍ଗୀକୃତ କୋଭିଡ୍ ହେଲଥ୍ ସେଂଟର, ହାଇଟେକ୍ ହସ୍‌ପିଟାଲ୍ ଠାରେ ୫୦୦ ଶଯ୍ୟାବିଶିଷ୍ଟ ଓ ଏସ୍ ଆଇଡିବିଆଇରେ ୪୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଂଟର, କିମସ୍ ରେ ୪୫ ଆଇସିୟୁ ଓ ୫୦୦ ଶଯ୍ୟା ତଥା ସମ୍ ହସ୍‌ପିଟାଲ୍ ରେ ୨୫ ଆଇ.ସି.ୟୁ ଓ ୫୦୦ ଶଯ୍ୟାବିଶିଷ୍ଟ ଉତ୍ସର୍ଗୀକୃତ କୋଭିଡ୍ ହସ୍‌ପିଟାଲ୍ କାର୍ଯ୍ୟ କରୁଛି। ଭୁବନେଶ୍ୱର ନିକଟବର୍ତ୍ତୀ ଗ୍ରାମାଂଚଳଗୁଡ଼ିକ ପାଇଁ ୮୨୬ ଶଯ୍ୟାର ଚିକିତ୍ସା ସୁବିଧା ରହିଛି। ଏହି ସବୁ ସୁବିଧା ସହିତ ବିଭିନ୍ନ ହସ୍ପିଟାଲ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ଶିକ୍ଷ ସଂସ୍ଥା, ଭୁବନେଶ୍ୱରର ତିନି ବିଧାୟକ ପାଣ୍ଠିର ଅନୁଦାନ ଓ ରେସିଡେନ୍‌ସିଆଲ ୱେଲ୍‌ଫେୟାର୍ ଆସୋସିଏସନ୍ ଗୁଡ଼ିକଙ୍କ ସହାୟତାରେ ଭୁବନେଶ୍ୱର ପାଇଁ ଅତିରିକ୍ତ ୧୫୦୦ ଶଯ୍ୟାର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ରୋଗ ପରୀକ୍ଷଣ ହୋଇନଥିବା ଅଥଚ ସନ୍ଦିଗ୍ଧ ରୋଗୀଙ୍କୁ ପ୍ରଥମେ କୋଭିଡ କେୟାର ହୋମ୍ କୁ ସ୍ଥାନାନ୍ତରଣ କରାଯାଉଛି। ଲକ୍ଷଣ ନ ଥିବା କୋଭିଡ ପଜିଟିଭ ଙ୍କ୍ ପାଇଁ ଗୃହ ସଂଗରୋଧ ପାଇଁ ପରାମର୍ଶ ଦିଆଯାଉଛି।

## ସମାଜସେବୀ ଓ ଅଧ୍ୟାତ୍ମିକବାଦି ଗୟାରାମ ଜେନାଙ୍କ ପରଲୋକ

ଜଳେଶ୍ୱର,୨୫।୭ (ନି.ପ୍ର): ଉତ୍ତର ବାଲେଶ୍ୱରର ଜଣେ ଶ୍ରେଷ୍ଠ ଆଧ୍ୟାତ୍ମୀକବାଦୀ, ଗୀତାବିତ୍, ସମାଜସେବୀ, ପରପୋକାରୀ, ମିଷ୍ଟଭାଷୀ ଓ ସଂଗଠକ ଜଳେଶ୍ୱରପୁର ଗ୍ରାମର ଗୟାରାମ ଜେନାଙ୍କ ୯୫ବର୍ଷ ବୟସରେ ଦିନ ୩ଟାରେ ପରଲୋକ ହୋଇଛି। ଭୋଗରାଇ ଅଂଚଳରେ ସେ ଘରେ ଘରେ ପରିଚିତ ଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ବେଳେ ବାଗରୁଖୀ ଜଗଧାତ୍ରୀ ପୂଜାମଣ୍ଡପର ସଭାପତି ଓ ପ୍ରତିଷ୍ଠାତା ସଦସ୍ୟ ଥିଲେ। ଆଜି ତାଙ୍କ ବିୟୋଗରେ ବିଭିନ୍ନ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଶଯ୍ୟାନିକଟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ୟେଷ୍ଠପୁତ୍ର ନଟବର ଜେନା, ନନ୍ଦକିଶୋର ଜେନା, ଅଧ୍ୟାପକ ନିକୁଞ୍ଜବିହାରୀ ଜେନା, ନାତି ଡ. ସିଦ୍ଧାର୍ଥ ସ୍ୱରୂପ ଜେନା, ଶାଶ୍ୱତ ସ୍ୱରୂପ ଜେନା, ଭଣଜା କେପ୍‌ଟେନ୍ ଅଶୋକ କୁମାର ଦାସ, ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଓ ସେ ଅଂଚଳର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ନିଜ ଗ୍ରାମ ବାଗରୁଖୀସ୍ଥିତ ଶ୍ମଶାନରେ ଜ୍ୟେଷ୍ଠପୁତ୍ର ନଟବର ଜେନା ମୁଖାଗ୍ନି ଦେଇଥିଲେ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୫।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୫୬୦ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି। ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୮୧୯୪ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୫୩, ବାଲେଶ୍ୱର ଜିଲ୍ଲାରେ ୮୦୮, ବରଗଡ ଜିଲ୍ଲାରେ ୩୪୫, ଭଦ୍ରକ ଜିଲ୍ଲାରେ ୫୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୩୧୩. ବୌଦ୍ଧ ଜିଲ୍ଲାରେ ୧୨୩, କଟକ ଜିଲ୍ଲାରେ ୧୬୧୪, ଦେବଗଡ ଜିଲ୍ଲାରେ ୭୦, ଢେଙ୍କାନାଳ ଜିଲ୍ଲାରେ ୧୫୨. ଗଜପତି ଜିଲ୍ଲାରେ ୯୦୯, ଜଗତସିଂହପୁର ଜିଲ୍ଲାରେ ୬୨୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୦୮୮, ଝାରସୁଗୁଡା ଜିଲ୍ଲାରେ ୨୭୩, କଳାହାଣ୍ଡି ଜିଲ୍ଲାରେ ୧୧୧, କନ୍ଧମାଳ ୩୫୩, କେନ୍ଦ୍ରାପଡା ଜିଲ୍ଲାରେ ୪୦୭, କେନ୍ଦୁଝର ଜିଲ୍ଲାରେ ୫୦୭, ଖୋର୍ଦ୍ଧା ଜିଲ୍ଲାରେ ୨୮୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୪୪୪, ମାଲକାନଗିରି ଜିଲ୍ଲାରେ ୩୮୧,

▶▶ପୃଷ୍ଠା ୭

# ଲିଙ୍ଗ ନିରୂପଣ ଅଧିନିୟମ ସମ୍ପର୍କିତ ବୈଠକ



ବାଲେଶ୍ୱର,୨୫।୭ (ନି.ପ୍ର): ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପଣ ଅଧିନିୟମର କାର୍ଯ୍ୟକାରୀ ନିମନ୍ତେ ଗଠିତ ଜିଲ୍ଲା ଉପଦେଷ୍ଟା କମିଟିର ଏକ ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ବୈଠକର ବିବରଣୀ ଉପସ୍ଥାପନ ସହିତ ସେଥିରେ ନିଆଯାଇଥିବା ବିଭିନ୍ନ ନିଷ୍ପତିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ମେସିନ ସଂଖ୍ୟାରେ ବୃଦ୍ଧି କରାଯାଇଥିବା ବେଳେ ନିୟମିତ ଭାବେ ରୋଗୀମାନଙ୍କର ପରୀକ୍ଷଣ ଯେପରି ବୃଦ୍ଧି ହୋଇ ପାରିବ ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା। ଅଲଟ୍ରାସାଉଣ୍ଡ ମେସିନର ପଞ୍ଜୀକରଣ, ନବୀକରଣ ଓ ବିକ୍ରି ପାଇଁ ଆବେଦନ କରିଥିବା କ୍ଲିନିକ ସମ୍ପର୍କରେ ସମୀକ୍ଷା, ନିୟମରେ ଖିଲାପ କରିଥିବା କ୍ଲିନିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ସେମାନଙ୍କର ପଞ୍ଜୀକରଣକୁ ବାତିଲ କରିବା ଏବଂ କୋଭିଡ-୧୯ ସଂକ୍ରମଣ ପରିସ୍ଥିତିରେ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକର ଭୂମିକା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କୋଭିଡ-୧୯ ସ୍ଥିତି ପାଇଁ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକର ନିୟମିତ ପରିଦର୍ଶନକୁ ଏବେ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଥିଲା।

▶▶ପୃଷ୍ଠା ୭

## ଗତ ୨୪ ଘଂଟାରେ ଦେଶରେ ୪୮୯୧୬ ଟି କରୋନାର ନୂଆ ମାମଲା: ୭୫୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୫।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୮୯୧୬ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଏହା ସହିତ କରୋନା ମାମଲା ସଂଖ୍ୟା ୧୩,୩୬,୮୬୧ କୁ ବୃଦ୍ଧି ପାଇଛି। ଗତ ୨୪ ଘଂଟା ମଧ୍ୟରେ ୭୫୭ ଜଣଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ୪୫୬୦୭୧ ସକ୍ରିୟ ରୋଗୀ ଅଛନ୍ତି। ଏଥି ସହିତ ବର୍ତ୍ତମାନ ସୁଦ୍ଧା ୩୧,୩୫୮ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୮୪୯୪୩୧ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

# ୬ଫୁଟ ଲମ୍ବର କାଳିନାଗ ଉଦ୍ଧାର : ସ୍ନେକ୍ ହେଲ୍ପ ଲାଇନ୍‌ରେ ଜଣଙ୍କୁ ନିଯୁକ୍ତି ଦାବି



ଜଳେଶ୍ୱର,୨୫।୭ (ନି.ପ୍ର): ଜଳେଶ୍ୱର ଫରେଷ୍ଟ ରେଞ୍ଜ ଅଧିନ ବିଭିନ୍ନ ସ୍ଥାନରେ ଘରୁ ଓ ଘର ନିକଟରୁ ବିଷଧର ସାପ ଦେଖା ଦେଉଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବାଲାଗି ସ୍ନେକ ହେଲ୍ପଲାଇନ୍‌ରେ କେହି ନିଯୁକ୍ତ ନାହାନ୍ତି। ଫଳରେ ବହୁ ବିଷଧର ସର୍ପ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି ଦୁଷ୍ପାପ୍ୟ ଜୀବଙ୍କୁ ରକ୍ଷା ଲାଗି ନିଯୁକ୍ତି ଅତ୍ୟାବଶ୍ୟକ ହୋଇଥିବା ବେଳେ ବାଲେଶ୍ୱର ଡିଭିଜନ୍‌ରେ କେହି ନ ଥିବାରୁ ଅସନ୍ତୋଷ ଦେଖା ଦେଉଛି। ଜଂଗଲ ବିଭାଗର କର୍ମଚାରୀମାନେ ଏପରି କାର୍ଯ୍ୟକୁ ଯିବାକୁ ରାଜି ହେଉନଥିବା ପ୍ରକାଶ। ଆଜି ଶନିବାର ରାଜଘାଟ ଗାଁର କାଳୀଚରଣ ନନ୍ଦଙ୍କ ଶୋଇବାଘରୁ ଏକ ୬ଫୁଟ ଲମ୍ବର କାଳିନାଗ ଦେଖା ଦେଇଥିଲା। ପରିବାର ଲୋକେ ଭୟଭିତ ହୋଇ ସାପଟିକୁ ମାରିଦେବାଲାଗି ଉଦ୍ୟତ ହେଉଥିବା ବେଳେ କାଳୀଚରଣ ଜଂଗଲ ବିଭାଗର କର୍ମଚାରୀ ସଂଜିବ ସେନାପତି ଓ ରେଞ୍ଜର ସରୋଜ କୁମାର ମହାନ୍ତିଙ୍କୁ ଖବର ପଠାଇଥିଲେ। ରେଜଂରଙ୍କ ନିର୍ଦ୍ଦେଶରେ ବନକର୍ମଚାରୀ ସଂଜିବ ସେନାପତି ଓ ଶିବ ମହାନ୍ତି ଘଟଣା ସ୍ଥଳକୁ ଯାଇ ସାପଟିକ ଉଦ୍ଧାକରି କୁଳଡିହା ଜଂଗଲରେ ଛାଡିଛନ୍ତି।

# ଜିଲ୍ଲାପାଳଙ୍କ କୋଭିଡ୍ କେୟାର ସେଣ୍ଟର ଓ ହସ୍‌ପିଟାଲ ପରିଦର୍ଶନ




ଭଦ୍ରକ,୨୫।୭ (ନି.ପ୍ର): ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଜି ଜିଲ୍ଲାର ବିଭିନ୍ନ କୋଭିଡ କେୟାର ସେଣ୍ଟର, ଟିଏମ୍‌ସି ଓ ଜିଲ୍ଲା କୋଭିଡ ହସ୍‌ପିଟାଲ ପରିଦର୍ଶନ କରି ଅନ୍ତେବାସୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଶେଷ ଭାବେ ଜିଲ୍ଲା କୋଭିଡ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଆକ୍ରାନ୍ତଙ୍କ ଖାଦ୍ୟପେୟ ସଂପର୍କରେ ପଚାରି ବୁଝିବା ସହିତ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରନ୍ଧାଖାଦ୍ୟକୁ ମଧ ଦେଖିଥିଲେ। ଜିଲ୍ଲାପାଳ ଡ. ଦାସ ଓଲଙ୍ଗ ସ୍ଥିତ କୋଭିଡ କେୟାର ସେଣ୍ଟରକୁ ଯାଇ ସେଠାକାର ପରିବେଶ ଦେଖି ବେଶ୍ ସନ୍ତୋଷ ପ୍ରକଟ କରିଥିଲେ। ଧାମନଗର ଦୋବଲ ମୁସ୍‌ଲିମ୍‌ସାହିର ଜଣେ ସଂଖ୍ୟାଲଘୁ ଅଙ୍ଗନୱାଡି କର୍ମୀ ସକିଲା ବେଗମ ଓ ତାଙ୍କ ପରିବାର ସଦସ୍ୟ ମାସ୍କ ତିଆରି କରି ଗରିବ ଲୋକଙ୍କୁ ମାଗଣାରେ ବଣ୍ଟନ କରୁଥିବା ନେଇ ସନ୍ତୋଷ ପ୍ରକଟ କରିଥିଲେ। ଜିଲ୍ଲାପାଳ ଡ. ଦାସ ଜିଲ୍ଲାର ସମସ୍ତ ଟିଏମସି, କୋଭିଡ କେୟାର ସେଣ୍ଟରରେ ରହୁଥିବା ଅନ୍ତେବାସୀମାନଙ୍କର ଯେପରି କୌଣସି ଅସୁବିଧା ନ ହେଉ, ସେ ନେଇ ନୋଡାଲ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହିତ ଅତିରକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜନସ୍ୱାସ୍ଥ୍ୟ, ସରପଞ୍ଚ, ବିଡିଓ ମଧ ସାମିଲ ହୋଇଥିଲେ।

# ପୌରପାଳିକା ପକ୍ଷରୁ 'ଉନ୍ନତି' ଯୋଜନାରେ ପ୍ରାଚୀର ଚିତ୍ରକଳା ଅଙ୍କନ



ବାଲେଶ୍ୱର,୨୫।୭ (ନି.ପ୍ର): କୋଭିଡ୍ ନିୟମ ପାଳନ ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍ ଓ ସଟ୍ ଡାଉନ୍ ସମୟରେ ଜୀବିକା ହରାଇଥିବା ଶ୍ରମଜୀବୀଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ନିମନ୍ତେ ବାଲେଶ୍ୱର ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ 'ଉନ୍ନତି' ଯୋଜାନା ଅନ୍ତର୍ଗତ ସହରାଞ୍ଚଳ ଶ୍ରମ ଭିତ୍ତିକ କର୍ମ ନିଯୁକ୍ତି କାର୍ଯ୍ୟକ୍ରମରେ ସହରର ସୌନ୍ଦର୍ଯ୍ୟୀକରଣ ପାଇଁ ପୌରପାଳିକା ପକ୍ଷରୁ ଏବେ ପ୍ରାଚୀରମାନଙ୍କରେ ଚିତ୍ରକଳା ଅଙ୍କନ ହେଉଅଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ୱାର୍ଡ଼ର ସକ୍ରିୟ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ଏସଏଚଜିମାନେ ଚିତ୍ରଶିଳ୍ପୀଙ୍କୁ ସାମିଲ କରି ବିଭିନ୍ନ ସଚେତନତା ଭିତ୍ତିକ ଚିତ୍ରକଳା ଅଙ୍କନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ୨୯ ନଂ ୱାର୍ଡ଼ର ମାଆ ସାରଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉମଙ୍ଗ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚିତ୍ରକଳା ଆଙ୍କିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ସ୍ଥାନୀୟ କଳାକାରଙ୍କୁ ଏଥିରେ ନିୟୋଜିତ କରିଛନ୍ତି। ବିଶେଷ କରି ସ୍ୱଚ୍ଛ ଭାରତ ଅଭିଯାନ, କରୋନା ପ୍ରରୋଧ, ବୃକ୍ଷରୋପଣ, କନ୍ୟା ଭ୍ରୁଣ ନଷ୍ଟ ନକରିବା, ନାରୀ ସଶକ୍ତିକରଣ, ନାରୀ ଶିକ୍ଷା, ପରିବେଷ ସୁରକ୍ଷା, ଉତ୍କଳୀୟ କଳା ଓ ସଂସ୍କୃତି ଆଦି ବିଷୟକୁ ଶିଳ୍ପୀମାନେ ଚିତ୍ର ଆଙ୍କୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତା କହିଛନ୍ତି। ତେବେ ପୌରପାଳିକା ଅଞ୍ଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ଏହି କର୍ମ ନିଯୁକ୍ତି କାର୍ଯ୍ୟକୁ ତଦାରଖ କରୁଛନ୍ତି ଗୋଷ୍ଠୀ ସଂଗଠିକା ଚନ୍ଦ୍ରକାନ୍ତୀ ରାଉତ। ଉମଙ୍ଗ ଏସଏଚଜିର ସଭାପତି ଶକୁନ୍ତଳା ସେଠୀ, ସମ୍ପାଦିକା ସୁଚିସ୍ମିତା ସାହୁ, ସୁଜାତା ମହାନ୍ତି, ପ୍ରୀତିରେଖା ସେଠୀ, ବାସନ୍ତି ସେଠୀ, ନୀଲମ ସାହୁ, ମୀନତି ସାହୁ, ଅନୀତା ଦାଶ, ରଂଜିତା ପଟ୍ଟନାୟକ ଏବଂ ମା ଶାରଳା ଏସଏଚଜିର ସଭାପତି ଗୀତାଞ୍ଜଳି ପଟ୍ଟନାୟକ, ସମ୍ପାଦିକା ଭକ୍ତିଲତା ଦାସ, କବିତା ବେରା, କନକଲତା ବାରିକ, ସାବିତ୍ରୀ ବାରିକ, ରୀତାରାଣୀ ସେଠୀ, ମଞ୍ଜୁରୀ ବେହେରା, ସୁକାନ୍ତି ଦାସ ଓ ଅହଲ୍ୟା ବିନ୍ଧାଣୀ ପ୍ରମୁଖ ଏହି କର୍ମନିଯୁକ୍ତି ଯୋଜନାରେ ସାମିଲ ହୋଇଛନ୍ତି।

# ଓମାନ୍‌ରେ ଓଡିଆ ଯୁବକ ଗୁରୁତର୍ କରୋନା ସଂକ୍ରମିତ

## ମାନବିୟ ସହାୟତା ଲାଗି ସ୍ତ୍ରୀର ଆକୁଳ ନିବେଦନ : ସରକାରଙ୍କୁ ନିବେଦନ

ଜଳେଶ୍ୱର,୨୫।୭ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ବ୍ଲକର କଳିକାପୁର ଗାଁର ଅନନ୍ତ ବେହେରାଙ୍କ ବଡପୁଅ ଧନଞ୍ଜୟ ବେହେରା ଓମାନ୍ ରାଷ୍ଟ୍ରର ରାଜଧାନୀ ମସ୍କଟରେ ଏକ କମ୍ପାନୀରେ ୨୦୧୬ରୁ କାର୍ଯ୍ୟକରି ଆସୁଥିଲେ। କିନ୍ତୁ ଗତ ୪-୬-୨୦ରେ ତାଙ୍କ ସ୍ୱାବ ଟେଷ୍ଟରେ କରୋନା ପଜେଟିଭ୍ ଆସିଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ତାଙ୍କୁ ୪-୭-୨୦ରେ ସୂଚନା ଦେବା ସହିତ ସେଠାକାର କ୍ୱାରାଣ୍ଟିନ୍‌ରେ ରହିବାର ବ୍ୟବସ୍ଥା କରିଥିଲେ। ଗତ ଜୁଲାଇ ୧୦ତାରିଖରେ ସେଠାକାର କ୍ୱାରାଣ୍ଟାଇନ୍ ସେ ଗୁରୁତର ହେବାରୁ ତାଙ୍କୁ ସେଠାକାର କୋଭିଡ୍ ହସ୍‌ପିଟାଲ ରେନାଇସାନ୍‌ସ୍‌ର ଆଇସିୟୁର ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କର ଅବସ୍ଥା ସଂକଟାପନ୍ନ ରହିଛି ବୋଲି ତାଙ୍କ ସ୍ତ୍ରୀ ସ୍ରୋତସ୍ୱିନୀ ବେହେରା, ଦାଦା ଅଭୟ ବେହେରା, ଗାଁ ମୁଖ୍ୟ ଅନୀଲ ମହାନ୍ତି ଓ ବର୍ତ୍ତନାର ସରପଂଚ ପଦ୍ମଲୋଚନ ବେହେରା ଆଜି ଶନିବାର ଗଣମାଧ୍ୟମାଧମର ଦୃଷ୍ଟି ଆକର୍ଷଣ କରିଛନ୍ତି। କଂଗ୍ରେସ ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ ଓ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଧନଞ୍ଜୟଙ୍କ ଚିକିତ୍ସା ଲାଗି ଦୁବାଇ ଓ ଓମାନ୍‌ରେ ଥିବା ଓଡିଆ ସମାଜ ସହିତ ଯୋଗାଯୋଗ କରିଛନ୍ତି। କିନ୍ତୁ ସେଠାକାର ଭାରତୀୟ ଦୂତାବାସ ସହିତ ରାଜ୍ୟ ସରକାର ଓ ବାଲେଶ୍ୱର ଜିଲାପାଳ ଯୋଗାଯୋଗ କରି ମାନବୀୟ ସହାୟତାର ହାତବଢାଇ ଧନଞ୍ଜୟ ବେହେରାଙ୍କ ଚିକିତ୍ସା ଓ ଓଡିଶାକୁ ଫେରାଇ ଆଣିବାର ବନ୍ଦୋବସ୍ତ କରିବାକୁ ପରିବାର ପକ୍ଷରୁ ଆକୁଳ ନିବେଦନ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo